ମୃଚ୍ଛକଟିକ
ଓ
ମୁଦ୍ରା ରାକ୍ଷସ

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ମୃଚ୍ଛକଟିକ ଓ ମୁଦ୍ରାରାକ୍ଷସ

ଅନୁବାଦକ :

ଅଧ୍ୟାପକ ଶ୍ରୀଧରଦାସ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

[This book has been printed in paper made available by the Govt. of India at concessional rate.]

ପ୍ରକାଶକ :

ଅଭିରାମ ମହାପାତ୍ର

ଗ୍ରନ୍ଥ ମନ୍ଦିର

କଟକ-୨ : ବ୍ରହ୍ମପୁର-୧

ମୁଦ୍ରକ :

ଜୟରାମ ମହାପାତ୍ର

ଗ୍ରନ୍ଥ ପ୍ରକାଶିନୀ

ସୂତାହାଟ, କଟକ-୧

ନୂତନ ମୁଦ୍ରଣ :

ଜୁନ୍, ୧୯୭୬

ମୂଲ୍ୟ : ଟ ୩-୦୦

Digitized by srujanika@gmail.com

ମାଟିଶଗଡ଼

ଏକ

ଅନେକ ଦିନ ତଳର କଥା । ଉଜ୍ଜୟିନୀ ରାଜ୍ୟ ସେ କାଳରେ ଧନଧାନ୍ୟରେ ପୂରିରହିଥିଲା । ରାଜଧାନୀର ନାମ ଥିଲା ଉଜ୍ଜୟିନୀ । ରାଜା ପାଳକ ଉଜ୍ଜୟିନୀରେ ରହି ରାଜ୍ୟ ଶାସନ କରୁଥିଲେ । ନାମଟି ପାଳକ ହେଲେହେଁ ସେ ପ୍ରଜାପାଳକ ନ ଥିଲେ; ବରଂ ଅତ୍ୟନ୍ତ ପ୍ରଜାପୀଡ଼କ ଥିଲେ । ତେଣୁ ରାଜ୍ୟର ସମସ୍ତେ ତାଙ୍କୁ ମନେ ମନେ ଘୃଣା କରୁଥିଲେ; ମାତ୍ର ଦଣ୍ଡ ଭୟରେ କେହି କିଛି କହିବାକୁ ସାହସ କରୁ ନଥିଲେ ।

ରାଜାଙ୍କର ସଂସ୍ଥାନକ ବୋଲି ଜଣେ ଶ୍ୟାଳକ ଥିଲା । ରାଜାଙ୍କର ଶ୍ୟାଳକ ହୋଇଥିବାରୁ ତାର କାହାରିକୁ ଭୟ ନ ଥାଏ । ତା'ପରି ଦୁଷ୍ଟଚରିତ୍ର ଲୋକ ଜଗତରେ ବିରଳ । ଯଥେଚ୍ଛାଚାରୀ ରାଜା ଓ ଦୁଷ୍ଟଚରିତ୍ର ରାଜଶ୍ୟାଳକର ଅତ୍ୟାଚାରରେ ପ୍ରଜାମାନେ ନିଷ୍ପେଷିତ ହୋଇଯାଉଥିଲେ । କାହାରି ଧନ ଜୀବନ, ମାନ ମହତ ନିରାପଦ ନ ଥିଲା; କିନ୍ତୁ ସଂସ୍ଥାନକ ବିରୁଦ୍ଧରେ ରାଜାଙ୍କ ନିକଟରେ କେହି ଅଭିଯୋଗ କରିବାକୁ ମଧ୍ୟ ଇଚ୍ଛା କରୁ ନଥିଲେ । ପାଳକପରି ଅତ୍ୟାଚାରୀ ରାଜାଙ୍କଠାରୁ ନ୍ୟାୟ ବିଚାର ମିଳିବା ଦୂରେ ଥାଉ, ବରଂ ଅତ୍ୟାଚାର ବଢ଼ିବାର ଆଶଙ୍କା ଯଥେଷ୍ଟ ଥିଲା । ଏପରି ଅବସ୍ଥାରେ ପଡ଼ି ପ୍ରଜାମାନେ ଅସନ୍ତୁଷ୍ଟ ହୋଇ ଗୋପନରେ ପାଳକଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଥିଲେ ।

Digitized by srujanika@gmail.com

ବସନ୍ତସେନା ଉଜ୍ଜୟିନୀର ଜଣେ ବିଖ୍ୟାତ ନର୍ତ୍ତକୀ । ତାଙ୍କ ପରି ସୁନ୍ଦରୀ ସେ କାଳରେ ଏକା ଉଜ୍ଜୟିନୀ କାହିଁକି, ସମଗ୍ର ଭାରତରେ ମିଳିବା କଠିନ । ତାଙ୍କର ରୂପ ଯେପରି, ଗୁଣ ମଧ୍ୟ ସେହିପରି । ନୃତ୍ୟଗୀତରେ ସେ ବଡ଼ ନିପୁଣା । ଅଭିନୟରେ ତାଙ୍କର ସମକକ୍ଷ କେହି ନ ଥିଲେ । ଏହି ନୃତ୍ୟଗୀତ ଓ ଅଭିନୟ କରିବା ତାଙ୍କର ବ୍ୟବସାୟ ଥିଲା ଓ ତଦ୍ଦ୍ୱାରା ସେ ଲକ୍ଷ ଲକ୍ଷ ଟଙ୍କା ଅର୍ଜୁଥିଲେ । ସହରର ଧନୀ ଓ ଗୁଣୀ ଲୋକେ ତାଙ୍କର ନୃତ୍ୟ ଦେଖି ଓ ତାଙ୍କ ସଙ୍ଗେ ସଙ୍ଗୀତ-ସାହିତ୍ୟ ପ୍ରଭୃତିର ଆଲୋଚନା କରି ଯଥେଷ୍ଟ ଆନନ୍ଦ ପାଉଥିଲେ ।

ସେହି ଉଜ୍ଜୟିନୀରେ ଚାରୁଦତ୍ତ ନାମରେ ଜଣେ ଦରିଦ୍ର ବ୍ରାହ୍ମଣ ଯୁବକ ଥିଲେ । ସେ ଦେଖିବାକୁ ଯେପରି ସୁପୁରୁଷ ଥିଲେ ସେହିପରି ପାଣ୍ଡିତ୍ୟ, ଦୟା, ଦାକ୍ଷିଣ୍ୟ ପ୍ରଭୃତି ଗୁଣରେ ପରିପୂର୍ଣ୍ଣ ଥିଲେ; କିନ୍ତୁ ଦରିଦ୍ରମାନଙ୍କୁ ଦାନ ଦେବା ଓ ପରିଜନମାନଙ୍କୁ ସାହାଯ୍ୟ କରିବାରେ ତାଙ୍କର ସମସ୍ତ ଧନ ବ୍ୟୟିତ ହୋଇଯାଉ-ଥିଲା । ତାଙ୍କପରି ଉଦାର ଓ ସଚ୍ଚରିତ୍ର ଲୋକ ବାସ୍ତବିକ ବିରଳ ଥିଲେ । ସଙ୍ଗୀତ ସାହିତ୍ୟ ପ୍ରଭୃତିକୁ ସେ ଅତ୍ୟନ୍ତ ଆଦର କରୁଥିଲେ । ଏହିସବୁ ଗୁଣ ଥିବାରୁ ଅତି ଦରିଦ୍ର ହୋଇଯାଇ-ଥିଲେ ସୁଦ୍ଧା ଚାରୁଦତ୍ତ ଲୋକସାଧାରଣଙ୍କର ଭକ୍ତି ଓ ସମ୍ମାନ ଲାଭ କରୁଥିଲେ ।

ଦରିଦ୍ର ହୋଇଯିବାରୁ ଚାରୁଦତ୍ତ ନିଜର ଭୃତ୍ୟମାନଙ୍କୁ ବିଦାୟ ଦେଇଥିଲେ । କେବଳ ରଦନିକା ନାମରେ ଜଣେ ଦାସୀ ଓ ତାଙ୍କର ପ୍ରିୟ ବୟସ୍ୟ ମୈତ୍ରେୟ ଚାରୁଦତ୍ତଙ୍କୁ ଛାଡ଼ି ଯାଇ ନ ଥିଲେ । ସେ ଦୁହେଁ ଚାରୁଦତ୍ତଙ୍କ ପରିବାରର ଗୋଟିଏ ଗୋଟିଏ ଅଙ୍ଗ ହୋଇପଡ଼ିଥିଲେ ।

Digitized by srujanika@gmail.com

ଚାରୁଦତ୍ତଙ୍କ ପତ୍ନୀଙ୍କର ନାମ ଧୂତା । ସେ ଅତ୍ୟନ୍ତ ପତିପରାୟଣା ଥିଲେ ଓ ପତିଙ୍କର ସଦଗୁଣରେ ନିଜକୁ ଗୌରବାନ୍ୱିତ ମନେ କରୁଥିଲେ । ଚାରୁଦତ୍ତଙ୍କର ଏକମାତ୍ର ପୁଅର ନାମ ରୋହସେନ । ଦାରିଦ୍ର୍ୟ ହେତୁ ଚାରୁଦତ୍ତଙ୍କ ପରିବାରଟି ବଡ଼ କଷ୍ଟରେ ଚଳୁଥିଲା ସତ; କିନ୍ତୁ ସର୍ବତ୍ର ତାଙ୍କର ସୁନାମ ଥିଲା ।

ଦୁଇ

ବସନ୍ତସେନାଙ୍କର ସୌନ୍ଦର୍ଯ୍ୟରେ ଆକୃଷ୍ଟ ହୋଇ ସଂସ୍ଥାନକ ତାଙ୍କୁ ପାଇବାକୁ ଚେଷ୍ଟା କଲା; କିନ୍ତୁ ତାର ମନ୍ଦ ସ୍ୱଭାବ ଦେଖି ବସନ୍ତସେନା ତାକୁ କୁକ୍କୁରଠାରୁ ହୀନ ମନେ କରୁଥିଲେ । ସଂସ୍ଥାନକ ବସନ୍ତସେନାଙ୍କୁ ପାଇବାପାଇଁ ପ୍ରଚୁର ଟଙ୍କାସୁନାର ଲୋଭ ଦେଖାଇଲା; କିନ୍ତୁ କିଛି ଫଳ ହେଲା ନାହିଁ । ଅନ୍ୟ ଉପାୟ ନ ଦେଖି ସେ ବଳପୂର୍ବକ ବସନ୍ତସେନାଙ୍କୁ ଧରିନେବାର ଆୟୋଜନ କଲା ।

ଥରେ ସନ୍ଧ୍ୟା ସମୟରେ ବସନ୍ତସେନା ରାଜପଥରେ ଯାଉଥିଲେ । ସଂସ୍ଥାନକ ଏହା ଜାଣିପାରି ତାର ଜଣେ ବନ୍ଧୁ ଓ ଜଣେ ଭୃତ୍ୟ ସହିତ ତାଙ୍କର ଅନୁସରଣ କଲା ।

ସଂସ୍ଥାନକ ପଛରେ ଆସୁଥିବାର ଦେଖି ବସନ୍ତସେନା ଚଞ୍ଚଳ ପଦକ୍ଷେପରେ ଯିବାକୁ ଲାଗିଲେ । ସଂସ୍ଥାନକ ଡାକିଲା, "ବସନ୍ତସେନା, ଏପରି ବେଗରେ କୁଆଡ଼େ ଯାଉଛ ? ମୁଁ ତୋତେ ମାରି ପକାଉନାହିଁ । ପ୍ରେମର ଜ୍ୱାଳାରେ ମୋ ହୃଦୟ ପୋଡ଼ି ଯାଉଛି । ମୋଠାରେ ଦୟା କର । କି ବନରେ, କି ରାତିରେ,

Digitized by srujanika@gmail.com

କି ସ୍ୱପ୍ନରେ, କି ଜାଗରଣରେ ମୁଁ ତୋରି କଥା ଭାବୁଛି । ମୋତେ ଦୟା କର ।”

ବସନ୍ତସେନା ଅଧିକ ବେଗରେ ଗମନ କରନ୍ତେ ତାଙ୍କ ଦାସଦାସୀମାନେ ଅନେକ ପଛରେ ରହିଗଲେ । ଏଣେ ସଂସ୍ଥାନକ ତାଙ୍କର ନିକଟତର ହୋଇ ଆସୁଥାଏ । ତାର ଅନୁନୟ ବାକ୍ୟ ଶୁଣି ମଧ୍ୟ ବସନ୍ତସେନାଙ୍କର ଭୟ ହେଲା ।

ଅନ୍ଧାର ମାଡ଼ି ଆସୁଥାଏ । ବସନ୍ତସେନା କିପରି ଆତ୍ମରକ୍ଷା କରିବେ ଚିନ୍ତା କରି ବେଗରେ ଯାଉଥାଆନ୍ତି । ସଂସ୍ଥାନକ ଶେଷରେ ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହୁଅନ୍ତେ ସେ ଅନୁରୋଧ କରି କହିଲେ, “ବଳାତ୍କାରରେ କେହି କାହାର ବଶ ହୁଏନାହିଁ । ଗୁଣ ହିଁ ଅନୁରାଗର କାରଣ ।”

ସଂସ୍ଥାନକ କହିଲା, “ଏ ଦୁଷ୍ଟା ବେଶ୍ୟା ଚାରୁଦତ୍ତକୁ ଭଲପାଏ ।” ତାର ବନ୍ଧୁ କହିଲା, “ବାମପାଖରେ ଚାରୁଦତ୍ତଙ୍କ ଘର ।” ଏ କିପରି ଆମ ହାତରୁ ଖସି ନ ଯିବ ତାର ଚେଷ୍ଟା କରିବା ଉଚିତ ବୋଲି ସଂସ୍ଥାନକ ସେ ଦୁହିଁଙ୍କୁ ପରାମର୍ଶ ଦେଲା ।

ଏହା କହିବାଦ୍ୱାରା ବସନ୍ତସେନାଙ୍କର ଯଥେଷ୍ଟ ଉପକାର ହେଲା । ସେ ଅନ୍ଧକାରର ସୁବିଧା ନେଇ ଚାରୁଦତ୍ତଙ୍କ ଅଗଣାକୁ ପଶିଗଲେ ।

ଠିକ୍ ସେତିକିବେଳକୁ ମୈତ୍ରେୟ ଓ ରଦନିକା କେତେକ ପୂଜାଦ୍ରବ୍ୟ ନେଇ ଦୁଆର ଫିଟାଇ ଦାଣ୍ଡକୁ ବାହାରିଥିଲେ । ରଦନିକାର ହାତରେ ଦୀପ ଥିଲା । ଦ୍ୱାର ପାଖରେ ବସନ୍ତସେନା ଅଗଣାକୁ ପଶିଯିବାବେଳେ ପଣନ୍ତକାନିରେ ଦୀପଟି ଲିଭାଇଦେଲେ । ମୈତ୍ରେୟ ପୁଣି ଦୀପ ଲଗାଇବାକୁ ଘରକୁ ଗଲେ । ରଦନିକା ବାହାରେ ଠିଆ ହୋଇ ରହିଲା ।

Digitized by srujanika@gmail.com

ସଂସ୍ଥାନକ ବସନ୍ତସେନାଙ୍କୁ ଧରିବ ବୋଲି ତାଙ୍କ ପଛେ ପଛେ ଧାଇଁଥିଲ । ସେ ରଦନିକାକୁ ବସନ୍ତସେନା ମନେକରି ଧରିପକାଇଲା । ରଦନିକା ଚିତ୍କାର କରି ଉଠିଲା । ଏହି ସମୟରେ ମୈତ୍ରେୟ ଦୀପ ନେଇ ଆସି ପହଞ୍ଚିବାରୁ ରଦନିକା ତାଙ୍କୁ ସମସ୍ତ ଘଟନା କହିଲା । ମୈତ୍ରେୟ ସଂସ୍ଥାନକକୁ ଦେଖି କ୍ରୁଦ୍ଧ ହୋଇ କହିଲେ, "ତୁ ଏଡେ ଦୁଷ୍ଟ ବୋଲି ଜାଣି ନଥିଲି । ଆଜ ଆର୍ଯ୍ୟ ଚାରୁଦତ୍ତ ଦରିଦ୍ର ସତ୍ୟ; କିନ୍ତୁ ଏ ଉଜ୍ଜୟିନୀରେ ତାଙ୍କର ଗୁଣ କିଏ ଜାଣେ କଏ ? ତାଙ୍କ ଘରେ ପଶି ତାଙ୍କର ଦାସ-ଦାସୀଙ୍କ ଉପରେ ତୁ ଅତ୍ୟାଚାର କରୁଛୁ ?"

ସଂସ୍ଥାନକ ସହିତ ଯେଉଁ ଭୃତ୍ୟଟି ଯାଇଥିଲା, ସେ ଅନ୍ଧ ବିନୟରେ ନିଜର ଖଡ଼୍ଗଟି ତଳେ ରଖି ମୈତ୍ରେୟଙ୍କ ପାଦତଳେ ପଡ଼ି କହିଲା, "କ୍ଷମା କରନ୍ତୁ । ଜଣେ ବେଶ୍ୟାକୁ ଧରିବାକୁ ଯାଇ ଏ ଭ୍ରମ ହୋଇଯାଇଛି । ଆଜ ଏ କଥା ଚାରୁଦତ୍ତଙ୍କୁ କହିବେ ନାହିଁ । ଏତିକି ଆମର ଅନୁରୋଧ ।"

କିନ୍ତୁ ସଂସ୍ଥାନକ ରାଗିଯାଇ କହିଲା, "ଏ ଦୁଷ୍ଟ ବ୍ରାହ୍ମଣର ପାଦତଳେ ପଡ଼ି ଏପରି ଅନୁନୟ କରୁଛୁ କାହିଁକି ? ଯାହା ଘରେ ବେଳାଏ ଖାଇବାକୁ ନ ଥାଏ, ସେଇ ଛାର ଚାରୁଦତ୍ତକୁ ମୋର ଏତେ ଭୟ !"

ଭୃତ୍ୟ ସଂସ୍ଥାନକୁ ଫେରିଯିବାକୁ ଅନୁରୋଧ କଲା; କିନ୍ତୁ ବସନ୍ତସେନାଙ୍କୁ ନ ପାଇଲେ ସେ ଯିବାକୁ ଅସ୍ୱୀକୃତ । ଭୃତ୍ୟ ଚାଲିଗଲା ।

ଏବେ ସଂସ୍ଥାନକର ସବୁ କ୍ରୋଧ ମୈତ୍ରେୟ ଉପରେ । ସେ ଭୟ ଦେଖାଇ କହିଲା, "ଆରେ ଦୁଷ୍ଟ ବ୍ରାହ୍ମଣ ! ଯା, ସେ ଚାରୁଦତ୍ତକୁ କହିବୁ, ସୁନା ଅଳଙ୍କାର ପିନ୍ଧି ଯାଇଥିବା

Digitized by srujanika@gmail.com

ବସନ୍ତସେନାଙ୍କୁ ଆମେ ବଳାତ୍କାର କରି ନେବାକୁ ବସିଥିଲୁ । ସେ ନୋକ ଯାଇ ତା ଘରେ ପଶିଛି । ତାକୁ ଯଦି ନଜେ ନେଇ ମୋ ହାତରେ ଦେଇଦେବ ତେବେ ସାମାନ୍ୟ ଦଣ୍ଡ ଦଆଇ ଛାଡ଼ଦେବ । ତା ନ ହେଲେ ଏ ମୋର ମରଣାନ୍ତକ ଶତ୍ରୁ ।” ଏହା କହି ସଂସ୍ଥାନକ ଚାଲିଗଲା ।

ଚାରୁଦତ୍ତ ବସନ୍ତସେନାକୁ ଅଗଣାରେ ଦେଖି ତାଙ୍କୁ ରଦନିକା ବୋଲି ଭାବି କହିଲେ, “ଯା ସନ୍ଧ୍ୟା ହେଲାଣି । ପୁଅକୁ ଶୀତ ହେଉଥିବ । ଏ ଚଦରଟି ନେଇ ଘୋଡ଼ାଇ ଦେ ।”

ବସନ୍ତସେନା ଚାରୁଦତ୍ତଙ୍କୁ କ ଉତ୍ତର ଦେବେ ସ୍ଥିର କରିପାରିଲେ ନାହିଁ । ଏହି ସମୟରେ ରଦନିକା ଓ ମୈତ୍ରେୟ ଉପସ୍ଥିତ । ତହୁଁ ଚାରୁଦତ୍ତ ବିସ୍ମିତ ହୋଇ କହିଲେ, “ତେବେ ଏ ସ୍ତ୍ରୀଲୋକଟି କଏ ?”

ବସନ୍ତସେନା କପରି ସେଠାକୁ ଆସିଥିଲେ ଓ ସଂସ୍ଥାନକ କପରି ତାଙ୍କୁ ଭୟ ଦେଖାଇଥିଲା; ସେ ସବୁ ଘଟଣା ମୈତ୍ରେୟ ବର୍ଣ୍ଣନା କରିଗଲେ ।

ବସନ୍ତସେନାଙ୍କୁ ନଜର ଦାସୀ ରଦନିକା ମନେ କରିଥିବାରୁ ଚାରୁଦତ୍ତ କ୍ଷମା ମାଗିଲେ । କନ୍ତୁ ବସନ୍ତସେନା କହିଲେ, “ବରଂ ମୁଁ ଅପରାଧିନୀ । ଆପଣଙ୍କର ଏ ସ୍ଥାନକୁ ଆସିବାପାଇଁ ମୁଁ ଅଯୋଗ୍ୟା; ମୋତେ କ୍ଷମା କରନ୍ତୁ । ଆର୍ଯ୍ୟ, ଏପରି ସମୟରେ ମୋ ପକ୍ଷରେ ଏଠାରେ ରହିବା ଅନୁଚିତ । ମୋ ଦେହରେ ଯେଉଁ ଅଳଙ୍କାର ଅଛି, ତା’ର ଲୋଭରେ ଏ ଦୁଷ୍ଟଗୁଡ଼ାକ ମୋ ପଛରେ ଧାଇଁଛନ୍ତି । ଦୟାକରି ଏଗୁଡ଼କ ଆପଣଙ୍କ ଘରେ ରଖିଥାନ୍ତୁ ।”

ଚାରୁଦତ୍ତଙ୍କ ନର୍ଦ୍ଦେଶକ୍ରମେ ମୈତ୍ରେୟ ଅଳଙ୍କାରଗୁଡ଼କ ନେଇ ଘରେ ରଖିଲେ ।

Digitized by srujanika@gmail.com

ତତ୍ପରେ ଚାରୁଦତ୍ତ ବସନ୍ତସେନାଙ୍କୁ ତାଙ୍କ ଘରେ ଛାଡ଼ି-ଦେବାକୁ ଗଲେ । ସେତେବେଳକୁ ଚନ୍ଦ୍ର ଉଇଁଥାନ୍ତି, ବାଟରେ କିଛି ଅସୁବିଧା ଘଟିଲା ନାହିଁ ।

ଘରିରେ ମୈତ୍ରେୟ ଅଳଙ୍କାରଗୁଡ଼ିକ ଗୋଟିଏ ପାତ୍ରରେ ପୂରାଇ ନିଜ ବିଛଣା ପାଖରେ ରଖି ଶୋଇଲେ ।

ତିନି

ବସନ୍ତସେନା ଚାରୁଦତ୍ତଙ୍କର ରୂପ ଓ ଗୁଣରେ ମୁଗ୍ଧ । ତାଙ୍କରି ବିଷୟ ଚିନ୍ତା କରି ସେ ଦିନେ ବସିଛନ୍ତି, ଏହି ସମୟରେ ସଂବାହକ ନାମରେ ଜଣେ ଲୋକ ଆସି ତାଙ୍କ ପାଖରେ ଉପସ୍ଥିତ ହୋଇ କହିଲା, "ଆର୍ଯ୍ୟେ ! ମୋତେ ରକ୍ଷା କରନ୍ତୁ । ମୁଁ ଆପଣଙ୍କ ଶରଣ ପଶୁଛି ।" ବସନ୍ତସେନା ତାକୁ ଅଭୟ ଦେଇ ତାର ଏପରି ଭୟର କାରଣ ପଚାରିଲେ । ତହୁଁ ସେ କହିଲା, "ପାଟଳିପୁତ୍ର ହେଉଛି ମୋର ଜନ୍ମଭୂମି । ମୋର ସ୍ତ୍ରୀ ପୁତ୍ର ପ୍ରଭୃତି ଅଛନ୍ତି । ମୁଁ ପରର ସେବା କରି ଚଳୁଥିଲି । ଭିକ୍ଷୁକମାନଙ୍କଠାରୁ ନାନା ବିଦେଶର କଥା ଶୁଣି ବିଦେଶ ଦେଖିବା ଉଦ୍ଦେଶ୍ୟରେ ଏଠାକୁ ଆସିଥିଲି । ଏହି ଉଜ୍ଜୟିନୀରେ ଜଣେ ଭଦ୍ରଲୋକଙ୍କ ପାଖେ ମୋତେ ଚାକିରି ମିଳିଗଲା । ସେ ଦେଖିବାକୁ ଯେପରି ସୁନ୍ଦର, ସେହିପରି ମଧୁରଭାଷୀ । ଦାନ କରିବାରେ ତାଙ୍କର ବହୁଧନ ବ୍ୟୟିତ ହୁଏ; କିନ୍ତୁ ସେ କେଉଁଠାରେ ତାହା ପ୍ରକାଶ କରନ୍ତି ନାହିଁ । ପରର ଉପକାର କରିବାକୁ ସେ ସବୁବେଳେ ଆଗଭର । ତାଙ୍କର ନାମ ଚାରୁଦତ୍ତ । କେହି ତାଙ୍କର ଅପକାର କଲେ, ସେ କଥା ଧରନ୍ତି ନାହିଁ । ଶରଣାଗତଙ୍କୁ ଆଶ୍ରୟ ଦେବା ତାଙ୍କ ମତ । କିନ୍ତୁ ସର୍ବସ୍ୱ ଦାନକରି

Digitized by srujanika@gmail.com

ସେ ଏବେ ନିତାନ୍ତ ଦରିଦ୍ର ହୋଇଯାଇଛନ୍ତି । ତେଣୁ ମୁଁ ତାଙ୍କ ପାଖରେ ନ ରହି ଜୁଆ ଖେଳିବାରେ ଲାଗିଲି । ଆଜି ଜୁଆଖେଳରେ ମୁଁ ଦଶଟି ମୋହର ହାରିଥିବାରୁ ଏ ଦୁଇଜଣ ଲୋକ ମୋତେ ଧରିବାକୁ ଧାଇଁଛନ୍ତି । ସେମାନଙ୍କଠାରୁ ରକ୍ଷା ପାଇବାକୁ ମୁଁ ଆପଣଙ୍କ ଶରଣ ପଶୁଛି ।"

ବସନ୍ତସେନା ସଂବାହକକୁ ଆସନ ଦେଇ ବସାଇ ଦାସୀ-ହାତରେ ନିଜର ଗୋଟିଏ ଅଳଙ୍କାର ଦେଇ କହିଲେ, "ଯାଆ, ଏଇଟିକୁ ସେମାନଙ୍କୁ ଦେଇ କହ ଯେ, ସଂବାହକ ଯେଉଁ ଦଶଟି ମୋହର ହାରିଥିଲେ ସେଥିପାଇଁ ଏହାକୁ ପଠାଇଛନ୍ତି ।"

ସେମାନେ ଅଳଙ୍କାର ନେଇ ଆନନ୍ଦରେ ଚାଲିଗଲେ । ସଂବାହକର ମନ ପରିବର୍ତ୍ତିତ ହୋଇଗଲା । ସେ ପ୍ରତିଜ୍ଞା କଲା ଯେ, ଶ୍ରମଣ ଭାବରେ ଅବଶିଷ୍ଟ ଜୀବନ ଅତିବାହିତ କରିବ ।

କିଛି ସମୟ ପରେ ବସନ୍ତସେନାଙ୍କର ଜଣେ ମାହୁନ୍ତ ଆସି ଜଣାଇଲା, "ଆପଣଙ୍କର ଗୋଟିଏ ଦୁଷ୍ଟ ହସ୍ତୀ ଅଜ ଖମ୍ବ ଭାଙ୍ଗି ମାହୁନ୍ତକୁ ମାରି ରାସ୍ତାକୁ ପଳାଇ ଆସିଲା । ତା ଉପରେ ଲୋକେ କିଏ କୁଆଡ଼େ ଲୁଚିଲେ । ଜଣେ ପରିବ୍ରାଜକ ଯାଉଥିଲେ । ହାତୀଟା ତାଙ୍କୁ ଶୁଣ୍ଢରେ ଟେକି ଦୁଇ ଦାନ୍ତ ମଝିରେ ରଖିଦେଲା । ଲୋକେ ପାଟିକଲେ—ଆହା, ଭିକ୍ଷୁକଟିର ପ୍ରାଣ ଗଲା ।

ଏହା ଦେଖି ମୁଁ ପାଖ ଦୋକାନରୁ ଗୋଟିଏ ଲୌହଦଣ୍ଡ ନେଇ ତା ପାଖକୁ ପଶିଯାଇ ହାତୀଦାନ୍ତ ସନ୍ଧିରୁ ଲୋକଟିକୁ ଉଦ୍ଧାର କରି ଆଣିଲି । ଲୋକେ ମୋତେ ଧନ୍ୟ ଧନ୍ୟ କହିଲେ । ଏହି ସମୟରେ ଜଣେ ଭଦ୍ରଲୋକ ଦୀର୍ଘନିଶ୍ୱାସ ପକାଇ ମୋ ଉପରକୁ ଏହି ଚାଦରଟି ପକାଇଦେଲେ ।"

Digitized by srujanika@gmail.com

ବସନ୍ତସେନା ଦେଖିଲେ ଯେ, ଏହି ଗହଣାଟି ସେ ଚାରୁଦତ୍ତଙ୍କ ଘରେ ଦେଖିଥିଲେ । ଅତି ଆଦରରେ ସେଇଟିକୁ ସେ ନିଜ ଦେହରେ ପକାଇ ମାଥୁରଙ୍କୁ ନିଜର ଗୋଟିଏ ହାର ପୁରସ୍କାର ଦେଲେ ।

ଉଜ୍ଜୟିନୀରେ ଶର୍ବିଳକ ନାମରେ ଜଣେ ବ୍ରାହ୍ମଣ ଯୁବକ ଥିଲା । ସେ ଜୁଆଖେଳରେ ମାତିଥାଏ । ଜୁଆ ଖେଳି ସେ ନିଜର ଧନ-ସମ୍ପତ୍ତି ସାରିଦେଲା । ଶେଷକୁ ଚୋରି କରିବାରେ ଲଗିଲା ।

ମଦନିକା ହେଉଛି ବସନ୍ତସେନାଙ୍କର ଦାସୀ; ସଖୀ କହିଲେ ଚଳେ । ସେ ମଧ୍ୟ ସୁନ୍ଦରୀ ଓ ବସନ୍ତସେନାଙ୍କ ପରି ନୃତ୍ୟଗୀତରେ ନିପୁଣା । ଶର୍ବିଳକର ଇଚ୍ଛା ଯେ, ସେ ଏହି ମଦନିକାକୁ ବିବାହ କରି ଘରସଂସାର କରି ରହିବ; କିନ୍ତୁ ମଦନିକାକୁ ପାଇବାକୁ ହେଲେ ବସନ୍ତସେନାଙ୍କୁ ଯଥେଷ୍ଟ ଅର୍ଥ ଦେଇ ତାକୁ ଦାସୀକାର୍ଯ୍ୟରୁ ମୁକ୍ତ କରିବାକୁ ହେବ । ତେଣୁ ଚୋରି କରି ଅର୍ଥ ସଂଗ୍ରହ କରିବାକୁ ସେ ମନେ ମନେ ସ୍ଥିର କଲା ।

ଦିନେ ରାତିରେ ଚାରୁଦତ୍ତ ଘରେ ଶୋଇଥିଲେ । ପାଖରେ ବସନ୍ତସେନା ରଖିଯାଇଥିବା ଅଳଙ୍କାର ପୁଡ଼ିଆଟି ରଖି ମୈତ୍ରେୟ ଶୋଇଥାନ୍ତି । ଅନ୍ୟ ଘରେ ତାଙ୍କର ସ୍ତ୍ରୀ, ପୁତ୍ର, ରଦନିକା ଓ ଭୃତ୍ୟ ବର୍ଦ୍ଧମାନକ ଶୋଇଥିଲେ ।

ଶର୍ବିଳକ ଜାଣିଥିଲା ଯେ, ଚାରୁଦତ୍ତ ଦରିଦ୍ର ହୋଇଯାଇଛନ୍ତି ସତ; କିନ୍ତୁ ଏତେ ବଡ଼ ଧନୀ ଲୋକ ଘରେ ନିଶ୍ଚୟ କିଛି ଥିବ । ତେଣୁ ସେ ରାତିରେ ସିନ୍ଧି କରି ତାଙ୍କ ଘରେ ପଶି ଅଳଙ୍କାରତକ ଚୋରି କରି ନେଲା ।

ସକାଳେ ଚାରୁଦତ୍ତ ଓ ତାଙ୍କ ପରିବାରର ସମସ୍ତେ ଦେଖିଲେ—ଚୋର ସିନ୍ଧି କରି ଅଳଙ୍କାରତକ ନେଇଯାଇଛି ।

Digitized by srujanika@gmail.com

ଚାରୁଦତ୍ତଙ୍କ ସ୍ତ୍ରୀ ସମସ୍ତ ଘଟନା ଜାଣିଲେ । ସେ ଏତିକି ସାନ୍ତ୍ୱନା ଲାଭ କଲେ ଯେ, ଚୋର ଚାରୁଦତ୍ତଙ୍କ ଶରୀରରେ କୌଣସି ଆଘାତ କରିନାହିଁ । କିନ୍ତୁ ଚାରୁଦତ୍ତଙ୍କ ପାଖରେ ବସନ୍ତସେନା ଯେଉଁ ଅଳଙ୍କାର ରଖିଯାଇଥିଲେ, ତାଙ୍କୁ କିପରି ସେ ଅଳଙ୍କାର ଫେରାଇ ଦିଆଯିବ ?

ଧୂତାଙ୍କର ଗୋଟିଏ ବହୁମୂଲ୍ୟ ରତ୍ନହାର ଥିଲା । ନାନା ଅଭାବ ସତ୍ତ୍ୱେ ଏଇଟିକୁ ସେ ବିକ୍ରୟ କରି ନ ଥିଲେ । ସେ ଏହାକୁ ଗଳାରୁ କାଢ଼ି ମୈତ୍ରେୟଙ୍କ ଦେଇ କହିଲେ, "ଏଇଟିକୁ ନେଇ ମୋ ସ୍ୱାମୀଙ୍କୁ ଦିଅ । ସେ ଏହାକୁ ବସନ୍ତସେନାଙ୍କ ନିକଟକୁ ପଠାଇ ଦେବେ । ତାହାହେଲେ ପତିଙ୍କ ଚରିତ୍ରରେ କିଛି କଳଙ୍କ ଲାଗିବ ନାହିଁ ।"

ଚାରୁଦତ୍ତ ଏପରି ପତିପରାୟଣା ସ୍ତ୍ରୀ ପାଇଥିବାରୁ ନିଜକୁ ଭାଗ୍ୟବାନ ମନେକଲେ । ମୈତ୍ରେୟଙ୍କୁ ରତ୍ନହାରଟି ଦେଇ ସେ କହିଲେ, "ଏହାକୁ ନେଇ ବସନ୍ତସେନାଙ୍କୁ ଦେଇ କହିବ ଯେ, ସେ ଯେଉଁ ଅଳଙ୍କାର ରଖିଯାଇଥିଲେ ତାକୁ ମୁଁ ଜୁଆଖେଳରେ ହାରିଛି । ତା ବଦଳରେ ଏହି ହାରଟି ପଠାଇଛି ।"

ଚୋର

ଦିନେ ବସନ୍ତସେନା ଚାରୁଦତ୍ତଙ୍କର ଗୋଟିଏ ଛବି ଧରି ସଖୀ ସହିତ ଗଳ୍ପ କରୁଥିଲେ । ଏହି ସମୟରେ ଗୋଟିଏ ଗାଡ଼ି ଆସି ପହଞ୍ଚିଲା । ଦାସୀ ଆସି କହିଲା, "ରାଜଶ୍ୟାଳକ ସଂସ୍ଥାନକ ଆପଣଙ୍କ ପାଇଁ ଗାଡ଼ି ପଠାଇଅଛନ୍ତି । ଗାଡ଼ି ସଙ୍ଗେ ଦଶସହସ୍ର

Digitized by srujanika@gmail.com

ସ୍ୱର୍ଣ୍ଣମୁଦ୍ରା ମୂଲ୍ୟର ଅଳଙ୍କାର ମଧ୍ୟ ଆସିଛି । ମାଆ କହୁଛନ୍ତି, ଗାଡ଼ିରେ ଯାଆନ୍ତୁ ।"

ସଂସ୍ଥାନକର ନାମ ଶୁଣି ବସନ୍ତସେନା ବିରକ୍ତ ହୋଇ-ଉଠିଲେ । ସେ କହିଲେ, "ଯା, ମୁଁ ଯିବି ନାହିଁ । ମାଆଙ୍କୁ କହିବୁ, ମୋର ଜୀବନରେ ଯେବେ ଆଶା ଥାଏ, ତେବେ ଏପରି କଥା ଆଉ କହିବେ ନାହିଁ ।" ଦାସୀ ଚାଲିଗଲା ।

ବସନ୍ତସେନା ମଦନିକାକୁ କହିଲେ, "ଯା, ଏ ଛବିଟି ମୋ ବିଛଣା ଉପରେ ରଖିଦେଇ ବିଞ୍ଚଣା ଆଣ । ବଡ଼ ଗରମ ହେଉଛି ।"

ବିଞ୍ଚଣା ଆଣି ଆସିବା ସମୟରେ ମଦନିକା ସଙ୍ଗେ ଶର୍ବିଳକର ଦେଖାହେଲା । ବସନ୍ତସେନା ଦୂରରେ । ତେଣୁ ଦୁହିଙ୍କ ଭିତରେ କଥାବାର୍ତ୍ତା ଚାଲିଲା ।

ଶର୍ବିଳକ କହିଲା, "ମୁଁ ତୋତେ ବିବାହ କରିବାକୁ ଚାହେଁ । ଉପଯୁକ୍ତ ଧନ ପାଇଲେ ବସନ୍ତସେନା ତୋତେ ଦାସୀକାର୍ଯ୍ୟରୁ ମୁକ୍ତି ଦେବେ ତ ?"

ମଦନିକା କହିଲା—"ନିଶ୍ଚୟ ।"

ତହୁଁ ଶର୍ବିଳକ ଚୋରି କରି ଆଣିଥିବା ଅଳଙ୍କାରଗୁଡ଼ିକ ମଦନିକାକୁ ଦେଲା । ସେ ତାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ଏଗୁଡ଼ିକ ଯେ ବସନ୍ତସେନାଙ୍କର ! ଶର୍ବିଳକ ଏହାକୁ କାହୁଁ ପାଇଲା ?

ଶର୍ବିଳକ ସତ୍ୟ କଥା ପ୍ରକାଶ କରିବାକୁ ବାଧ୍ୟ ହେଲା । ତହୁଁ ମଦନିକା କହିଲା, "ଯାହା ହେବାର ହେଲାଣି । ଏଗୁଡ଼ିକ ହେଉଛି ବସନ୍ତସେନାଙ୍କର । ସେ ତାକୁ ଚାରୁଦତ୍ତଙ୍କ ଘରେ ରଖି ଆସିଥିଲେ । ଏବେ ଯାଇ ଫେରାଇଦିଅ ।"

Digitized by srujanika@gmail.com

କିନ୍ତୁ ଶର୍ବିଳକ କିପରି ତା କରିପାରିବ? ଲୋକଲଜ୍ଜା ତ ଅଛି। ସମସ୍ତେ ଜାଣିବେ ଯେ ଶର୍ବିଳକ ଚୋରି କରିଥିଲା।

ଦୁହେଁ ବିଚାର କରି ସ୍ଥିର କଲେ—ଶର୍ବିଳକ ନିଜେ ଅଳଙ୍କାରତକ ବସନ୍ତସେନାଙ୍କୁ ଦେଇ କହିବ ଯେ, ଚାରୁଦତ୍ତ ସେଗୁଡ଼ିକ ତା ହାତରେ ପଠାଇଥିଲେ।

ଏଥିମଧ୍ୟରେ ବସନ୍ତସେନା ଏ ଦୁହିଁଙ୍କର ସମସ୍ତ କଥାବାର୍ତ୍ତା ଶୁଣିପାରିଥିଲେ। ସେ ସେଥିରୁ ଜାଣିଲେ ଯେ, ଶର୍ବିଳକ ମଦନିକାକୁ ବିବାହ କରିବାକୁ ବଡ଼ ବ୍ୟାକୁଳ। ମଦନିକାର ମଧ୍ୟ ଶର୍ବିଳକକୁ ବିବାହ କରିବାକୁ ଇଚ୍ଛା ଅଛି।

ମଦନିକା ଓଢ଼ଣା ଧରି ବସନ୍ତସେନାଙ୍କ ପାଖେ ପହଞ୍ଚି କହିଲା, "ଆର୍ଯ୍ୟେ! ଚାରୁଦତ୍ତଙ୍କ ନିକଟରୁ ଜଣେ ବ୍ରାହ୍ମଣ ଆସିଛନ୍ତି।"

ବସନ୍ତସେନା ମନେ ମନେ ହସି କହିଲେ, "ଅଚ୍ଛା, ତାଙ୍କୁ ମୋ ପାଖକୁ ଡାକି ଆଣ।"

ଶର୍ବିଳକ ବସନ୍ତସେନାଙ୍କୁ କହିଲା, "ଆର୍ଯ୍ୟେ! ଚାରୁଦତ୍ତ କହିଛନ୍ତି ତାଙ୍କର ଭଙ୍ଗା ଘରେ ଏପରି ମୂଲ୍ୟବାନ ଅଳଙ୍କାର ରଖିବା ଉଚିତ ନୁହେଁ। ତେଣୁ ସେ ତାହା ମୋ ହାତରେ ପଠାଇ ଦେଇଛନ୍ତି, ରଖନ୍ତୁ।"

ଏହା କହି ଶର୍ବିଳକ ଅଳଙ୍କାର ଥଳିଟି ମଦନିକା ହାତକୁ ବଢ଼ାଇଦେଇ ଯିବାକୁ ବାହାରିଲା। ତହୁଁ ବସନ୍ତସେନା କହିଲେ, "ଟିକିଏ ରହ। ଚାରୁଦତ୍ତ ମୋତେ କହିଥିଲେ ଯେ, ଯେଉଁ ଲୋକ ଏ ଅଳଙ୍କାର ନେଇ ଆସିବ, ତା ହାତରେ ମଦନିକାକୁ ଅର୍ପଣ କରିବ। ତେଣୁ ମଦନିକାକୁ ତୁମ୍ଭେ ନେଇଯାଅ।"

ଶର୍ବିଳକର ଆନନ୍ଦର ସୀମା ରହିଲା ନାହିଁ। ବସନ୍ତସେନା ମଦନିକାକୁ କହିଲେ, "ସଖି, ତୁ ଯାଇ ଆନନ୍ଦରେ ରହ।

Digitized by srujanika@gmail.com

ଶର୍ବିଳକଙ୍କୁ ବିବାହ କରି ସୁଖରେ ଘରଦ୍ୱାର କର; ମୋତେ କଳୁ ଭୁଲିଯିବୁ ନାହିଁ ।”

ଗୃହକର ଗାଡ଼ି ଆଣି ପହଞ୍ଚିଲା । ଶର୍ବିଳକ ଓ ମଦନିକା ସେହି ଗାଡ଼ିରେ ବସିବାକୁ ଯାଉଛନ୍ତି, ଏତିକିବେଳେ ରାସ୍ତାରେ ଗୋଟାଏ ବଡ଼ ଗୋଳମାଳ ଶୁଣାଗଲା । ସେଥିରୁ ଶର୍ବିଳକ ବୁଝିଲେ—ଗଣକ ଲୋକ ଆର୍ଯ୍ୟକଙ୍କୁ କହିଥିଲେ ଯେ, ସେ ରାଜା ହେବେ । ଏହା ଶୁଣି ରାଜା ପାଳକ ତାଙ୍କୁ ବନ୍ଦୀ କରି କଏଦଖାନାରେ ରଖିଛନ୍ତି ।

ପ୍ରକୃତପକ୍ଷରେ ଏହି ଆର୍ଯ୍ୟକ ଶର୍ବିଳକର ପରମ ଆତ୍ମୀୟ ବନ୍ଧୁ । ସେ ବନ୍ଧନାଗାରରେ ଥିବାର ଶୁଣି ଶର୍ବିଳକ ତାଙ୍କୁ ସାହାଯ୍ୟ କରିବ ବୋଲି ସ୍ଥିର କଲା । ତେଣୁ ସେ ମଦନିକାକୁ ଗୋଟିଏ ନିରାପଦ ସ୍ଥାନରେ ରଖିଦେଇ କୌଶଳରେ ବନ୍ଧୁଙ୍କୁ କାରାମୁକ୍ତ କରିବାକୁ ଗଲା ।

କିଛି ସମୟ ପରେ ମୈତ୍ରେୟ ରତ୍ନହାର ଧରି ବସନ୍ତସେନାଙ୍କ ଗୃହରେ ଉପସ୍ଥିତ ହେଲେ । ସେତେବେଳକୁ ବସନ୍ତସେନା ଉଦ୍ୟାନରେ ବସି ଚାରୁଦତ୍ତଙ୍କ କଥା ଚିନ୍ତା କରୁଥିଲେ । ଦାସୀ ମୈତ୍ରେୟଙ୍କୁ ସଙ୍ଗରେ ନେଇ ଅଗଣା ପରେ ଅଗଣା ପାରକରାଇ ନେଲା । ମୈତ୍ରେୟ ଏତେ ଧନରତ୍ନ ଓ ଏତେ ସୁନ୍ଦର ଅଟ୍ଟାଳିକା କୌଣସିଠାରେ ଦେଖି ନ ଥିଲେ । ତାଙ୍କର ଆଖି ଝଲସିଗଲା । ପରିଶେଷରେ ସେ ଉଦ୍ୟାନରେ ପହଞ୍ଚି ଦେଖିଲେ—ବସନ୍ତସେନା ଗୋଟିଏ ବୃକ୍ଷମୂଳରେ ବସିଅଛନ୍ତି । ପ୍ରଥମ ସମ୍ଭାଷଣ ପରେ ବସନ୍ତସେନା ପଚାରିଲେ, “ଆର୍ଯ୍ୟ ! ଚାରୁଦତ୍ତଙ୍କର ସମସ୍ତ କୁଶଳ ତ ?”

ମୈତ୍ରେୟ—“ହଁ, ସମସ୍ତ ମଙ୍ଗଳ । ବନ୍ଧୁ ଚାରୁଦତ୍ତ ମୋଦ୍ୱାରା ଗୋଟାଏ ସମ୍ବାଦ ପଠାଇଅଛନ୍ତି । ସେ କହୁଛନ୍ତି ଯେ, ଆପଣ ତାଙ୍କ ପାଖରେ ଯେଉଁ ଅଳଙ୍କାର ସବୁ ରଖି ଆସିଥିଲେ, ସେସବୁ ସେ

Digitized by srujanika@gmail.com

ଜୁଆଖେଳରେ ହରାଇ ଦେଇଅଛନ୍ତି । ତେଣୁ ତା ପରିବର୍ତ୍ତରେ ଏ ରତ୍ନହାରଟି ଆପଣ ଗ୍ରହଣ କରନ୍ତୁ ।"

ଏହା ଶୁଣିଲାକ୍ଷଣି ବସନ୍ତସେନାଙ୍କର ଚାରୁଦତ୍ତଙ୍କ ପ୍ରତି ଅନୁରାଗ ଶତଗୁଣରେ ବୃଦ୍ଧି ପାଇଲା । ସେଇ ଅଳଙ୍କାର ନେଇ-ଯାଇଥିଲେ ସୁଦ୍ଧା ସେ ତାହା ପ୍ରକାଶ ନ କରି ଏତେ ଦାରିଦ୍ର୍ୟ ସତ୍ତ୍ୱେ ତା ପରିବର୍ତ୍ତେ ନିଜର ସର୍ବସ୍ୱ ରତ୍ନହାରଟି ପଠାଇ ଦେଇ-ଅଛନ୍ତି । ଏହାଠାରୁ ବଳି କି ଉଦାରତା ପ୍ରକାଶ କରାଯାଇପାରେ ?

ବସନ୍ତସେନାଙ୍କର ଇଚ୍ଛା ହେଲା, ଘରୁ ସେହି ଅଳଙ୍କାର-ଗୁଡ଼ିକ ଆଣି ମୈତ୍ରେୟଙ୍କୁ ଦେଖାଇ ଦିଅନ୍ତେ । କିନ୍ତୁ ସେ ସେହି ମନୋଭାବ ଗୋପନ ରଖି ରତ୍ନହାରଟିକୁ ଗ୍ରହଣ କଲେ ଏବଂ କହିଲେ, "ଦ୍ୟୂତପ୍ରିୟ ଚାରୁଦତ୍ତଙ୍କୁ କହିବେ, ମୁଁ ଆଜି ସନ୍ଧ୍ୟାରେ ତାଙ୍କ ସଙ୍ଗେ ଦେଖା କରିବାକୁ ଯିବି ।"

ମୈତ୍ରେୟ ବିଦାୟ ନେଇ ଫେରି ଯାଉ ଯାଉ ଭାବିଲେ 'ବୋଧହୁଏ ଏ ବେଶ୍ୟାର ଲୋଭର ସୀମା ନାହିଁ । ସାମାନ୍ୟ ସୁନାର ଅଳଙ୍କାର ବଦଳରେ ଏ ବହୁମୂଲ୍ୟ ରତ୍ନହାର ପାଇଲେ ମଧ୍ୟ ତା ମନରେ ସନ୍ତୋଷ ନାହିଁ । ନିଜେ ଯାଇ ଆହୁରି କିଛି ଧନ ଆଣିବା ଚେଷ୍ଟାରେ ଅଛି । ଏବେ ଚାରୁଦତ୍ତଙ୍କୁ କହିବି, ଏ ବେଶ୍ୟାର ସମ୍ପର୍କ ନ ତୁଟାଇଲେ ତାଙ୍କର ଦୁର୍ଗତିର ସୀମା ରହିବ ନାହିଁ ।'

Digitized by srujanika@gmail.com

ପାଞ୍ଚ

ସେଦିନ ହଠାତ୍ ଆକାଶରେ ପ୍ରବଳ ମେଘ ଦେଖାଗଲା । ଚତୁର୍ଦ୍ଦିଗ ଅନ୍ଧକାର । ଚାରୁଦତ୍ତ ବଗିଚାରେ ବସି ଏହି ମେଘ କଥା ଭାବୁଥିଲେ, ଏହି ସମୟରେ ମୈତ୍ରେୟ ବସନ୍ତସେନାଙ୍କ ନିକଟରୁ ଫେରିଆସି କହିଲେ, "ବନ୍ଧୁ, ସେ ବେଶ୍ୟା କଥା କହନି । ଗୁଡ଼ାଏ ମଧୁର କଥା କହି ରତ୍ନହାରଟିକୁ ରଖିଲା । ଟିକିଏ ଜଳଖିଆ ସୁଦ୍ଧା ଖାଇବାକୁ ଦେଲାନି । ଲୋକେ ଯାହା କହନ୍ତି—ଠକ ନ ହୋଇ ବଣିଆ ନାହିଁ, ଲୋଭ ନ ଥାଇ ବେଶ୍ୟା ନାହିଁ । ତୁମେ କିଛି ତା ଅଳଙ୍କାର ଖାଇ ଯାଇ ନ ଥିଲ; ଅଥଚ ତାକୁ ଗୋଟାଏ ଦିବ୍ୟ ରତ୍ନହାର ଦେଇ ଦେଇଲ । ତା ଅଳଙ୍କାରର ମୂଲ୍ୟ କେତେ, ଆଉ ଏ ରତ୍ନହାରର ମୂଲ୍ୟ କେତେ ?"

ଚାରୁଦତ୍ତ—ଦ୍ରବ୍ୟର ମୂଲ୍ୟ ବିଚାର କରିବା କଥା ନୁହେଁ । ସେ ଯେଉଁ ବିଶ୍ୱାସରେ ତାଙ୍କର ଅଳଙ୍କାର ମୋ ପାଖରେ ରଖି-ଦେଇଥିଲେ, ତାହାର ମୂଲ୍ୟ ସ୍ୱରୂପ ମୁଁ ରତ୍ନହାର ଦେଇଛି ।

ମୈତ୍ରେୟ—ତା ହେଉ ପଛକେ, ଆଉ ସେ ବେଶ୍ୟା ସଙ୍ଗରେ କିଛି ସମ୍ବନ୍ଧ ରଖନା । ମୁଁ ତୁମ ଗୋଡ଼ ଧରି ଏତିକି କହୁଛି ।

ଚାରୁଦତ୍ତ ଉପରକୁ ଚାହିଁ ଦୀର୍ଘନିଃଶ୍ୱାସ ପକାଇଲେ ।

ମୈତ୍ରେୟ ବୁଝିପାରିଲେ, ଚାରୁଦତ୍ତ ବସନ୍ତସେନାଙ୍କ ପ୍ରତି ଅନୁରକ୍ତ । ତେଣୁ ସେ କହିଲେ, "ବନ୍ଧୁ, ସେ କହିଛି, ଆଜି ସନ୍ଧ୍ୟାବେଳେ ସେ ଏଠାକୁ ଆସିବ । ମୋର ସନ୍ଦେହ ହେଉଛି, ରତ୍ନହାରଟି ନେଇ ମଧ୍ୟ ସେ ସନ୍ତୁଷ୍ଟ ନୁହେଁ; ଆଉ କିଛି ନେବାକୁ ଆସିବ ।"

Digitized by srujanika@gmail.com

ଏହି ସମୟରେ ବସନ୍ତସେନାଙ୍କ ଭୃତ୍ୟ କୁମ୍ଭୀଳକ ଉପବନରେ ଉପସ୍ଥିତ ହୋଇ ବସନ୍ତସେନାଙ୍କ ଆସିବା ସମ୍ବାଦ ଚାରୁଦତ୍ତଙ୍କୁ ଜଣାଇଲା । ଏ ସମ୍ବାଦରେ ଚାରୁଦତ୍ତଙ୍କର ବିଶେଷ ଆନନ୍ଦ ଜାତ ହେଲା; କିନ୍ତୁ ମୈତ୍ରେୟ ଭାବୁଥାନ୍ତି, ସେ ନିଶ୍ଚୟ ଆଉ କିଛି ନେବା ଉଦ୍ଦେଶ୍ୟରେ ଆସିଛି ।

ବସନ୍ତସେନା ନିଜର କେତେକ ଦାସଦାସୀଙ୍କ ସହିତ ଉପସ୍ଥିତ ହେଲେ । ଚାରୁଦତ୍ତ ଆଦରରେ ତାଙ୍କୁ ଆସନରେ ବସାଇଲେ । ସେତେବେଳକୁ ବସନ୍ତସେନାଙ୍କ ଦେହର ଲୁଗା ବର୍ଷା-ପାଣିରେ ଓଦା ହୋଇଯାଇଥାଏ । ଚାରୁଦତ୍ତଙ୍କ ଆଦେଶରେ ଦାସୀ ଅନ୍ୟ ଲୁଗା ଆଣି ତାଙ୍କୁ ପିନ୍ଧାଇଦେଲା । ବସନ୍ତସେନା ସେହି ରତ୍ନହାରର ମୂଲ୍ୟ ଜାଣିବାକୁ ଆସିଛନ୍ତି ବୋଲି କହିବାରୁ ମୈତ୍ରେୟ କହିଲେ, "ମୁଁ ଯାହା ଭାବିଥିଲି, ତା ଠିକ୍ । ରତ୍ନହାର ନେଇ ତା ମନରେ ସନ୍ତୋଷ ନାହିଁ; ଆଉ କିଛି ନେବାପାଇଁ ଆସିଛି ।"

ବସନ୍ତସେନାଙ୍କ ଦାସୀ ସୁନାର ଅଳଙ୍କାରଗୁଡ଼ିକ ବାହାର କରି ମୈତ୍ରେୟଙ୍କୁ କହିଲା, "ଏଗୁଡ଼ିକ ନିଅନ୍ତୁ ।"

ମୈତ୍ରେୟ ଦେଖିଲେ ଯେ, ସେଗୁଡ଼ିକ ଠିକ୍ ଚୋରିଯାଇଥିବା ଅଳଙ୍କାର ପରି ଦିଶୁଛି । ତେଣୁ ସେ ବହୁତ ନିରେଖି କରି ସେଗୁଡ଼ିକୁ ଦେଖି ଚିନ୍ତା କଲେ—ବସନ୍ତସେନା ଚାରୁଦତ୍ତଙ୍କୁ ଯେଉଁ ଅଳଙ୍କାର ସବୁ ରଖିବାକୁ ଦେଇଯାଇଥିଲେ, ସେସବୁକୁ ଚୋର ନେଇଯାଇଛି । ବୋଧହୁଏ, କାରିଗର ଠିକ୍ ସେହିପରି ଏ ଅଳଙ୍କାରକୁ ଗଢ଼ିଥିବ; କିନ୍ତୁ ଦାସୀ ତାଙ୍କର ସନ୍ଦେହ ଦୂର କରି-ଦେଲା । ସେ କହିଲା, "ଆପଣଙ୍କ ଘରୁ ଯେଉଁ ଅଳଙ୍କାର ଚୋରି ଯାଇଥିଲା, ଏ ସେଇ ।"

Digitized by srujanika@gmail.com

ଚାରୁଦତ୍ତ ବଡ଼ ସନ୍ଦେହରେ ପଡ଼ିଲେ । ଚୋର ନେଇଥିବା ଅଳଙ୍କାର ପୁଣି କିପରି ବସନ୍ତସେନାଙ୍କ ପାଖକୁ ଗଲା ? ଯାହାହେଉ ବସନ୍ତସେନା ନିଜର ଅଳଙ୍କାର ଫେରିପାଇଥିବାର ଜାଣିପାରି ସେ ଅତ୍ୟନ୍ତ ଆନନ୍ଦିତ ହେଲେ ।

ବର୍ଷା ଅବିରାମ ଗତିରେ ଚାଲିଥାଏ । ରାତି ବେଶି ହୋଇଗଲା । ତେଣୁ ବସନ୍ତସେନା ସେ ରାତିଟି ଚାରୁଦତ୍ତଙ୍କ ଘରେ ରହିଲେ ।

ଛଅ

ସକାଳ ହେଲା । ବସନ୍ତସେନା ଶଯ୍ୟାରୁ ଉଠିଲାବେଳକୁ ଚାରୁଦତ୍ତ ପୁଷ୍ପକରଣ୍ଡକ ଉଦ୍ୟାନକୁ ଚାଲିଯାଇଥିଲେ । ଯିବାଆଗରୁ ସେ ଚାକରକୁ କହିଯାଇଥିଲେ—ରାତିରୁ ଗାଡ଼ି ଠିକଣା କରି ରଖିଥିବୁ । ବସନ୍ତସେନା ଗାଡ଼ିରେ ତାଙ୍କ ଘରକୁ ଯିବେ ।

ବସନ୍ତସେନା ରତ୍ନହାରଟିକୁ ନିଜ ଦାସୀହାତରେ ଧୂତାଙ୍କ ପାଖକୁ ପଠାଇ କହିଲେ, "ତୁ ଯାଇ କହିବୁ, ମୁଁ ଚାରୁଦତ୍ତଙ୍କ ଗୁଣରେ ମୁଗ୍‌ଧ ହୋଇ ତାଙ୍କର ଦାସୀତ୍ୱ ସ୍ୱୀକାର କରିଛି । ତେଣୁ ମୁଁ ଆର୍ଯ୍ୟା ଧୂତାଙ୍କର ମଧ୍ୟ ଦାସୀ । ତାଙ୍କର ରତ୍ନହାରଟିକୁ ସେ ଗ୍ରହଣ କଲେ ମୁଁ ଧନ୍ୟ ହେବି ।"

ଦାସୀ ରତ୍ନହାରଟିକୁ ନେଇ ଧୂତାଙ୍କୁ ଦେବାରୁ ସେ କହିଲେ, "ମୋର ସ୍ୱାମୀ ଏହାକୁ ବସନ୍ତସେନାଙ୍କୁ ଦେଇଅଛନ୍ତି । ମୁଁ କିପରି ତାହା ପୁଣି ଗ୍ରହଣ କରିବି ? ମୋର ଅଳଙ୍କାରରେ ବା କି ପ୍ରୟୋଜନ ? ଚାରୁଦତ୍ତ ହିଁ ମୋର ଅଳଙ୍କାର ।"

Digitized by srujanika@gmail.com

ଏହି ସମୟରେ ଚାରୁଦତ୍ତଙ୍କ ଦାସୀ ରଦନିକା ପୁଅ ରୋହସେନକୁ ଧରି ଖେଳାଇବାକୁ ଗଲା । ସେ ରୋହସେନକୁ ଗୋଟିଏ ଛୋଟ **ମାଟିଶଗଡ଼** ଦେଇ କହିଲା, "ଏଇଥିରେ ଖେଳ ।"

କିନ୍ତୁ ରୋହସେନ କାନ୍ଦ କାନ୍ଦ କହିଲା, "ମୁଁ ଏ ମାଟି-ଶଗଡ଼ରେ ଖେଳିବି ନାହିଁ । ମୋତେ ଗୋଟାଏ ସୁନାଶଗଡ଼ ଦେ ।"

ରଦନିକା କୌଣସିମତେ ରୋହସେନକୁ ଭୁଲାଇ ପାରିଲା ନାହିଁ । ସେ କହିଲା, "ବାପାଙ୍କୁ ଭଗବାନ ପୁଣି ଟଙ୍କା ପଇସା ଦେଲେ ସେ ତମପାଇଁ ସୁନାଶଗଡ଼ କରିଦେବେ ।"

ତଥାପି ରୋହସେନର କାନ୍ଦ ବନ୍ଦ ହେଲା ନାହିଁ । ତେଣୁ ରଦନିକା ତାକୁ କାଖରେ ନେଇ ବସନ୍ତସେନାଙ୍କ ପାଖକୁ ଗଲା । ସେ ଭାବିଲା, ନୂଆ ଲୋକ ଦେଖିଲେ ରୋହସେନ ସୁନାଶଗଡ଼ କଥା ଭୁଲିଯିବ ।

ବସନ୍ତସେନା ରଦନିକାକୁ ଆଦରରେ ପାଖରେ ବସାଇ ପଚାରିଲେ, "କାହାର ଏ ପିଲାଟି ? ଆହା, କେଡ଼େ ସୁନ୍ଦର ! ଦେହରେ ଟିକିଏ ହେଲେ ଅଳଙ୍କାର ନାହିଁ । କିନ୍ତୁ ତାର ମୁଖଚନ୍ଦ୍ରଟି ଦେଖିଲାକ୍ଷଣି ମୋର ମନ ଆନନ୍ଦରେ ପୂରିଯାଉଛି ।"

ରଦନିକା କହିଲା, ଏଇଟି ହେଉଛି ଆର୍ଯ୍ୟ ଚାରୁଦତ୍ତଙ୍କର ପୁଅ ରୋହସେନ ।"

ବସନ୍ତସେନା ଅତି ଆଦରରେ ରୋହସେନକୁ କୋଳରେ ବସାଇ କହିଲେ, "ପିଲାଟି ଦେଖିବାକୁ ଠିକ୍ ତାର ବାପାଙ୍କ ପରି ।"

ରଦନିକା—ଖାଲି ରୂପରେ ନୁହେଁ । ମୋର ମନେ ହୁଏ, ଗୁଣରେ ମଧ୍ୟ ଠିକ୍ ତାଙ୍କରି ପରି ହେବ ।

ବସନ୍ତସେନା—ପିଲାଟି କାନ୍ଦୁଛି କାହିଁକି ?

Digitized by srujanika@gmail.com

ରଦନିକା—ଆମ ପଡ଼ଶାଘର ପିଲାଏ ସୁନାଶଗଡ଼ରେ ଦୁହେଁଯାକ ଖେଳୁଥିଲେ । ସେ ତାର ସୁନାଶଗଡ଼ ନେଇ ଗ୍ଲଲଗଲା । ଏ ସୁନାଶଗଡ଼ ମାଗିବାରୁ ମୁଁ ତାକୁ ମାଟିରେ ଗୋଟିଏ ଶଗଡ଼ ତିଆରିକରି ଦେଲି । ସେ ଏବେ କହୁଛି—ମୋର ଏ ମାଟିଶଗଡ଼ କଅଣ ହେବ ? ମୋତେ ସୁନାଶଗଡ଼ ଦେ ।

ବସନ୍ତସେନା କିଛି ସମୟ ଚିନ୍ତା କରି ଦୀର୍ଘନିଃଶ୍ୱାସ ପକାଇ କହିଲେ, "ଭଗବାନ କଅଣ ମଣିଷର ଭାଗ୍ୟ ନେଇ କ୍ରୀଡ଼ା କରନ୍ତି ।"

ସେ ରୋହସେନକୁ ଆଦର କରି କହିଲେ, "ବାପ, କାନ୍ଦନା, ତୁ ସୁନାଶଗଡ଼ରେ ଖେଳିବୁ ?"

ରୋହସେନ ରଦନିକାକୁ ପଚାରିଲା, "ଏ କିଏ ?"

ରଦନିକା—ସେ ତୋର ମାଆ ।

ରୋହସେନ କହିଲା, "ନା, ତୁ ମିଛ କହୁଚୁ । ଯେବେ ସେ ମୋର ମାଆ, ତା ଦେହରେ ଏତେ ଅଳଙ୍କାର କାହିଁ ଥିଲା ?"

ବସନ୍ତସେନା ନିଜ ଦେହରୁ ସବୁ ଅଳଙ୍କାର ବାହାର କରି କହିଲେ, "ଦେଖ, ଏବେ ତୋର ମାଆ ହେଲି ତ ?"

ରଦନିକାକୁ ଲକ୍ଷ୍ୟ କରି ବସନ୍ତସେନା କହିଲେ, "ଏ ଅଳଙ୍କାର ସବୁ ନେଇ ପୁଅ ପାଇଁ ସୁନାଶଗଡ଼ ଗଢ଼ାଇ ଦିଅ ।"

ବସନ୍ତସେନା ମନରେ ନାନା ଚିନ୍ତା ଆସୁଥାଏ । ତାଙ୍କ ଆଖିରୁ ଲୁହଧାର ବହିଯାଉଥାଏ । ରୋହସେନ ତାଙ୍କ ମୁହଁକୁ ଚାହିଁ କହିଲା, "ମୁଁ ଏ ଅଳଙ୍କାର ନେବି ନାହିଁ । ତୁ କାନ୍ଦୁଚୁ ।"

ବସନ୍ତସେନା ପଣତକାନିରେ ଆଖିରୁ ଲୁହ ପୋଛି ପୋଛି କହିଲେ, "ନାଇଁ, କାନ୍ଦିବି କାହିଁକି ? ଯାଆ, ସୁନାଶଗଡ଼ କରାଇ

Digitized by srujanika@gmail.com

ଖେଳିବୁ ।" ଏହା କହି ସେ ନିଜର ଅଳଙ୍କାରଗୁଡ଼ିକ ରୋହସେନର ମାଟିଶଗଡ଼ ଉପରେ ରଖିଦେଲେ ।

ରଦନିକା ରୋହସେନକୁ ନେଇ ଚାଲିଗଲା । ଏହି ସମୟରେ ବର୍ଦ୍ଧମାନକ ନାମକ ଜଣେ ଭୃତ୍ୟ ଗାଡ଼ି ଆଣି ପହଞ୍ଚିଲା । ଗାଡ଼ି ଉପରେ ଛାତି ଦିଆଯାଇଥାଏ । ବସନ୍ତସେନା ନିଜର ବେଶଭୂଷା ସଜାଡ଼ିବା ପାଇଁ ଗାଡ଼ିବାଲାକୁ ଟିକିଏ ଅପେକ୍ଷା କରିବାକୁ କହିଲେ । ଏତିକିବେଳେ ବର୍ଦ୍ଧମାନକର ମନେପଡ଼ିଲା ଯେ, ସେ ଗାଡ଼ିରେ ପକାଇବାକୁ ତ ବିଛଣା ଆଣିନାହିଁ । ବିଛଣା ନ ହେଲେ ଚଳିବ କପରି ? ବସନ୍ତସେନାଙ୍କର ଯିବାକୁ ବିଳମ୍ବ ହେବ ଭାବି ସେ ଗାଡ଼ିରେ ବିଛଣା ପକାଇ ଦେବା ଆସିବାକୁ ଗାଡ଼ି ନେଇ ଚାଲିଗଲା ।

ବସନ୍ତସେନା ନିଜର ବେଶଭୂଷା ଠିକ୍ କରିବାରେ ଲାଗିଲେ । ଏଥିମଧ୍ୟରେ ରାଜଶ୍ୟାଳକ ସଂସ୍ଥାନକ ସ୍ଥାବରକ ନାମକ ଜଣେ ଚାକରକୁ କହିଥାନ୍ତି ଯେ, ସେ ପୁଷ୍ପକରଣ୍ଡକ ଉଦ୍ୟାନକୁ ଗାଡ଼ି ନେଇଯିବ । ସେ ଯାଉ ଯାଉ ଦେଖିଲା, ବାଟରେ ଗୋଟାଏ ଗାଡ଼ିର ଚକ କାଦୁଅରେ ଲାଗିରହିଥିବାରୁ ପଛର ଅନେକ ଗାଡ଼ି ଅଟକି ରହିଛି । ସେ ବାଧ୍ୟହୋଇ ଚାରୁଦତ୍ତଙ୍କ ଘର ଆଗରେ ଆପଣା ଗାଡ଼ି ଅଟକାଇଲା ଓ କାଦୁଅରେ ଲାଗିଥିବା ଗାଡ଼ିକୁ ଉଠାଇବା ପାଇଁ ସାହାଯ୍ୟ କରିବାକୁ ଚାଲିଗଲା ।

ସ୍ଥାବରକର ସେହି ଗାଡ଼ିକୁ ଦେଖି ଦାସୀ ମନେ କଲା ଯେ, ବର୍ଦ୍ଧମାନକ ବସନ୍ତସେନାଙ୍କ ପାଇଁ ତାହାକୁ ଆଣିଛି । ତେଣୁ ସେ ବସନ୍ତସେନାଙ୍କୁ ଡାକିଆଣି ସେଥିରେ ବସାଇ ପରଦା ବନ୍ଦ କରିଦେଲା ।

Digitized by srujanika@gmail.com

ଏହି ସମୟରେ ବାଟରୁ ଗାଡ଼ିସବୁ ଚାଲିଯିବାର ଦେଖି ସଂସ୍ଥାନକର ଗୃହର ସ୍ଥାବରକ ପୁଣି ଆପଣା ଗାଡ଼ି ଚଳାଇବାକୁ ଲାଗିଲା । ଗାଡ଼ି ଭିତରେ ଯେ ବସନ୍ତସେନା ବସିଛନ୍ତି, ତାହା ତାକୁ ଜଣାନାହିଁ ।

ଏତିକିବେଳେ ରାଜା ପାଳକଙ୍କର କର୍ମଚାରୀମାନେ ଘୋଷଣା କରାଦେଲେ—ସମସ୍ତେ ସାବଧାନ ରହନ୍ତୁ । ଆଜି ଗଉଡ଼ଟୋକା ଆର୍ଯ୍ୟକ ବନ୍ଦଶାଳା ଭାଙ୍ଗି ପ୍ରହରୀକୁ ହତ୍ୟା କରି ପଳାଇଛି । ତାକୁ ଯେ ଦେଖିବ, ଧରିଆଣି ରାଜାଙ୍କ ପାଖେ ପହଞ୍ଚାଇବ ।

ଏ କଥା ଶୁଣି ସ୍ଥାବରକ ଭାବିଲା, ଆଜି ସହରରେ ବଡ଼ ଗୋଳମାଳ ଲାଗିଛି । ଶୀଘ୍ର ଉଦ୍ୟାନ ପାଖରେ ଗାଡ଼ି ପହଞ୍ଚାଇ ଦେଲେ ଭଲ । ଏହିପରି ବିଚାରି ସେ ଅତି ବେଗରେ ଗାଡ଼ି ଚଳାଇବାକୁ ଲାଗିଲା ।

କିଛି ସମୟ ପରେ ବର୍ଦ୍ଧମାନକ ଗାଡ଼ିରେ ବିଛଣା ପକାଇ ଚାରୁଦତ୍ତଙ୍କ ଘର ପାଖେ ପହଞ୍ଚିଲା । ସେ ବାହାରେ ରହି କହିଲା, "ରଦନିକା, ବସନ୍ତସେନାଙ୍କୁ ଯାଇ କହିଦେ ଯେ, ଗାଡ଼ି ସଜ ହୋଇ ରହିଛି । ସେ ଗାଡ଼ିରେ ବସନ୍ତୁ ।"

ରାଜା ପାଳକ ଶୁଣିପାରିଥିଲେ ଯେ, ଜଣେ ଜ୍ୟୋତିଷ କହିଛି, ଗୋପାଳ ବାଳକ ଆର୍ଯ୍ୟକ ରାଜା ହେବେ । ଏ କଥାରେ ବିଶ୍ୱାସ କରି ଅନେକ ଲୋକ ତାଙ୍କୁ ସାହାଯ୍ୟ କରୁଥିଲେ । ଅତ୍ୟାଚାରୀ ରାଜା ପାଳକ ତ ସମସ୍ତଙ୍କର ଘୃଣାର ପାତ୍ର ଥିଲେ । ଲୋକେ ଆର୍ଯ୍ୟକଙ୍କୁ ସମର୍ଥନ କରୁଥିବାର ଦେଖି ପାଳକ ତାଙ୍କୁ ଧରିନେଇ ବନ୍ଦଶାଳାରେ ରଖିଥିଲେ । ଶର୍ବିଳକ ଆର୍ଯ୍ୟକଙ୍କର ପରମ ବନ୍ଧୁ । ସେ କୌଶଳ କରି ଆର୍ଯ୍ୟକଙ୍କୁ ବନ୍ଦଶାଳାରୁ ବାହାରକରି ଆଣିଲା । ତାଙ୍କର ଗୋଟାଏ ପାଦରେ ଲୁହାକଡ଼ା ଲାଗିଥାଏ । ମୁଣ୍ଡରେ

Digitized by srujanika@gmail.com

ଖଣ୍ଡେ ଗୃଦର ଘୋଡ଼ାଇ ହୋଇ ସେ ଲୁଚ ଲୁଚ ପଳାଉଥା'ନ୍ତି । ଏହିପରି ଆସୁ ଆସୁ ସେ ଚାରୁଦତ୍ତଙ୍କ ଘରପାଖେ ଦେଖିଲେ, ଦାଣ୍ଡ ପାଖରେ ଗୋଟାଏ ଗାଡ଼ି ଠିଆ ହୋଇଛି । ସେ ଅନୁମାନ କଲେ ଯେ, ଗାଡ଼ିଟି କୌଣସି ସ୍ତ୍ରୀଲୋକ ଯିବାପାଇଁ ରହିଥିବ । ଏହି ସମୟରେ ବର୍ଦ୍ଧମାନକ ରଦନକାକୁ କହିବା କଥା ଆର୍ଯ୍ୟକ ଶୁଣିପାରି ବୁଝିଲେ, ତାଙ୍କର ଅନୁମାନ ସତ୍ୟ । ଗାଡ଼ିଟି ବସନ୍ତସେନାଙ୍କ ଯିବାପାଇଁ ରହିଛି । ସେ କୁଆଡ଼େ କପରି ପଳାଇବେ, ଚିନ୍ତା କରି ପାରୁ ନ ଥିଲେ । ତେଣୁ ସେ ହଠାତ୍ ଆତ୍ମରକ୍ଷା ପାଇଁ ସେହି ଗାଡ଼ି ଭିତରକୁ ପଶିଗଲେ । ତାଙ୍କର ପାଦରେ ଲାଗିଥିବା କଡ଼ାର ଶବ୍ଦକୁ ବର୍ଦ୍ଧମାନକ ବସନ୍ତସେନାଙ୍କର ନୂପୁରଧ୍ୱନି ମନେକରି ଭାବିଲା ଯେ, ବସନ୍ତସେନା ଗାଡ଼ିରେ ବସିଲେଣି । ତେଣୁ ସେ ଗାଡ଼ି ଚଳାଇବାକୁ ଲାଗିଲା ।

ରାଜା ପାଳକଙ୍କର କର୍ମଚାରୀମାନେ ଚାରିଆଡ଼େ ଜଗିରହିଥାନ୍ତି । ସବୁଆଡ଼େ ସତର୍କ ଦୃଷ୍ଟି ରଖାଯାଇଥାଏ । କୌଣସିଠାରେ ପଳାତକ ଆର୍ଯ୍ୟକଙ୍କୁ ଦେଖିଲେ, ଧରିନେବାପାଇଁ ସେମାନେ ପ୍ରସ୍ତୁତ ଥାନ୍ତି ।

ବୀରକ ଓ ଚନ୍ଦନକ ନାମକ ଦୁଇଜଣ ରାଜକର୍ମଚାରୀ ଦେଖିଲେ, ଗୋଟିଏ ଗାଡ଼ିରେ କିଏ ଯାଉଛି । ଗାଡ଼ିରେ ପରଦା ପଡ଼ିଥିବାରୁ ଭିତରେ କିଏ ବସିଛି ଜଣାଯାଉନାହିଁ । ବୀରକ ଗାଡ଼ିବାଲାକୁ କହିଲା, "ଆରେ, ଗାଡ଼ି ବନ୍ଦ କର, ଏ ଗାଡ଼ି କାହାର ? କୁଆଡ଼େ ଯାଉଛି ? ଭିତରେ କିଏ ବସିଛି ?"

ବର୍ଦ୍ଧମାନକ ଉତ୍ତର କଲା, "ଏ ଗାଡ଼ି ହେଉଛି ଚାରୁଦତ୍ତଙ୍କର । ଏଥିରେ ବସନ୍ତସେନା ବସିଅଛନ୍ତି । ଗାଡ଼ି ପୁଷ୍ପକରଣ୍ଡକ ଉଦ୍ୟାନକୁ ଯାଉଛି ।"

Digitized by srujanika@gmail.com

ଶାରକ ଚନ୍ଦନକଙ୍କୁ ସେହି କଥା କହିଲା । କିନ୍ତୁ ଶାରକ କହିଲା, "ମହାଶୟ, ଗାଡ଼ି ଭିତରେ କିଏ ଅଛି ନ ଦେଖି ଛାଡ଼ିଦେବୁ କପରି ?"

ଚନ୍ଦନକ କହିଲା, "ଆରେ, ଏ ସାରା ଉଜ୍ଜୟିନୀରେ ଚାରୁଦତ୍ତ ଆଉ ବସନ୍ତସେନାଙ୍କୁ କିଏ ନ ଜାଣିଛି ? ତାଙ୍କ ଗାଡ଼ିକୁ ପରୀକ୍ଷା କରି ଦେଖିବୁ ! ଚାରୁଦତ୍ତଙ୍କୁ କିଏ ବା ବିଶ୍ୱାସ ନ କରିବ ?"

ଶାରକ କହିଲା, "ମୁଁ ବି ଚାରୁଦତ୍ତଙ୍କୁ ଭଲକରି ଜାଣେ । ବସନ୍ତସେନାଙ୍କୁ ବି ଜାଣେ; କିନ୍ତୁ ରଜାଘର କାମବେଳକୁ ଆପଣାର ବାପକୁ ସୁଦ୍ଧା ଜାଣେନା ।"

ତହୁଁ ଚନ୍ଦନକ ଗାଡ଼ି ଉପରକୁ ଉଠି ଜନାବାଟେ ଭିତରକୁ ଚାହିଁଲା । ସେତେବେଳକୁ ଆର୍ଯ୍ୟକଙ୍କର ପ୍ରାଣ କଣ୍ଠାଗତ । ଆତ୍ମରକ୍ଷା ପାଇଁ ହାତରେ ଖଣ୍ଡେ ହତିଆର ସୁଦ୍ଧା ନାହିଁ । ସେ ବିକଳରେ ହାତ ଯୋଡ଼ି ଚନ୍ଦନକଙ୍କୁ ଅତି ନମ୍ରସ୍ୱରରେ କହିଲେ, "ତୁମର ଶରଣ ପଶୁଛି; ମୋତେ ରକ୍ଷାକର ।"

ଚନ୍ଦନକ ରଜାଙ୍କର କର୍ମଚାରୀ ସତ; କିନ୍ତୁ ସେ ରଜା ପାଳକଙ୍କ ଅନ୍ୟାୟ ଅତ୍ୟାଚାରକୁ ସମର୍ଥନ କରୁ ନ ଥିଲା । ଆର୍ଯ୍ୟକଙ୍କର ଏ ଅନୁନୟ ଶୁଣି ତା ମନରେ ଦୟା ହେଲା । ସେ ତାଙ୍କୁ ଅଭୟ ଦେଇ ଗାଡ଼ିରୁ ଓହ୍ଲାଇ ଆସିଲା ଓ ଶାରକକୁ କହିଲା, "ଯାଃ, ତୋ କଥାରେ ପଡ଼ି ଗାଡ଼ି ଭିତରକୁ ଅନାଇବାରୁ ବସନ୍ତସେନା କହିଲେ, 'ଏ କି ଅନ୍ୟାୟ କଥା । ମୁଁ ଆର୍ଯ୍ୟ ଚାରୁଦତ୍ତଙ୍କ ପାଖକୁ ଏ ଗାଡ଼ିରେ ଯାଉଛି । ରାସ୍ତା ଉପରେ ଏ ଅତ୍ୟାଚାର କାହିଁକି ?"

ଚନ୍ଦନକର କହିବାଭଙ୍ଗୀରୁ ଶାରକର ମନରେ ସନ୍ଦେହ ହେଲା । ସେ ନିଜେ ପୁଣି ଗାଡ଼ି ଭିତର ଦେଖିବାକୁ ବାହାରିଲା ।

Digitized by srujanika@gmail.com

ଚନ୍ଦନକ ଦେଖିଲା, ଆର୍ଯ୍ୟକଙ୍କୁ ସେ ଯେଉଁ ଅଭୟ ଦେଇଥିଲା ତାହା ଫଣ୍ଡ ହେବାକୁ ଯାଉଛି । ତେଣୁ ସେ କହିଲା, "ତେବେ କଅଣ ମୋ କଥାରେ ତୋର ଅବିଶ୍ୱାସ ?"

ତଥାପି ବୀରକ ଗାଡ଼ି ଦେଖିବାକୁ ଗଲା । ତେଣୁ ଚନ୍ଦନକ ତାକୁ ଟାଣି ଧରିଲା । ଦୁହିଙ୍କ ଭିତରେ ଖୁବ୍ ଝଗଡ଼ା ଲାଗିଲା । ଚନ୍ଦନକ ବନ୍ଧୁମାନଙ୍କୁ କହିଲା, "ମୋର ଏଇ ଝଣ୍ଡାକୁ ନେଇ ବସନ୍ତସେନାଙ୍କୁ ଦେ । ଯଦି କେହି ବାଟରେ ଗାଡ଼ି ବନ୍ଦ କରାଏ, ତାକୁ କହିବୁ, ଚନ୍ଦନକ ଓ ବୀରକ ଗାଡ଼ିକୁ ପରୀକ୍ଷା କରି ଏହି ଖଣ୍ଡାଟି ନିଦର୍ଶନ ରୂପେ ଦେଇଅଛନ୍ତି ।" ବନ୍ଧୁମାନେ ଖଣ୍ଡାଟି ନେଇ ଗାଡ଼ି ଭିତରେ ରଖିଦେଲେ ।

ଆର୍ଯ୍ୟକଙ୍କ ପିଣ୍ଡରେ ପ୍ରାଣ ପଶିଲା । ସେ ମନେ ମନେ ଚନ୍ଦନକ ପ୍ରତି କୃତଜ୍ଞତା ପ୍ରକାଶ କରି ଭାବିଲେ—ଦୈବ ମୋର ଅନୁକୂଳ ହୋଇ ନ ଥିଲେ କି ଆଜି ଏ ମରଣମୁଖରୁ ବର୍ତ୍ତି-ଥାଆନ୍ତି ? ଜୀବନ ଥିବାଯାଏ ଚନ୍ଦନକର ଏ ଦୟା ଭୁଲି ପାରିବି ନାହିଁ ।

ଗାଡ଼ି ଚାଲିଗଲା ସତ; କିନ୍ତୁ ଚନ୍ଦନକ ଭାବିଲା, ବୀରକ ନିଶ୍ଚୟ ଏସବୁ କଥା ରାଜା ପାଳକଙ୍କ ନିକଟରେ ଜଣାଇବ । ତାହାହେଲେ ଆଉ ରକ୍ଷା ନାହିଁ । ପାଳକ ମୋତେ ପ୍ରାଣଦଣ୍ଡ ନ ଦେଇ ଛାଡ଼ିବେ ନାହିଁ ।

ଏହାପରେ ବିଚାରି ସେ ଦର୍ଦ୍ଦୁରକ, ଶର୍ବିଳକ ପ୍ରଭୃତି ଆର୍ଯ୍ୟକଙ୍କ ପକ୍ଷର ଲୋକମାନଙ୍କ ସଙ୍ଗେ ଯୋଗ ଦେଲା ।

Digitized by srujanika@gmail.com

ସାତ

ଉଦ୍ୟାନରେ ଚାରୁଦତ୍ତ ଓ ମୈତ୍ରେୟ ବସି ବସନ୍ତସେନା ଆସିବାରେ କାହିଁକି ବିଳମ୍ବ ହେଉଛି, ସେକଥା ଆଲୋଚନା କରୁଥିଲେ । ଏହି ସମୟରେ ବର୍ଦ୍ଧମାନକ ଗାଡ଼ି ନେଇ ସେଠାରେ ପହଞ୍ଚିଲା ।

ବସନ୍ତସେନାଙ୍କୁ ଓହ୍ଲାଇ ଆଣିବା ପାଇଁ ଚାରୁଦତ୍ତ ନିଜେ ଗାଡ଼ିପାଖକୁ ଗଲେ । କିନ୍ତୁ ଗାଡ଼ି ଭିତରକୁ ଚାହିଁ ଦେଖିଲେ ଯେ, ସେଥିରେ ଜଣେ ବଳିଷ୍ଠ ଯୁବକ ବସିଛି । ତାର ଗୋଟାଏ ପାଦରେ ଲୁହା କଡ଼ା ଲାଗିଛି । ଏହା ଦେଖି ତାଙ୍କର ବିସ୍ମୟର ସୀମା ରହିଲା ନାହିଁ ।

ଚାରୁଦତ୍ତଙ୍କୁ ଦେଖିଲାକ୍ଷଣି ଆର୍ଯ୍ୟକ ଅତି ବିନୀତ ଭାବରେ କହିଲେ, "ମୁଁ ଗୋପାଳକ ଆର୍ଯ୍ୟକ । ଆପଣଙ୍କ ପାଦତଳେ ଶରଣ ପଶୁଛି । ମୋତେ ରକ୍ଷା କରନ୍ତୁ ।"

ଏବେ ଚାରୁଦତ୍ତ ବୁଝିପାରିଲେ ଯେ, ଯେଉଁ ଆର୍ଯ୍ୟକ ରାଜକାରାଗାରରୁ ପଳାଇ ଆସିଥିଲେ, ଏ ସେହି । ସେ କହିଲେ, "ଚିନ୍ତା କରନ୍ତୁ ନାହିଁ । ଆପଣ ମୋର ଶରଣାଗତ । ଆପଣଙ୍କୁ ରକ୍ଷା କରିବା ପାଇଁ ମୋର ଜୀବନ ମଧ୍ୟ ଦେଇପାରେ ।"

ଚାରୁଦତ୍ତଙ୍କ ଆଦେଶରେ ବର୍ଦ୍ଧମାନକ ଆର୍ଯ୍ୟକଙ୍କର ପାଦରୁ କଡ଼ାଟି ଭାଙ୍ଗି କାଢ଼ିଦେଲା ।

ଆର୍ଯ୍ୟକ ଚାଲିଯିବାକୁ ବସିଥିଲେ । ମାତ୍ର ଚାରୁଦତ୍ତ କହିଲେ, "ସବୁଆଡ଼େ ରାଜକର୍ମଚାରୀମାନେ ଆପଣଙ୍କୁ ଧରିବା ପାଇଁ ଜଗି ରହିଅଛନ୍ତି । ତେଣୁ ପାଦରେ ଚାଲିଯିବା ନିରାପଦ ନୁହେଁ ।

Digitized by srujanika@gmail.com

ଆପଣ ଏହି ଗାଡ଼ିରେ ବସି ଯାଆନ୍ତୁ । ଗାଡ଼ିରେ ଗଲେ ସନ୍ଧ୍ୟାରେ କେହି ସନ୍ଦେହ କରିବା ସମ୍ଭବପର ନୁହେଁ ।"

ଆର୍ଯ୍ୟକ ପୁଣି ଗାଡ଼ିରେ ବସି ଚାଲିଗଲେ । ମାତ୍ର ବସନ୍ତସେନା ଆସି ନ ଥିବାରୁ ଚାରୁଦତ୍ତଙ୍କର ମନରେ ଅଶାନ୍ତି ବଢ଼ିବାକୁ ଲାଗିଲା ।

ଆଠ

ବସନ୍ତସେନା ଯେଉଁ ଗାଡ଼ିରେ ବସିଥିଲେ, ତାହା ସଂସ୍ଥାନକର । ବସନ୍ତସେନା ବସିଥିବା କଥା ତ ସ୍ଥାବରକ ଜାଣି ନ ଥିଲା । ସେ ଗାଡ଼ି ଆଣି ଉଦ୍ୟାନରେ ପହଞ୍ଚିଲା । ସଂସ୍ଥାନକ ଦେଖିଲା ଯେ, ସ୍ୱୟଂ ବସନ୍ତସେନା ଗାଡ଼ିରେ ଆସି ଉପସ୍ଥିତ । ତାର ବିସ୍ମୟର ସୀମା ରହିଲା ନାହିଁ । ସେ କହିଲା, "ସୁନ୍ଦରି, ତୋର ପାଦତଳେ ପଡ଼ୁଛି । ମୁଁ କାମାନ୍ଧ ହୋଇ ଯଦି କିଛି ଅନ୍ୟାୟ କରିଛି, ତାହାକୁ ନ ଧରି ନିଶ୍ଚୟ ତୁ କ୍ଷମା କରିବୁ ।"

ସଂସ୍ଥାନକକୁ ଦେଖି ବସନ୍ତସେନାଙ୍କର ବିସ୍ମୟ ଜାତ ହେଲା । ତାର ଏପ୍ରକାର କଥା ଶୁଣି ତାଙ୍କର କ୍ରୋଧ ଶତଗୁଣିତ ହୋଇଗଲା । ସେ ନାନାପ୍ରକାର ଭର୍ତ୍ସନା କରି ଗାଡ଼ିବାଲାକୁ କହିଲେ, "ତୁ ମୋତେ ଏଠାକୁ ଆଣିଲୁ କାହିଁକି ?"

ଗାଡ଼ିବାଲା ଅତି ବିନୟରେ କହିଲା, "ମୋର କିଛି ଦୋଷ ନାହିଁ । ମୁଁ ଚାରୁଦତ୍ତଙ୍କ ଘର ପାଖେ ଗାଡ଼ି ରଖି ଅନ୍ୟ ଗୋଟିଏ ଗାଡ଼ିର ଚକ କାଦୁଅରୁ ଉଠାଇବାକୁ ଯାଇଥିଲି । ଏଥିମଧ୍ୟରେ ଯେ ଆପଣ ଆସି ଗାଡ଼ିରେ ବସିଛନ୍ତି, ସେକଥା ମୁଁ ଜାଣନ୍ତି କିପରି ?"

Digitized by srujanika@gmail.com

ସଂସ୍ଥାନକ ଏହା ଶୁଣି ଗାଡ଼ିବାଲାକୁ କହିଲା, "ତେବେ ସେ ମୋ ପାଖକୁ ଆସୁ ନ ଥିଲା ? ଭୁଲରେ ଏ ଗାଡ଼ିରେ ଆସିଛି ? ତାର ଇଚ୍ଛା ଯେ, ସେ ଦରିଦ୍ର ଚାରୁଦତ୍ତ ପାଖକୁ ଯାଇଥାନ୍ତା ? ମୋ ବଳଦ ତାକୁ ଆଣିଲେ କାହିଁକି ? ଯାଆ, ତାକୁ ଆଗ ଗାଡ଼ିରୁ ଓହ୍ଲାଇ ଦେ ।"

ସଂସ୍ଥାନକ କ୍ରୋଧ ଓ ଅପମାନରେ ଜଳିପୋଡ଼ି ଯାଉଥାଏ । ସେ ଭାବିଲା, ବସନ୍ତସେନାଙ୍କୁ ଉପଯୁକ୍ତ ମାଡ଼ ଦେଇ ଅପମାନର ପ୍ରତିଶୋଧ ନେବ । ସେ ଗର୍ଜନ କରି ସ୍ଥାବରକକୁ କହିଲା, "ଏ ଦୁଷ୍ଟାକୁ ଏହିଠାରେ ମାରିପକା ।"

ଚାକରର ଟିକିଏ ଧର୍ମଜ୍ଞାନ ଥିଲା । ସେ କହିଲା, "ନିର୍ଦ୍ଦୋଷ ସ୍ତ୍ରୀଲୋକକୁ ମୁଁ ମାରିବି କିପରି ? ଏଡ଼େ ପାପକର୍ମ କଲେ ମୁଁ କେଉଁ ନରକରେ ପଡ଼ିବି ।" ମାତ୍ର ସଂସ୍ଥାନକ ତାକୁ ପ୍ରବର୍ତ୍ତାଇ କହିଲା, "ଦେଖ, ଏ ବଗିଚାରେ ଦେଖିବାକୁ କେହି ନାହିଁ । ତୁ ତାକୁ ମାରିଦେଲେ ମୋଠାରୁ ଅନେକ ପୁରସ୍କାର ପାଇବୁ ।"

ଭୃତ୍ୟ ତଥାପି ଅସ୍ୱୀକୃତ ହୋଇ କହିଲା, "ଅନ୍ୟ କେହି ନ ଦେଖନ୍ତୁ ପଛକେ, ଦଶଦିଗପାଳ ତ ଅଛନ୍ତି । ମୁଣ୍ଡ ଉପରେ ସୂର୍ଯ୍ୟଦେବତା, ପବନଦେବତା ଅଛନ୍ତି । ମୋର ନିଜର ଆତ୍ମା ତ ଅଛି । ଏମାନେ ନିଶ୍ଚୟ ଦେଖିବେ । ଏପରି ପାପ-କାର୍ଯ୍ୟ ମୁଁ କେବେ କରିପାରିବି ନାହିଁ ।" ଏହା କହି ସେ ଚାଲି ଗଲା ।

ଏତେ ଲୋଭ ବା ଭୟ ଦେଖାଇଲେ ସୁଦ୍ଧା ସ୍ଥାବରକ ସଂସ୍ଥାନକ କଥାରେ ସ୍ୱୀକୃତ ନ ହେବାରୁ ସେ ନିଜେ ବସନ୍ତ-ସେନାଙ୍କୁ ହତ୍ୟା କରିବାକୁ ସ୍ଥିର କଲା । ସେ ଅତି ନିର୍ଦ୍ଦୟ ଭାବରେ

Digitized by srujanika@gmail.com

ବସନ୍ତସେନାଙ୍କ ଗଳାକୁ ଚିପି ଧରି ମାଡ଼ ଦେଲା । ଫଳରେ ବସନ୍ତସେନା ଅଚେତନ ହୋଇ ତଳେ ପଡ଼ିଗଲେ ।

ବସନ୍ତସେନାଙ୍କର ମୃତ୍ୟୁ ହୋଇଛୁ ଦେଖି ସମ୍ସ୍ଥାନକର ମନରେ ଭୟ ଜାତ ହେଲା । ସେ ଭାବିଲା, କଥାଟା ତ ଲୁଚିରହିବ ନାହିଁ । ତେଣୁ ସେ ଗୁଡ଼ାଏ ଶୁଖିଲା ପତ୍ର ଗୋଟାଇ ଆଣି ବସନ୍ତ-ସେନାଙ୍କ ଉପରେ ଲଦିଦେଲା ଏବଂ ବସନ୍ତସେନାଙ୍କୁ ଚାରୁଦତ୍ତ ମାରି ପକାଇଛନ୍ତି, ଏହି ଅଭିଯୋଗ ଆଣିବାକୁ ମନେ ମନେ ସ୍ଥିର କରି ଚାକରଟିକୁ ନେଇ ନିଜ ଘରେ ବାନ୍ଧି ରଖିଲା ।

ଏହି ବଗିଚା ଭିତରେ ଗୋଟିଏ ପୋଖରୀ ଥିଲା । ଜଣେ ବୌଦ୍ଧ ସନ୍ନ୍ୟାସୀ ସେହି ପୋଖରୀକୂଳରେ ନିଜର ଲୁଗା କାଚୁଥିଲେ । ଏହାଙ୍କର ନାମ ସମ୍ବାହକ । ପୂର୍ବେ ସେ ଚାରୁଦତ୍ତଙ୍କ ଘରେ ଚାକିରି କରୁଥିଲେ; ମାତ୍ର ଚାରୁଦତ୍ତ ଦରିଦ୍ର ହୋଇଯିବାରୁ ସେ ଚାକିରି ଛାଡ଼ି ଜୁଆଖେଳରେ ମାତି ରହିଲେ । ଦିନେ ସେ ଜୁଆଖେଳରେ ହାରିଯାଇ ପଣ ଟଙ୍କା ଦେଇପାରିଲେ ନାହିଁ । ଅନ୍ୟ ଜୁଆଡ଼ିମାନେ ତାଙ୍କଠାରୁ ଟଙ୍କା ଆଦାୟ କରିବା ପାଇଁ ମାଡ଼ ଦେବାକୁ ଲାଗିଲେ । ବସନ୍ତସେନା ତାଙ୍କ ପାଇଁ ଟଙ୍କା ଦେଇ ତାଙ୍କୁ ରକ୍ଷା କରିଥିଲେ । ସେହିଦିନୁ ତାଙ୍କ ମନ ବଦଳିଗଲା ଓ ସେ ବୌଦ୍ଧ ସନ୍ନ୍ୟାସୀ ହୋଇଯାଇଥିଲେ ।

ଏହି ସନ୍ନ୍ୟାସୀ ଦୂରରୁ ଦେଖିପାରିଲେ ଯେ, ସମ୍ସ୍ଥାନକ ବସନ୍ତସେନାଙ୍କୁ ମାଡ଼ ଦେଇ ଚାଲିଗଲା । ସେ ସଙ୍ଗେ ସଙ୍ଗେ ଆସି ବସନ୍ତସେନାଙ୍କୁ ନିଜ ଆଶ୍ରମକୁ ଟେକିନେଲେ । ଅନ୍ୟ ସନ୍ନ୍ୟାସୀମାନଙ୍କ ସାହାଯ୍ୟରେ ସେବା-ଶୁଶ୍ରୂଷା କରି ସେ ବସନ୍ତ-ସେନାଙ୍କର ଜୀବନ ରକ୍ଷାକଲେ ।

Digitized by srujanika@gmail.com

ସଂସ୍ଥାନକ ବିଚାରାଳୟକୁ ଯାଇ ଖଣ୍ଡିଏ ଅଭିଯୋଗପତ୍ର ଦାଖଲ କଲା । ସେ ଅଭିଯୋଗ କଲା ଯେ, ଦରିଦ୍ର ଚାରୁଦତ୍ତ ଅଳଙ୍କାର ଲୋଭରେ ବସନ୍ତସେନାଙ୍କର ଗଳାକୁ ମୋଡ଼ି ତାଙ୍କୁ ମାରି ପକାଇଅଛି ।

ବିଚାରାଳୟରେ ରାଜକର୍ମଚାରୀ ଓ ବିଚାରକମାନେ ଉପସ୍ଥିତ ହେଲେ । ସଂସ୍ଥାନକ ନିଜର ଅଭିଯୋଗପତ୍ର ଦେଇ ଜଣାଇଲା, "ଆପଣମାନେ ଜାଣନ୍ତି ଯେ, ମୁଁ ରାଜାଙ୍କର ଶ୍ୟାଳକ; ରାଜା ହେଉଛନ୍ତି ମୋର ଭିଣୋଇ । ମୋର ଆମୋଦ-ପ୍ରମୋଦ ପାଇଁ ରାଜା ପୁଷ୍ପକରଣ୍ଡକ ବୋଲି ବଗିଚାଟିଏ ମୋତେ ଛାଡ଼ି ଦେଇଅଛନ୍ତି । ମୁଁ ସେଠାକୁ ସମୟେ ସମୟେ ଯାଏଁ । ଦୈବଯୋଗକୁ ଆଜି ଦେଖିଲି, ଜଣେ ସ୍ତ୍ରୀଲୋକର ଶବ ସେଠାରେ ପଡ଼ିଛି ।"

ବିଚାରକ ପଚାରିଲେ—"ଆଚ୍ଛା, ସେ ସ୍ତ୍ରୀଲୋକଟି କିଏ ଜାଣନ୍ତି ?"

ସଂସ୍ଥାନକ—ନିଶ୍ଚୟ । ଜାଣେ ନା କଅଣ ? ସେ ହେଉଛି ବସନ୍ତସେନା । ତା ଦେହରେ ଅନେକ ସୁନା-ଅଳଙ୍କାର ଥିଲା । ସେହି ସୁନାଲୋଭରେ ତାକୁ କିଏ ମୋ ବଗିଚାକୁ ନେଇ ମାରି ପକାଇଛି; କିନ୍ତୁ ମୁଁ ମାରିନାହିଁ ।

ଜଣେ କର୍ମଚାରୀ ବିଚାରକଙ୍କ ନିକଟରେ ବସି ସଂସ୍ଥାନକ ଯାହା କହୁଥିଲା, ତାହା ଲେଖୁଥିଲେ । ତାଙ୍କୁ ଲକ୍ଷ୍ୟ କରି ବିଚାରକ କହିଲେ, "ମୁଁ ମାରିନାହିଁ—ଏ କଥା ଲେଖ ।"

ସଂସ୍ଥାନକ ଟିକିଏ ଶଙ୍କିତ ହୋଇ ଭାବିଲା ଯେ, କଥାଟା ଏପରି କହିବାଦ୍ୱାରା ବୋଧହୁଏ ଦୋଷ ତା'ର ଉପରେ ପଡ଼ିବ ।

Digitized by srujanika@gmail.com

ତେଣୁ ସେ କହିଲା, "ସେଥିରେ କଅଣ ଅଛି ? ମୁଁ କହୁଛି ସତ, ମୁଁ ଦେଖିଛି ।"

ବିଚାରକ—ଆପଣ କିପରି ଜାଣିଲେ ଯେ, ଧନଲୋଭରେ କିଏ ତାକୁ ମାରିଛି ?

ସଂସ୍ଥାନକ—ତାର ଅଣ୍ଟା ବେକ ପ୍ରଭୃତିରେ କୌଣସି ଅଳଙ୍କାର ନାହିଁ ।

ବିଚାରକ—ତା' ହୋଇପାରେ । କିନ୍ତୁ କେହି ଯଦି ବସନ୍ତସେନାକୁ ମାରି ପକାଇଥାଏ, ତେବେ ତାର ମାଆ ଅଭିଯୋଗ କରିବା ଦରକାର । ଆପଣ କାହିଁକି ଅଭିଯୋଗ କରୁଛନ୍ତି ?

ବିଚାରକଙ୍କ ଆଦେଶରେ ଜଣେ ଭୃତ୍ୟ ତତ୍‌କ୍ଷଣାତ୍ ଯାଇ ବସନ୍ତସେନାଙ୍କ ମାଆଙ୍କୁ ବିଚାରାଳୟକୁ ଡାକି ଆଣିଲା ।

ବିଚାରକ ତାଙ୍କୁ ଲକ୍ଷ୍ୟ କରି ପଚାରିଲେ—"ତୁମେ ବସନ୍ତ-ସେନାର ମାଆ ?"

ବୃଦ୍ଧା—ଆଜ୍ଞା, ହଁ ।

ବିଚାରକ—ବର୍ତ୍ତମାନ ବସନ୍ତସେନା କେଉଁଠାରେ ଅଛି ?

ବୃଦ୍ଧା—ତାର ଜଣେ ବନ୍ଧୁଙ୍କ ଘରେ ।

ବିଚାରକ—ସେ ବନ୍ଧୁଙ୍କର ନାଁ କଅଣ ?

ବୃଦ୍ଧା ନିଜ କନ୍ୟାର ବନ୍ଧୁଙ୍କ ନାଁ ପ୍ରକାଶ କରିବାକୁ ଲଜ୍ଜାବୋଧ କରୁଥିଲେ । କିନ୍ତୁ ବିଚାରାଳୟରେ ପ୍ରକୃତ କଥା ପ୍ରକାଶ କରିବାରେ ଲଜ୍ଜାର କୌଣସି କାରଣ ନାହିଁ ବୋଲି ବୁଝାଇ ଦିଆଯିବାରୁ ସେ କହିଲେ, "ସେ ହେଉଛନ୍ତି ବିନୟଦତ୍ତଙ୍କ ନାତି, ସାଗରଦତ୍ତଙ୍କ ପୁଅ ଆର୍ଯ୍ୟ ଚାରୁଦତ୍ତ । ତାଙ୍କ ପ୍ରତି ମୋ ଝିଅର ବିଶେଷ ଅନୁରାଗ ।"

Digitized by srujanika@gmail.com

ଏହା ଶୁଣି କ୍ଷଣି ସଂସ୍ଥାନକ କହିଉଠିଲା, "ଲେଖନ୍ତୁ । ସବୁ କଥା ଲେଖନ୍ତୁ । ଚାରୁଦତ୍ତ ସଙ୍ଗେ ମୋର ବିବାଦ ଅଛି ।"

ବିଚାରକଙ୍କ ଆଦେଶରେ ଜଣେ ଭୃତ୍ୟ ଚାରୁଦତ୍ତଙ୍କୁ ଡାକିବାକୁ ଗଲା । ପୁଷ୍ପକରଣ୍ଡକ ଉଦ୍ୟାନରେ ପ୍ରକୃତରେ ବସନ୍ତସେନାର ଶବ ଅଛି କି ନା, ଦେଖିବା ପାଇଁ ଆଉ ଜଣେ ଭୃତ୍ୟକୁ ପଠାଗଲା ।

ଚାରୁଦତ୍ତ ବିଚାରାଳୟକୁ ଯିବାର ଆଦେଶ ପାଇ ଭାବିଲେ— ବୋଧହୁଏ ମୋ ଗାଡ଼ିରେ ଆର୍ଯ୍ୟକ ପଳାଇ ଯାଇଥିବା କଥା କୌଣସି ଗୁପ୍ତଚରଠାରୁ ରାଜା ଶୁଣିପାରିଛନ୍ତି । ସେହି ଅଭିଯୋଗରେ ମୋତେ ଡକାଯାଉଛି । ତାଙ୍କ ମନରେ ଭୟ ଜାତ ହେଲା ।

ଚାରୁଦତ୍ତ ଶଙ୍କିତ ଚିତ୍ତରେ ବିଚାରାଳୟରେ ଉପସ୍ଥିତ ହେଲେ । ସେ ଉଜ୍ଜୟିନୀର ଜଣେ ବିଶିଷ୍ଟ ବ୍ୟକ୍ତି । ସଚ୍ଚରିତ୍ର ଓ ସାଧୁଲୋକ ବୋଲି ସମସ୍ତେ ତାଙ୍କୁ ଜାଣନ୍ତି । ତେଣୁ ବିଚାରକ ତାଙ୍କୁ ବସିବା ପାଇଁ ଆସନ ଦେଲେ ।

ଏହା ଦେଖି ସଂସ୍ଥାନକ କ୍ରୋଧରେ କହିଲା, "ଏ କଅଣ ? ଗୋଟାଏ ନାରୀହନ୍ତାକୁ ଆସନ ଦିଆଯାଉଛି କପରି ?"

ବିଚାରକ ଚାରୁଦତ୍ତଙ୍କୁ ଲକ୍ଷ୍ୟ କରି ପଚାରିଲେ, "ଏହି ବୃଦ୍ଧାଙ୍କ କନ୍ୟା ବସନ୍ତସେନା ସହିତ ଆପଣଙ୍କର ସଦ୍‌ଭାବ ଅଛି ?"

ଚାରୁଦତ୍ତ ବୃଦ୍ଧାଙ୍କୁ ଅଭିବାଦନ କଲେ ଓ ବୃଦ୍ଧା ମଧ୍ୟ ତାଙ୍କୁ ଆଶୀର୍ବାଦ କଲେ ।

ଉତ୍ତରରେ ଚାରୁଦତ୍ତ ବିଚାରକଙ୍କୁ କହିଲେ—"ବେଶ୍ୟା ସଙ୍ଗେ ମୋର ବନ୍ଧୁତା ଅଛି ବୋଲି କହିବାକୁ ଲଜ୍ଜାବୋଧ କରୁଅଛି । କିନ୍ତୁ—"

Digitized by srujanika@gmail.com

ଏହି ସମୟରେ ସଂସ୍ଥାନକ ଚିତ୍କାର କରି ଉଠିଲା—"ଆରେ, କହ; ମୋ ସଙ୍ଗରେ ଚୋର କପଟ ବ୍ୟବହାର ?"

ଚାରୁଦତ୍ତ ବିରକ୍ତ ପ୍ରକାଶ କରି କହିଲେ—"ମୋ ସହିତ ଚୋର ବ୍ୟବହାର ଅସହ୍ୟ ।"

ସଂସ୍ଥାନକ—ଆରେ ନାଖିଦନ୍ତା, ବସନ୍ତସେନାକୁ ମାରି ତାର ଅଳଙ୍କାରଯାକ ନେଇ ଏବେ ଲୁଚୁଅଛୁ ?

ଚାରୁଦତ୍ତ—ଏପ୍ରକାର ପ୍ରଳାପ କାହିଁକି ?

ବିଚାରକ—ଏସବୁ ଶୁଣିବା ଦରକାର ନାହିଁ । କହନ୍ତୁ, ସେ ବେଶ୍ୟା ସହିତ ଆପଣଙ୍କର ବନ୍ଧୁତା ଅଛି ?

ଚାରୁଦତ୍ତ—ହଁ, ଅଛି ।

ବିଚାରକ—ଏବେ ବସନ୍ତସେନା କେଉଁଠି ?

ଚାରୁଦତ୍ତ—ସେ ଘରକୁ ଯାଇଅଛନ୍ତି ।

ବିଚାରକ—କାହିଁକି ଗଲା ? କେତେବେଳେ ଗଲା ? ତା ସଙ୍ଗରେ କିଏ ଯାଇଥିଲା ?

ଚାରୁଦତ୍ତ—କହୁଛି ତ ସେ ଘରକୁ ଯାଇଛନ୍ତି ।

ସଂସ୍ଥାନକ—ମୋ ବଗିଚାକୁ ନେଇ ଅଳଙ୍କାର ଲୋଭରେ ତା ବେକ ମୋଡ଼ି ତାକୁ ମାରିଛୁ । ଏବେ କହୁଛୁ କଅଣ ନା, ଘରକୁ ଯାଇଛି ।

ବୃଦ୍ଧା ଏହା ଶୁଣି କାନ୍ଦିଉଠିଲେ । ସେ କହିଲେ—"ହାୟ, ଚାରୁଦତ୍ତଙ୍କ ପରି ସଚ୍ଚରିତ୍ର ଲୋକ ଜଗତରେ ବିରଳ । ମୋ ଝିଅ ତାଙ୍କ ଘରେ କିଛି ଅଳଙ୍କାର ରଖିଦେଇ ଆସିଥିଲା । ତାକୁ ରାତିରେ ଚୋର ନେଇଗଲା । ତହୁଁ ସେ ଗୋଟିଏ ବହୁମୂଲ୍ୟ ରତ୍ନହାର ପଠାଇ ଦେଇଥିଲେ । ସାମାନ୍ୟ ଧନଲୋଭରେ କି ସେ ଏପରି ଅକାର୍ଯ୍ୟ କରନ୍ତେ ?"

Digitized by srujanika@gmail.com

ବସ୍ତୁରକ—ଆର୍ଯ୍ୟ ଗ୍ୱରୁଦତ୍ତ, ବସନ୍ତସେନା କଣ ଚ୍ୱଲିକରି ଗଲେ, ନା ଗାଡ଼ିରେ ବସି ଗଲେ ?

ଚ୍ୱରୁଦତ୍ତ—ସେ ଯିବାବେଳେ ମୁଁ ଦେଖିନାହିଁ । ତେଣୁ କପରି ଗଲେ କହି ପାରିବ ନାହିଁ ।

ଏହିପରି ବଗ୍ତର ଚ୍ୱଲିଥିବାବେଳେ ରାଜକର୍ମଚ୍ୱରୀ ବୀରକ ଆସି ବସ୍ତୁରକଙ୍କୁ ଜଣାଇଲା—"ହଜୁର, ମୁଁ ଚନ୍ଦନକ ସଙ୍ଗରେ ରହି କାରାଗାରରୁ ପଳାଇଥିବା ଆର୍ଯ୍ୟକର ସନ୍ଧାନ ନେଉଥିଲି । ପରଦା ଥିବା ଗୋଟିଏ ବଳଦ ଗାଡ଼ିରେ କିଏ ଜଣେ ଯାଉଥିବା ସନ୍ଦେହ ହେବାରୁ ଚନ୍ଦନକ ଯାଇ ଦେଖିଲା । ମୁଁ ମଧ୍ୟ ଯାଇ ଦେଖିବାକୁ ବାହାରିବାରୁ ସେ ମୋତେ ମାରି ଅପମାନ ଦେଲା ।"

ବସ୍ତୁରକ—ସେ ଗାଡ଼ି କାହାର ଜାଣ ?

ବୀରକ—ଗାଡ଼ିଟି ଆର୍ଯ୍ୟ ଚ୍ୱରୁଦତ୍ତଙ୍କର । ବସନ୍ତସେନା ସେଥିରେ ବସି ପୁଷ୍ପକରଣ୍ଡକ ଉଦ୍ୟାନକୁ କ୍ରୀଡ଼ା କରିବାକୁ ଯାଉଛନ୍ତି ବୋଲି ଗାଡ଼ିବାଲା କହିଲା ।

ଫସ୍ଥାନକ ଚିତ୍କାର କଲା—ଏଇ ଆପଣ ଶୁଣିଲେ ତ !

ସେଉଁ ରାଜଭୃତ୍ୟ ଉଦ୍ୟାନକୁ ଯାଉଥିଲା ସେ ଫେରି ଆସି ଜଣାଇଲା ଯେ ସେଠାରେ ଗୋଟିଏ ସ୍ତ୍ରୀଲୋକର ଶବକୁ ବଲୁଆ ଶାଗୁଣା ଖାଉଅଛନ୍ତି ।

ଚ୍ୱରୁଦତ୍ତଙ୍କ ଚରିତ୍ର ବିଷୟରେ ବସ୍ତୁରକଙ୍କର ଅତି ଉଚ୍ଚ ଧାରଣା ଥିଲା । ତାଙ୍କର ବିଶ୍ୱାସ ଥିଲା ସେ ଚ୍ୱରୁଦତ୍ତଙ୍କ ପରି ସାଧୁ ଓ ପରୋପକାରୀ ଲୋକ ଉଜ୍ଜୟିନୀରେ ଦୁର୍ଲଭ । କିନ୍ତୁ ସେ ତ ବସ୍ତୁରକ; ନ୍ୟାୟ ଅନ୍ୟାୟ ବିଗ୍ତର କରିବା ତାଙ୍କର କାର୍ଯ୍ୟ । ନିଜର ଧାରଣା ଅନୁସାରେ ବିଗ୍ତର କରାଯାଇ ନ ପାରେ । ସେ ଏପର୍ଯ୍ୟନ୍ତ ଯେଉଁ ପ୍ରମାଣ ପାଇଅଛନ୍ତି ସେଥିରୁ ଚ୍ୱରୁଦତ୍ତଙ୍କୁ ଦୋଷୀ ମନେ କରିବାର

Digitized by srujanika@gmail.com

ଯଥେଷ୍ଟ କାରଣ ଅଛି । ତେଣୁ ସେ ଗୃହ୍ମଦତ୍ତଙ୍କୁ କହିଲେ—"ସତ୍ୟ ଘଟଣା କଅଣ ପ୍ରକାଶ କରନ୍ତୁ ।"

ଏଣେ ସସ୍ଥାନକ କହିଉଠିଲ—"ଏ କ ପ୍ରକାର ବିଗ୍ଭର ! ଏତେ ପକ୍ଷପାତ ! ଯେଉଁ ଲୋକ ଗୋଟିଏ ସ୍ତ୍ରୀକୁ ମାରି ତାର ଅଳଙ୍କାର ଚୋରି କରି ନେଇଛି, ତାକୁ ଆସନ ଦିଆହୋଇଛି, ପୁଣି 'ଆଜ୍ଞା', 'ଆପଣ' କୁହାହେଉଛି !"

ଗୃହ୍ମଦତ୍ତ ଆସନରୁ ତଳକୁ ଉଠିଯାଇ ବିଗ୍ଭରପତିଙ୍କୁ କହିଲେ, "ଆପଣ ଉପଯୁକ୍ତଭାବେ ବିଗ୍ଭର କରନ୍ତୁ ।"

ଏଥିରେ ସସ୍ଥାନକର ଆନନ୍ଦ କହିଲେ ନ ସରେ । ନିଜର ପାପକୁ ସେ ଗୃହ୍ମଦତ୍ତଙ୍କ ଉପରେ ଲଦି ତାଙ୍କୁ ବିପଦରେ ପକାଇ ପାରିଥିବାରୁ ତା ମନ ଆନନ୍ଦରେ ପୂର୍ଣ୍ଣ । ସେ ଗୃହ୍ମଦତ୍ତଙ୍କ ପାଖରେ ବସିପଡ଼ି କହିଲା, "ଆରେ ଗୃହ୍ମଦତ୍ତ, କହି ଦେ—ମୁଁ ବସନ୍ତ-ସେନାକୁ ମାରିଛି ।"

ଗୃହ୍ମଦତ୍ତ—ତୁ ତ କହିଲୁ !

ସସ୍ଥାନକ ଉଚ୍ଚସ୍ୱରରେ କହିଲା—"ବିଗ୍ଭରକ ମହାଶୟ, ଏଇ ଶୁଣନ୍ତୁ । ଏବେ ସନ୍ଦେହ ଦୂର ହେଲା । ଗୃହ୍ମଦତ୍ତ କହୁଛି ଯେ ସେ ବସନ୍ତସେନାକୁ ମାରିଛି ।"

ଏ କଥା ଶୁଣି ଏବଂ ଗୃହ୍ମଦତ୍ତଙ୍କୁ ନିରୁତ୍ତର ଦେଖି ବିଗ୍ଭରପତି ଗୃହ୍ମଦତ୍ତଙ୍କୁ ବାନ୍ଧିବା ପାଇଁ କର୍ମଚାରୀଙ୍କୁ ଆଦେଶ ଦେଲେ ।

ବସନ୍ତସେନାଙ୍କ ମାଆ ବିକଳ ହୋଇ କହିଲେ, "ଯଦି ମୋ ଝିଅକୁ କେହି ମାରିଥାଏ ତେବେ ସେ ମରିଛି । ଗୃହ୍ମଦତ୍ତ ଦୀର୍ଘାୟୁ ହୋଇଥାଆନ୍ତୁ; ମୁଁ ପ୍ରାର୍ଥନା କରୁଛି, ତାଙ୍କୁ ଛାଡ଼ିଦିଅ ।"

Digitized by srujanika@gmail.com

କିନ୍ତୁ କେହି ତାଙ୍କ କଥା ଶୁଣିଲେ ନାହିଁ । ବିଚାରକଙ୍କ ଆଦେଶରେ ଚାରୁଦତ୍ତଙ୍କୁ ବିଚାରାଳୟରୁ ଅନ୍ତର କରି ନିଆଗଲା । ସେ ଆଖିରୁ ଲୁହଧାର ଗଡ଼ାଇ ଚାଲିଗଲେ ।

ସଂସ୍ଥାନକ ଦେଖିଲା ଯେ ତାର ମନସ୍କାମନା ସିଦ୍ଧ ହେବାକୁ ଯାଉଛି । ସେ ମନେ ମନେ ଯଥେଷ୍ଟ ଆନନ୍ଦ ଅନୁଭବ କଲା ।

ଏହା ପରେ ଚାରୁଦତ୍ତଙ୍କୁ ଏହି ହତ୍ୟା ଅପରାଧରେ କି ଦଣ୍ଡ ଦିଆଯିବ, ବିଚାର ପଡ଼ିଲା । ବିଚାରକ ରାଜା ପାଳକଙ୍କୁ ଜଣାଇଲେ ଏ ବ୍ରାହ୍ମଣ ଚାରୁଦତ୍ତ ଜଣେ ସ୍ତ୍ରୀକୁ ହତ୍ୟା କରି ତାର ଅଳଙ୍କାର ଅପହରଣ କରିଛି । ଏ ପ୍ରକାର ଅପରାଧର ଉପଯୁକ୍ତ ଦଣ୍ଡ ହେଉଛି ପ୍ରାଣଦଣ୍ଡ । କିନ୍ତୁ ମହର୍ଷି ମନୁଙ୍କ ମତରେ ବ୍ରାହ୍ମଣ ଅବଧ୍ୟ । ଅତଏବ ତାର ସମ୍ପତ୍ତି ରାଜସରକାରକୁ ନିଆଯାଇ ତାକୁ ରାଜ୍ୟରୁ ନିର୍ବାସନ କରାଯାଉ ।

ରାଜା ପାଳକ ଆଦେଶ ଦେଲେ—"ଯେଉଁ ବ୍ରାହ୍ମଣ ସାମାନ୍ୟ ଅଳଙ୍କାର ଲୋଭରେ ବସନ୍ତସେନାକୁ ହତ୍ୟା କରିଛି, ତା ବେକରେ ସେହି ଅଳଙ୍କାରକୁ ବାନ୍ଧି ନଗରରେ ଡିଣ୍ଡିମ ଦ୍ୱାରା ତାର ଅପରାଧ ଜଣାଇ ତାକୁ ଦକ୍ଷିଣ ଶ୍ମଶାନରେ ଶୂଳି ଦିଆଯିବ । ତାର ଏ ଦଣ୍ଡ ଦେଖି ଅନ୍ୟ କେହି ଏପରି ପାପକାର୍ଯ୍ୟ କରିବାକୁ ସାହସ କରିବେ ନାହିଁ ।"

ଏହିମଧ୍ୟରେ ମୈତ୍ରେୟ ବିଚାରାଳୟରେ ଉପସ୍ଥିତ ହୋଇଗଲେ ।

ଚାରୁଦତ୍ତ ନିଜର ଦୁର୍ଦ୍ଦଶା ବୁଝିପାରି ମୈତ୍ରେୟଙ୍କୁ କହିଲେ, "ରାଜା ପାଳକର ବିଚାରକୁ ଧିକ୍ । ଏହିପରି ଶତ ଶତ ନିର୍ଦ୍ଦୋଷ ଲୋକ ଦଣ୍ଡ ପାଉଥିବେ ସିନା ! ବନ୍ଧୁ, ତୁମେ ଘରକୁ ଯାଇ

Digitized by srujanika@gmail.com

ଧୂତାଙ୍କୁ ଆଶ୍ୱାସନା ଦେବ ଓ ଶିଶୁ ରୋହସେନଙ୍କୁ ପ୍ରତିପାଳନ କରିବ ।”

ଶୂଳ ଦେବାପାଇଁ ଚାରୁଦତ୍ତଙ୍କୁ ଦୁଇଜଣ ଚଣ୍ଡାଳଙ୍କ ହସ୍ତରେ ଅର୍ପଣ କରାଗଲା । ମୈତ୍ରେୟ ଅତି ଦୁଃଖରେ ଧୂତାଙ୍କୁ ଏହି ଦୁଃସମ୍ବାଦ ଜଣାଇବା ପାଇଁ ଘରକୁ ଚାଲିଗଲେ ।

ଦଶ

ଚଣ୍ଡାଳ ଦୁହେଁ ଚାରୁଦତ୍ତଙ୍କ ଦେହରେ ବଧଚିହ୍ନ ସ୍ୱରୂପ ରକ୍ତଚନ୍ଦନ ଲେପି, ଗଳାରେ ମନ୍ଦାରମାଳା ଲମ୍ବାଇ ତାଙ୍କୁ ବଧ-ଭୂମିକୁ ନେଲେ । ସେମାନେ ବାଟରେ ଛକ ଜାଗାମାନଙ୍କରେ ଏହି ଘୋଷଣା କରୁଥାନ୍ତି—ସାଗରଦତ୍ତଙ୍କ ପୁଅ ଏହି ଚାରୁଦତ୍ତ ଅର୍ଥ-ଲୋଭରେ ପଡ଼ି ଗଣିକା ବସନ୍ତସେନାକୁ ପୁଷ୍ପକରଣ୍ଡକ ଉଦ୍ୟାନକୁ ନେଇ ହତ୍ୟା କରିଥିବାରୁ ରାଜା ପାଳକଙ୍କ ଆଦେଶରେ ପ୍ରାଣଦଣ୍ଡ ପାଇବାକୁ ଯାଉଛି । ସମସ୍ତେ ସାବଧାନ ହୁଅନ୍ତୁ; ଯେ ଏପରି ଅନ୍ୟାୟ କାର୍ଯ୍ୟ କରିବ, ତାକୁ ଏପରି ପ୍ରାଣଦଣ୍ଡ ଭୋଗିବାକୁ ହେବ ।

ଏହି ସମୟରେ ମୈତ୍ରେୟ ରୋହସେନକୁ ନେଇ ତାଙ୍କ ନିକଟରେ ଉପସ୍ଥିତ ହେଲେ । ବାଳକର ବ୍ୟାକୁଳ କ୍ରନ୍ଦନ ଶୁଣି ସୁଦ୍ଧା କଠୋରହୃଦୟ ଚଣ୍ଡାଳ ଦୁହିଁଙ୍କର ମନରେ ଟିକିଏ ହେଲେ ଦୟା ଆସିଲା ନାହିଁ । ରୋହସେନ ଓ ମୈତ୍ରେୟ ଲୁହ ଢାଳି ଢାଳି ଚାରୁଦତ୍ତଙ୍କ ସଙ୍ଗେ ଚାଲିଲେ ।

ସସ୍ଥାନକ ତାର ଭୃତ୍ୟ ସ୍ଥାବରକକୁ ଗୋଟିଏ ଘରେ ବନ୍ଦୀ କରି ରଖିଦେଇଥିଲା । ସେ ଘର ଭିତରୁ ଶୁଣି ପାରିଲା ଯେ

Digitized by srujanika@gmail.com

ବସନ୍ତସେନାଙ୍କୁ ହତ୍ୟା କରିଥିବା ଅପରାଧରେ ଚାରୁଦତ୍ତଙ୍କୁ ବଧ-ଭୂମିକୁ ନିଆଯାଉଅଛି । ତେଣୁ ସେ ଝରକା ପାଖରେ ରହି ଚିତ୍କାର କରି କହିଲା—"ଚାରୁଦତ୍ତ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ମୁଁ ଭୁଲକ୍ରମେ ବସନ୍ତସେନାଙ୍କୁ ପୁଷ୍ପକରଣ୍ଡକ ଉଦ୍ୟାନକୁ ନେଇଯାଇଥିଲି । ସଂସ୍ଥାନକଙ୍କ କଥାରେ ବସନ୍ତସେନା ରାଜି ନ ହେବାରୁ ସେ ତାଙ୍କୁ ମାରିପକାଇଲେ । ଚାରୁଦତ୍ତ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ସଂସ୍ଥାନକ ହିଁ ପ୍ରକୃତ ହତ୍ୟାକାରୀ ।"

ସ୍ଥାବରକ ଦେଖିଲା ଯେ ତାର କଥାକୁ କେହି ଶୁଣି ପାରୁ-ନାହାନ୍ତି । ତହୁଁ ସେ ଝରକାବାଟେ ତଳକୁ ଡେଇଁପଡ଼ିବାକୁ ସ୍ଥିର କରି ଭାବିଲା— ଯେପରି ହେଉ ନିର୍ଦ୍ଦୋଷ ଚାରୁଦତ୍ତଙ୍କୁ ରକ୍ଷାକରିବା ମୋର କର୍ତ୍ତବ୍ୟ । ତଳକୁ ଡେଇଁପଡ଼ିଲେ ମୋର ପ୍ରାଣ ବାହାରି ଯାଇପାରେ । ଯଦି ମୁଁ ମରେ ତେବେ ବି ମଙ୍ଗଳ । ନିର୍ଦ୍ଦୋଷ ଲୋକ ପ୍ରାଣଦଣ୍ଡ ପାଇବା ପୂର୍ବରୁ ମୁଁ ମରିବା ବରଂ ଶ୍ରେୟ ।

ଏହିପରି ବିଚାରି ସେ ତଳକୁ ଡେଇଁପଡ଼ିଲା । ସୌଭାଗ୍ୟ-ବଶତଃ ତାର କୌଣସି କ୍ଷତି ହେଲାନାହିଁ, ବରଂ ଲାଭ ହେଲା ଯେ ତାହା ଗୋଡ଼ରେ ଯେଉଁ ଶୃଙ୍ଖଳ ଥିଲା, ତାହା ଛିଣ୍ଡିଗଲା । ସେ ଚଣ୍ଡାଳମାନଙ୍କ ପାଖକୁ ଦଉଡ଼ିଯାଇ କହିଲା, "ମୋ କଥା ଶୁଣ । ମୁଁ ଭୁଲରେ ବସନ୍ତସେନାଙ୍କୁ ପୁଷ୍ପକରଣ୍ଡକ ଉଦ୍ୟାନକୁ ଗାଡ଼ିରେ ନେଇ-ଯାଇଥିଲି । ସଂସ୍ଥାନକ ତାଙ୍କୁ ନିଜର କରି ନ ପାରି ଶେଷରେ ମାରିପକାଇଛନ୍ତି । କାଳେ ମୁଁ ସତ କଥା ପ୍ରକାଶ କରିଦେବି ବୋଲି ସେ ମୋ ଗୋଡ଼ରେ ଶିକୁଳି ଦେଇ ଉପରମହଲରେ ବନ୍ଦୀ କରି ରଖିଥିଲେ । ମୁଁ ତଳକୁ ଡେଇଁପଡ଼ି ଆସିଲି ।"

ଏତିକିବେଳେ ସଂସ୍ଥାନକ ନିଜର ଚରଣଥ୍ ଚାରୁଦତ୍ତଙ୍କର ମୃତ୍ୟୁଦଣ୍ଡ ଦେଖିବାକୁ ବାହାରିଥିଲା । ତାର ଆଖି ପଡ଼ିଲା ଉପର

Digitized by srujanika@gmail.com

ଘରେ । ସେ ଦେଖେ ତ ସ୍ଥାବରକ ସେଠାରେ ନାହିଁ । ସେ ଘଟଣା ଜାଣିବାପାଇଁ କିଛିଦୂର ଆଗକୁ ଯାଇ ଦେଖିଲା, ଚଣ୍ଡାଳ ଦୁହେଁ ଚାରୁଦତ୍ତଙ୍କୁ ନେଇ ଯାଉଛନ୍ତି; ତାଙ୍କ ସାଥିରେ ସ୍ଥାବରକ । ସଂସ୍ଥାନକ ସ୍ଥାବରକକୁ ଡାକିବାମାତ୍ରେ ସେ କହିଲା, "ଖାଲି ବସନ୍ତସେନାଙ୍କୁ ମାରି କଅଣ ମନରେ ସନ୍ତୋଷ ନାହିଁ । ପୁଣି ଚାରୁଦତ୍ତଙ୍କୁ ମାରିବାକୁ ବସିଛ ?"

ସଂସ୍ଥାନକ—ମୁଁ ଗୋଟାଏ ସ୍ତ୍ରୀଲୋକକୁ ମାରନ୍ତି କାହିଁକି ?

ଲୋକମାନେ ଶତ୍କାର କରି ଉଠିଲେ—"ଏଇ ସଂସ୍ଥାନକ ବସନ୍ତସେନାଙ୍କୁ ମାରିଛି; ଚାରୁଦତ୍ତ ମାରିନାହାନ୍ତି । ସ୍ଥାବରକ କହୁଛି ଯେ ସଂସ୍ଥାନକ ମାରିଛି ।"

ସଂସ୍ଥାନକ କହିଲା—"ସେ ସ୍ଥାବରକ ପରା ମୋ ଚାକର ! ମୋ ଘରୁ ସୁନା ଚୋରି କରିଥିଲା ବୋଲି ତାକୁ ମାଡ଼ ଦେଇ ଘରେ ବାନ୍ଧି ରଖିଥିଲି । ସେଥିପାଇଁ ସେ ଏପରି ମିଛକଥା କହୁଛି ।"

ସଂସ୍ଥାନକ ସ୍ଥାବରକକୁ ଗୋଟିଏ ସୁନା କଙ୍କଣ ଦେଇ ଚୁପ୍ କରି କହିଲା—"ତୋତେ ଆହୁରି ସୁନା ଦେବି । ତୁ କହ, ଚାରୁଦତ୍ତ ବସନ୍ତସେନାଙ୍କୁ ମାରିଛି ।"

ସ୍ଥାବରକ ଲୋକମାନଙ୍କୁ କଙ୍କଣଟି ଦେଖାଇ କହିଲା—"ଏଇ ଦେଖନ୍ତୁ, ସଂସ୍ଥାନକ ମୋତେ ସୁନାଲୋଭ ଦେଖାଇ ମିଛ କହିବାକୁ ଶିଖାଉଛନ୍ତି ।"

ସଂସ୍ଥାନକ ତା ହାତରୁ କଙ୍କଣଟି ଛଡ଼ାଇ ନେଇ କହିଲା—"ଏଇ କଙ୍କଣଟି ସେ ଚୋରି କରିଥିଲା ବୋଲି ମୁଁ ତାକୁ ମାଡ଼ ଦେଇ ବାନ୍ଧି ରଖିଥିଲି । ଯେ ଚୋର, ସେ କଅଣ କହି ନପାରେ ?"

ଚଣ୍ଡାଳ ଦୁହେଁ ରାଜଶ୍ୟାଳକ ସଂସ୍ଥାନକର କଥାକୁ ସତ ମନେ କରି ସ୍ଥାବରକକୁ ଛାଡ଼ିଦେଲେ । ସଂସ୍ଥାନକ ଚଣ୍ଡାଳମାନଙ୍କୁ

Digitized by srujanika@gmail.com

କହିଲା—"ଆରେ, ଏତେ ଡେରି କରୁଛ କାହିଁକି ? ଶୀଘ୍ର ଏ ଚାରୁଦତ୍ତଙ୍କୁ ମାରିପକାଅ ।" ଏହା ଶୁଣି ଚାଣ୍ଡାଳମାନେ କହିଲେ—"ତେବେ ତୁମେ ନିଜେ ମାରୁନାହଁ । ଆମକୁ କହୁଛ କାହିଁକି ?"

ରୋହସେନ କାନ୍ଦି କାନ୍ଦି କହୁଥାଏ—"ମୋର ବାପାଙ୍କୁ ମାରନା, ମୋତେ ମାରିପକାଅ ।"

ଚାରୁଦତ୍ତ ମୈତ୍ରେୟଙ୍କୁ କହିଲେ—"ରୋହସେନକୁ ନେଇ ଘରକୁ ଚାଲିଯାଅ ।"

ମୈତ୍ରେୟ—ତୁମକୁ ହରାଇ ମୋର ଜୀବନରେ କି ପ୍ରୟୋଜନ ? ରୋହସେନକୁ ମାଆ ପାଖରେ ଛାଡ଼ି ମୁଁ ମଧ୍ୟ ତୁମ ସଙ୍ଗେ ପ୍ରାଣ ହରାଇଦେବି ।

ରୋହସେନ କାନ୍ଦି କାନ୍ଦି ତଳେ ଲୋଟିଗଲା । ଏହା ଦେଖି ସଂସ୍ଥାନକ କହିଲା—"ଆରେ ଚାଣ୍ଡାଳ, ଏତେ ଗୋଳମାଳ କାହିଁକି ? ମୁଁ କହୁଛି ବାପ ପୁଅ ଦୁହିଁଙ୍କୁ ମାରିପକାଅ ।"

ଚାଣ୍ଡାଳ—ରାଜାଙ୍କର ଆଦେଶ ତା ନୁହେଁ । ଆମେ ନିର୍ଦ୍ଦୋଷ ପିଲାକୁ କାହିଁକି ମାରିବୁ ?

ଆଉ କିଛି ଦୂର ଯିବାପରେ ପୁଣି ଘୋଷଣା ଦିଆଗଲା । କିନ୍ତୁ ଲୋକେ ବିଶ୍ୱାସ କରିପାରିଲେ ନାହିଁ ଯେ ଚାରୁଦତ୍ତ ପ୍ରକୃତରେ ବସନ୍ତସେନାଙ୍କୁ ମାରିଚନ୍ତି ।

ଶେଷରେ ଚାଣ୍ଡାଳ ଦୁହେଁ ଚାରୁଦତ୍ତଙ୍କୁ ନେଇ ବଧସ୍ଥାନରେ ପହଞ୍ଚିଲେ । ଦୁହିଁଙ୍କ ଭିତରେ ଗୁଳା ପକାଇ କିଏ ଚାରୁଦତ୍ତଙ୍କୁ ମାରିବ ସ୍ଥିର ହେଲା । କିନ୍ତୁ ଯାହାର ମାରିବା ସ୍ଥିର ହେଲା ସେ କହିଲା—"ମୋର ପାଳି ସତ, କିନ୍ତୁ ମୋର ବାପା କହିଛନ୍ତି ଯେ ବଧ ପୁରୁଷକୁ ହଠାତ୍ ମାରିବ ନାହିଁ । ଟିକିଏ ଅପେକ୍ଷା କରିବ ।"

ଅନ୍ୟ ଚାଣ୍ଡାଳ ପଚାରିଲା—"ଅପେକ୍ଷା କରିବ କାହିଁକି ?"

Digitized by srujanika@gmail.com

ବାପା କହୁଛନ୍ତି—"ଶେଷ ମୁହୂର୍ତ୍ତରେ କେହୁ ଧନ ଦେଇ ବଧ ପୁରୁଷକୁ ମୁକ୍ତ କରନ୍ତି, କେବେ ବା ରାଜାଙ୍କର ପୁଅଟିଏ ଜନ୍ମ ହେଲେ ବଧମାନଙ୍କୁ ମୁକ୍ତ ଦିଅନ୍ତି । ହାତୀ ପାଗଳ ହୋଇ ଗୋଳମାଳ କଲେ ସେହି ଗୋଳମାଳରେ ବଧ ଲୋକ ମୁକ୍ତ ପାଇଯାଏ; କେବେ ଅବା ଅନ୍ୟ ରାଜା ରାଜ୍ୟ ଅଧିକାର କରି ବଧମାନଙ୍କୁ ମୁକ୍ତ ଦିଅନ୍ତି ।"

ସଂସ୍ଥାନକର ମନ ସ୍ଥିର ହେଉ ନ ଥାଏ । ସେ ବାରମ୍ବାର ଚଣ୍ଡାଳମାନଙ୍କୁ କହୁଥାଏ—"ଶୀଘ୍ର ତାକୁ ମାରିପକାଅ ।"

ଚଣ୍ଡାଳ ଦୁହେଁ ଚାରୁଦତ୍ତଙ୍କୁ କହିଲେ—"ଏବେ ଇଷ୍ଟ-ଦେବତାଙ୍କୁ ସ୍ମରଣ କର ।"

ଏହିମଧ୍ୟରେ ବସନ୍ତସେନା ଶୁଣିବାକୁ ପାଇଲେ ଯେ, ତାଙ୍କୁ ହତ୍ୟା କରିଥିବା ଅପରାଧରେ ଚାରୁଦତ୍ତ ପ୍ରାଣଦଣ୍ଡ ପାଇବାକୁ ଯାଉଅଛନ୍ତି । ସେ ଅସ୍ତବ୍ୟସ୍ତ ହୋଇ ଭିକ୍ଷୁଙ୍କ ସହିତ ବଧଭୂମିକୁ ଦୌଡ଼ିଲେ ।

ସେତେବେଳକୁ ଜଣେ ଚଣ୍ଡାଳ ଚାରୁଦତ୍ତଙ୍କୁ କହୁଛି—"ମୁଁ ରାଜାଦେଶ ପାଳନ କରୁଛି ମାତ୍ର, ମୋର କିଛି ଦୋଷ ନାହିଁ । ଏକ ପ୍ରହାରରେ ଆପଣଙ୍କର ସ୍ୱର୍ଗପ୍ରାପ୍ତି ହେବ ।"

ଚଣ୍ଡାଳ ଖଣ୍ଡା ଟେକିଲାବେଳକୁ ହାତରୁ ତାହା ଖସିପଡ଼ିଲା । ସେ ଭାବିଲା—ବୋଧହୁଏ ଚାରୁଦତ୍ତଙ୍କର ମୃତ୍ୟୁ ବିଧାତାଙ୍କ ଇଚ୍ଛା ନୁହେଁ ।

ବସନ୍ତସେନା ହଠାତ୍ ଚଣ୍ଡାଳଦ୍ୱୟଙ୍କ ସମ୍ମୁଖରେ ଉପସ୍ଥିତ ହୋଇ କହିଲେ—"ଯେଉଁ ହତଭାଗିନୀ ବସନ୍ତସେନାକୁ ମାରିଥିବା

Digitized by srujanika@gmail.com

ଅପରାଧରେ ଚାରୁଦତ୍ତଙ୍କୁ ପ୍ରାଣଦଣ୍ଡ ଦେବାକୁ ଯାଉଛ, ମୁଁ ସେହି ବସନ୍ତସେନା ।" ଏହା କହି ସେ ଚାରୁଦତ୍ତଙ୍କୁ ଆଲିଙ୍ଗନ କଲେ ।

ଚାରୁଦତ୍ତଙ୍କ ଜୀବନ ରକ୍ଷା ହୋଇଥିବାରୁ ଚଣ୍ଡାଳମାନେ ଆନନ୍ଦିତ ହୋଇ ରାଜାଙ୍କୁ ସମସ୍ତ ଘଟଣା ଜଣାଇବାକୁ ଅପେକ୍ଷା କରି ରହିଲେ ।

ସଂସ୍ଥାନକ ଚାରୁଦତ୍ତଙ୍କର ମୃତ୍ୟୁ ଦେଖିବା ପାଇଁ ଦୂରରୁ ଚାହିଁ ରହିଥିଲା । ଏବେ ବସନ୍ତସେନାଙ୍କୁ ଦେଖି ତାର ଭୟ ହୋଇଗଲା । ବସନ୍ତସେନା କପରି ପ୍ରାଣ ପାଇଲା ତାହା ବୁଝି ନ ପାରି ସେ ପଳାଇବାକୁ ବସିଲା ।

ଚାରୁଦତ୍ତ ଏପରି ଅବସ୍ଥାରେ ବସନ୍ତସେନାଙ୍କୁ ଦେଖି ବିସ୍ମୟରେ ବୁଡ଼ିଗଲେ । ସେ ଭାବିଲେ—ସତେ ଯେପରି ସ୍ୱର୍ଗର କେଉଁ ଦେବୀ ଆସି ତାଙ୍କୁ ମୃତ୍ୟୁମୁଖରୁ ଉଦ୍ଧାର କଲା ।

ସଂସ୍ଥାନକ ବସନ୍ତସେନାଙ୍କୁ ମାଡ଼ ଦେଇ ସେ ମଡ଼ୋଇଥିବା ମନେକରି ପଳାଇଯିବା ଓ ଭିକ୍ଷୁଙ୍କ ଶୁଶ୍ରୂଷାରେ ବସନ୍ତସେନାର ପ୍ରାଣ ରହିବା କଥା କ୍ଷଣକ ଭିତରେ ଲୋକଙ୍କ ଭିତରେ ବ୍ୟାପିଗଲା ।

ଚଣ୍ଡାଳ ଦୁହେଁ ଭାବିଲେ—ଯେ ବସନ୍ତସେନାଙ୍କୁ ମାରିଛି ସେ ଦଣ୍ଡ ପାଇବାର ଯୋଗ୍ୟ ।

ତେଣୁ ସେମାନେ ସଂସ୍ଥାନକକୁ ବାନ୍ଧି ପକାଇଲେ ।

ଏହି ସମୟରେ ଘୋଷଣାଦ୍ୱାରା ଜଣାଇଦିଆଗଲା ଯେ, ଦୁଷ୍ଟ ଦୁରାତ୍ମା ପାଳକକୁ ନିହତ କରି ଆର୍ଯ୍ୟକ ରାଜସିଂହାସନ ଅଧିକାର କରିଅଛନ୍ତି ।

ପାଳକଙ୍କର ଦୁର୍ଦ୍ଦିନର ବନ୍ଧୁ ଦର୍ଦ୍ଦୁରକ ଓ ଶର୍ବିଳକ ବଧଭୂମିକୁ ଆସି ଚାରୁଦତ୍ତଙ୍କ ନିକଟରେ ନିଜର କୃତଜ୍ଞତା ଜଣାଇ ସମସ୍ତ ଘଟଣା ବର୍ଣ୍ଣନା କଲେ ଓ ଆର୍ଯ୍ୟକ ତାଙ୍କର କୃତଜ୍ଞତା

Digitized by srujanika@gmail.com

ସ୍ୱରୂପ ଚାରୁଦତ୍ତଙ୍କୁ କୁଶାବତୀ ରାଜ୍ୟଟି ଉପହାର ଦେଇଅଛନ୍ତି ବୋଲି ଜଣାଇଲେ ।

ରାଜପୁରୁଷମାନେ ସଂସ୍ଥାନକର ବାହୁ ଦୁଇଟି ପଛରେ ବାନ୍ଧି ଚାରୁଦତ୍ତଙ୍କ ନିକଟରେ ଉପସ୍ଥାପିତ କଲେ ।

ସଂସ୍ଥାନକ ଦେଖିଲା ସେ ସେଠାରେ ତାର ନିଜର କେହି ବନ୍ଧୁ ନାହିଁ । ସମସ୍ତେ ଆର୍ଯ୍ୟକଙ୍କ ପକ୍ଷରେ । କିଏ ତାକୁ ରକ୍ଷା କରିବ ? ସେ ଅନ୍ୟ ଉପାୟ ନ ଦେଖି ଚାରୁଦତ୍ତଙ୍କ ପାଦତଳେ ପଡ଼ିଯାଇ କହିଲା—"ଆପଣ ଅଶରଣର ଶରଣ । ଏ ଅଧମକୁ ରକ୍ଷାକରନ୍ତୁ ।"

ଶର୍ବିଳକ କହିଲା—"ଆର୍ଯ୍ୟ ଚାରୁଦତ୍ତ ! ଏ ଦୁଷ୍ଟକୁ ଉପଯୁକ୍ତ ଦଣ୍ଡ ଦିଅନ୍ତୁ । ତାକୁ ବାନ୍ଧି କୁକୁର ଲଗାଇ ଦିଆଯାଉ; ନଚେତ୍ ଶୂଳି ଦିଆଯାଉ ।"

ଲୋକେ ମଧ୍ୟ ଚିତ୍କାର କଲେ—"ଏପରି ପାପୀକୁ ପ୍ରାଣଦଣ୍ଡ ଦେବା ଉଚିତ ।"

ବସନ୍ତସେନା ଚାରୁଦତ୍ତଙ୍କ ଗଳାରୁ ବଧ-ଚିହ୍ନ ସ୍ୱରୂପ ମନ୍ଦାର ମାଳାଟି କାଢ଼ି ଆଣି ସଂସ୍ଥାନକର ଗଳାରେ ପକାଇଦେଲେ ।

ସଂସ୍ଥାନକ ଭୟରେ କହିଲା—"ନା, ନା, ଆଉ କେବେ ଏପରି କରିବି ନାହିଁ । ଆପଣଙ୍କ ଶରଣ ପଶୁଛି । ମୋତେ ଛାଡ଼ି ଦିଅନ୍ତୁ ।"

ଶର୍ବିଳକ ଚାରୁଦତ୍ତଙ୍କ ଆଦେଶକୁ ଅପେକ୍ଷା କରି ରହିଲେ ।

ଶେଷରେ ଚାରୁଦତ୍ତ କହିଲେ—"ତାକୁ ଛାଡ଼ିଦିଅ । ସେ ଶତ୍ରୁ, ଦୋଷ କରିଛି; କିନ୍ତୁ ସେ ଶରଣ ପଶିଛି ତାକୁ ମାରିବା କିପରି ?"

ସଂସ୍ଥାନକ ମୁକ୍ତି ପାଇ ପଳାଇଗଲା ।

Digitized by srujanika@gmail.com

ସ୍ୱାମୀ ଚାରୁଦତ୍ତ ଶୂଳ ଦେବା ପାଇଁ ନିଆଯାଇଛନ୍ତି ଶୁଣି ଧର୍ମପତ୍ନୀ ଧୂତା ଦେବୀ ଅଗ୍ନିରେ ପ୍ରବେଶ କରିବାକୁ ସ୍ଥିର କଲେ । ଚନ୍ଦନକ ତାଙ୍କୁ ସେଥିରୁ ନିବୃତ୍ତ କରିବାକୁ ଚେଷ୍ଟାକଲା; ମାତ୍ର ସେ ପତିହୀନ ଜୀବନ ରଖିବେ ନାହିଁ ବୋଲି କହି ଚିତା ପ୍ରସ୍ତୁତ କଲେ । ଏ କଥା ଶୁଣି ସମସ୍ତେ ଅଧୀର ହୋଇପଡ଼ିଲେ । କିନ୍ତୁ କିପରି ତାଙ୍କ ଜୀବନ ରକ୍ଷା କରାଯିବ ?

ଶର୍ବିଳକ ବ୍ୟଗ୍ରଭାବରେ ଚାରୁଦତ୍ତଙ୍କ ସହିତ ତାଙ୍କ ଗୃହରେ ଉପସ୍ଥିତ ହୋଇ ଦେଖିଲେ ଯେ ଚିତା ଜଳୁଛି । ରୋହସେନ ଧୂତାଙ୍କ ପଣତ ଧରି କହୁଛି, "ମା, ତୁ ଚାଲିଗଲେ ମୁଁ ବଞ୍ଚିବି କିପରି ?"

ଚାରୁଦତ୍ତ ଦଉଡ଼ିଯାଇ ରୋହସେନକୁ କୋଳରେ ଧରି-ନେଲେ । ଧୂତାଙ୍କୁ କହିଲେ, "ଆର୍ଯ୍ୟେ, ଏ କଅଣ ?"

ସମସ୍ତଙ୍କର ପୁନର୍ମିଳନ ହେଲା । ରଦନିକା ଆସି ଚାରୁଦତ୍ତଙ୍କ ପାଦତଳେ ପଡ଼ିଗଲା । ଧୂତାଙ୍କ ଜୀବନରକ୍ଷା ହୋଇଥିବାର ଦେଖି ବସନ୍ତସେନା ବିଶେଷ ଆନନ୍ଦ ପ୍ରକାଶ କଲେ ।

ଶର୍ବିଳକ ଚାରୁଦତ୍ତଙ୍କୁ ଜଣାଇଲେ—"ରାଜା ଆର୍ଯ୍ୟକ ବସନ୍ତ-ସେନାଙ୍କୁ ତୁମ୍ଭର ବଧୂରୂପେ ଅର୍ପଣ କରିଅଛନ୍ତି ।"

ଚାଣ୍ଡାଳଦ୍ୱୟଙ୍କୁ ଚାଣ୍ଡାଳମାନଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଦିଆଗଲା । ଚନ୍ଦନକ ଉଚ୍ଚ ରାଜକାର୍ଯ୍ୟରେ ପ୍ରତିଷ୍ଠିତ ହେଲା । ସ୍ଥାବରକ ଦାସତ୍ୱରୁ ମୁକ୍ତ ପାଇଲା । ଭିକ୍ଷୁ ସନ୍ନ୍ୟାସୀ ବିହାର-ମାନଙ୍କରେ କୁଳପତି ପଦ ପାଇଲେ ।

ଚାରୁଦତ୍ତ ପତିବ୍ରତା ଧୂତା ଓ ବସନ୍ତସେନାଙ୍କୁ ନେଇ ସୁଖରେ ଜୀବନ କଟାଇଲେ ।

□□□

Digitized by srujanika@gmail.com

ମୁଦ୍ରାରାକ୍ଷସ

ଆଭାସ

ପ୍ରାୟ ଦ୍ୱିସହସ୍ରାଧିକ ବର୍ଷ ପୂର୍ବେ ମଗଧରେ ନନ୍ଦବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ । ଏହି ବଂଶର ଶେଷ ରାଜା ମହାନନ୍ଦ । ଶକଟାର ନାମକ ତାଙ୍କର ଜନୈକ ମନ୍ତ୍ରୀ ଏକଦା ରାଜାଙ୍କଦ୍ୱାରା କାରାରୁଦ୍ଧ ହୋଇଥିଲେ । ପରେ ସେ କାରାମୁକ୍ତ ହେଲେ ସତ୍ୟ, ମାତ୍ର ଅପମାନର ପ୍ରତିଶୋଧ ନେବାପାଇଁ ସେ ମନେ ମନେ ମହାନନ୍ଦଙ୍କର ସର୍ବନାଶର ଉପାୟ ଚିନ୍ତା କରୁଥିଲେ ।

ଦୈବାତ୍ ଶକଟାରଙ୍କର ଚାଣକ୍ୟ ନାମକ ଜଣେ ବ୍ରାହ୍ମଣ ପଣ୍ଡିତଙ୍କ ସହିତ ସାକ୍ଷାତ ହେଲା । ଶକଟାର ଦେଖିଲେ ଯେ, ଚାଣକ୍ୟ ଯେପରି ବୁଦ୍ଧିମାନ୍ ଓ ଦୃଢ଼ମନା, ସେହିପରି ପ୍ରତିହିଂସା-ପରାୟଣ । ତେଣୁ ତାଙ୍କଦ୍ୱାରା ନିଜର ଉଦ୍ଦେଶ୍ୟ ସିଦ୍ଧ ହେବ ବୋଲି ସ୍ଥିର କରି ସେ ତାଙ୍କ ସହିତ ବନ୍ଧୁତା ସ୍ଥାପନ କଲେ ଏବଂ କିପରି ଚାଣକ୍ୟଙ୍କର କ୍ରୋଧବହ୍ନି ମହାନନ୍ଦଙ୍କୁ ଧ୍ୱଂସ କରିବାକୁ ପ୍ରଜ୍ୱଳିତ ହୋଇ ଉଠିବ, ତାହାହିଁ ସେ ଚିନ୍ତା କରିବାକୁ ଲାଗିଲେ ।

Digitized by srujanika@gmail.com

ମହାନନ୍ଦଙ୍କର ବାର୍ଷିକ ପିତୃଶ୍ରାଦ୍ଧ-ଦିବସ ଉପସ୍ଥିତ ହେଲା । ଏହି ଉପଲକ୍ଷରେ ଶକଟାର ଚାଣକ୍ୟଙ୍କୁ ନିମନ୍ତ୍ରଣ କରି ତାହାଙ୍କୁ ପ୍ରଧାନ ପୁରୋହିତ ଆସନରେ ବସାଇଦେଲେ । ଚାଣକ୍ୟ ଅତ୍ୟନ୍ତ କଦାକାର ଓ କୃଷ୍ଣବର୍ଣ୍ଣ । ରାଜା ମହାନନ୍ଦ ପାରିଷଦ୍‌ମାନଙ୍କ ସହିତ ସଭାଗୃହରେ ପ୍ରବେଶ କରି ଦେଖିଲେ ଯେ, ଜଣେ କୃଷ୍ଣକାୟ କୁତ୍ସିତ ବ୍ରାହ୍ମଣ ପ୍ରଧାନ ପୁରୋଧାଙ୍କ ଆସନରେ ଉପବିଷ୍ଟ । ସେ କ୍ରୁଦ୍ଧ ହୋଇ ଚାଣକ୍ୟଙ୍କୁ ଆସନରୁ ବିତାଡ଼ିତ କରିଦେଲେ । ତହୁଁ ଚାଣକ୍ୟ କ୍ରୋଧରେ କମ୍ପିଯାଇ ନିଜର ଚୂଟି ଫିଟାଇ କହିଲେ, "ଆପଣମାନେ ମନେ ରଖିଥାନ୍ତୁ, ଯେଉଁ ମହାନନ୍ଦ ଆଜି ମୋତେ ଅପମାନ ଦେଇଛନ୍ତି, ମୁଁ ତାର ବଂଶ ନିର୍ମୂଳ ନ କଲେ ଆଉ ଏ ଚୂଟି ବାନ୍ଧିବି ନାହିଁ ।"

ମହାନନ୍ଦଙ୍କ ରାଣୀମାନଙ୍କ ଗର୍ଭରୁ ଅନେକ ପୁତ୍ର ଜନ୍ମିଥିଲେ । ସେମାନଙ୍କ ବ୍ୟତୀତ ତାଙ୍କର ଆଉ ଗୋଟିଏ ଅନ୍ୟର ପୁଅ ମଧ୍ୟ ଥିଲେ । ତାଙ୍କର ନାମ ଚନ୍ଦ୍ରଗୁପ୍ତ । ସେ ନନ୍ଦରାଜାଙ୍କର ମୁରା ନାମ୍ନୀ ଜଣେ ଦାସୀର ସନ୍ତାନ । ଅନ୍ୟାନ୍ୟ ରାଜପୁତ୍ରମାନେ ଦାସୀପୁତ୍ର ବୋଲି ଚନ୍ଦ୍ରଗୁପ୍ତଙ୍କୁ ଘୃଣା କରୁଥିଲେ । ଏପରିକି ରାଜପରିବାରର ସମସ୍ତେ ତାଙ୍କ ପ୍ରତି ଅନାଦର ପ୍ରକାଶ କରୁଥିଲେ ।

ଏହି ସମୟରେ ଗ୍ରୀସ୍ ଦେଶର ମାସିଡ଼ୋନିଆ ପ୍ରଦେଶର ରାଜା ମହାବୀର ଆଲେକ୍‌ଜାଣ୍ଡର ପୃଥିବୀର ନାନାଦେଶ ଜୟ କରି ଭାରତର ପଞ୍ଜାବ ଅଞ୍ଚଳରେ ସୈନ୍ୟ ସମାବେଶ କରିଥାନ୍ତି । ଗ୍ରୀକ୍‌ସୈନ୍ୟମାନେ ପ୍ରବଳ ପରାକ୍ରାନ୍ତ ବୀର । ସେମାନେ ଭାରତର ପଶ୍ଚିମ ପ୍ରାନ୍ତରେ କେତେକ ଅଞ୍ଚଳ ଅଧିକାର କରି ପୂର୍ବ ଆଡ଼କୁ ଅଗ୍ରସର ହେବା ନିମନ୍ତେ କଳ୍ପନା କରୁଥାନ୍ତି ।

Digitized by srujanika@gmail.com

ବୟଃପ୍ରାପ୍ତ ହୁଅନ୍ତେ ଚନ୍ଦ୍ରଗୁପ୍ତ ମଗଧ ପରିତ୍ୟାଗ କରି ଆଲେକ୍‌ଜାଣ୍ଡରଙ୍କ ନିକଟରେ ଉପସ୍ଥିତ ହେଲେ । ଗ୍ରୀକ୍‌ମାନଙ୍କ ନିକଟରୁ ସେମାନଙ୍କର ଯୁଦ୍ଧପ୍ରଣାଳୀ ଶିକ୍ଷା କରି ସେ ପାର୍ବତ୍ୟ ଲୋକମାନଙ୍କ ସାହାଯ୍ୟରେ ଗୋଟିଏ ସୈନ୍ୟଦଳ ଗଠନ କଲେ । ମଗଧର ଯେଉଁ ରାଜପୁତ୍ରମାନେ ତାଙ୍କୁ ଦାସୀପୁତ୍ର ବୋଲି ଅବଜ୍ଞା କରୁଥିଲେ, ସେମାନଙ୍କୁ ଯୁଦ୍ଧରେ ପରାସ୍ତ କରି ମଗଧ ସିଂହାସନ ଅଧିକାର କରିବା ତାଙ୍କର ଲକ୍ଷ୍ୟ ଥିଲା ।

ବ୍ରାହ୍ମଣ ଚାଣକ୍ୟ ଚନ୍ଦ୍ରଗୁପ୍ତଙ୍କର ଏହି ଅଭିପ୍ରାୟ ଜାଣିପାରି ନନ୍ଦବଂଶ ଧ୍ୱଂସ କରିବା ଉଦ୍ଦେଶ୍ୟରେ ତାଙ୍କ ସହିତ ଯୋଗଦେଲେ । ସେ ଦରିଦ୍ର ବ୍ରାହ୍ମଣ ହେଲେହେଁ ଯୁଦ୍ଧକୌଶଳରେ ଅଦ୍ୱିତୀୟ । ଏବେ ତାଙ୍କର-ବୁଦ୍ଧିବଳ ସଙ୍ଗେ ଚନ୍ଦ୍ରଗୁପ୍ତଙ୍କର ସୈନ୍ୟବଳ ମିଳିତ ହେଲା । ଚନ୍ଦ୍ରଗୁପ୍ତ ମଗଧ ଆକ୍ରମଣ କରି ଅଧିକାର କଲେ । ଚାଣକ୍ୟଙ୍କ ନିର୍ଦ୍ଦେଶକ୍ରମେ ମହାନନ୍ଦ ସବଂଶ ନିହତ ହେଲେ । ଚାଣକ୍ୟଙ୍କର ପ୍ରତିଜ୍ଞା ପୂର୍ଣ୍ଣ ହେଲା ।

ମୁରାଙ୍କ ପୁତ୍ର ଚନ୍ଦ୍ରଗୁପ୍ତ ମଗଧ ସିଂହାସନ ଆରୋହଣ କରି ମୌର୍ଯ୍ୟବଂଶରେ ପ୍ରତିଷ୍ଠା କଲେ । ଚାଣକ୍ୟ ତାହାଙ୍କର ମନ୍ତ୍ରୀପଦରେ ଅଧିଷ୍ଠିତ ହେଲେ । ଚାଣକ୍ୟ ଦେଖିଲେ ଯେ, ଚନ୍ଦ୍ରଗୁପ୍ତ ରାଜ୍ୟ ଅଧିକାର କରିଥିଲେହେଁ ତାଙ୍କର ରାଜପଦ ସୁଦୃଢ଼ ନୁହେଁ । ରାଜ୍ୟର ଅନେକ ପ୍ରସିଦ୍ଧ ବ୍ୟକ୍ତି ବିଶେଷତଃ ମହାନନ୍ଦଙ୍କର ମନ୍ତ୍ରୀ ରାକ୍ଷସ ଚନ୍ଦ୍ରଗୁପ୍ତଙ୍କର ଘୋର ବିରୋଧୀ ଥିଲେ । ଏହି ବିରୋଧୀ ଦଳକୁ ସମ୍ପୂର୍ଣ୍ଣ ବଶୀଭୂତ ବା ବିଧ୍ୱସ୍ତ ନ କଲେ ଚନ୍ଦ୍ରଗୁପ୍ତଙ୍କ ଆସନ କଦାପି ଦୃଢ଼ ହୋଇ ରହି ନ ପାରେ—ଏହାହିଁ ଚାଣକ୍ୟଙ୍କର ଚିନ୍ତାର କାରଣ ହେଲା ।

Digitized by srujanika@gmail.com

ଚାଣକ୍ୟ ଓ ଚନ୍ଦ୍ରଗୁପ୍ତ ମଗଧ ବିଜୟ କଲାବେଳେ ପର୍ବତକ ନାମକ ଜଣେ ରାଜାଙ୍କର ସାହାଯ୍ୟ ଲାଭ କରିଥିଲେ । ଚନ୍ଦ୍ରଗୁପ୍ତ ପ୍ରତିଶ୍ରୁତି ଦେଇଥିଲେ ଯେ, ସେ ମଗଧ ଅଧିକାର କଲେ ପର୍ବତକ ଅର୍ଦ୍ଧ-ମଗଧର ଅଧିପତି ହେବେ ।

ଏଣେ ରାକ୍ଷସ ସ୍ୱୀୟ ପ୍ରଭୁ ନନ୍ଦରାଜାଙ୍କ ବଂଶ ନିଧନରେ ଦୁଃଖାଭିଭୂତ ହେଲେହେଁ ପ୍ରଭୁ-ଶତ୍ରୁ ଚନ୍ଦ୍ରଗୁପ୍ତଙ୍କୁ ବିନାଶ କରିବା ଚେଷ୍ଟାରେ ଥାନ୍ତି । ଚତୁର ଚାଣକ୍ୟ ରାକ୍ଷସର କୌଶଳ ଜାଣିପାରି ପ୍ରଥମେ ସେହି କୌଶଳର ଛଳନା କରି ପର୍ବତକଙ୍କର ମୃତ୍ୟୁ ଘଟାଇଲେ । ଏହାଦ୍ୱାରା ଯେ କେବଳ ଚନ୍ଦ୍ରଗୁପ୍ତଙ୍କର ପ୍ରାଣରକ୍ଷା ହେଲି ତାହା ନୁହେଁ, ତାହା ସଙ୍ଗେ ସଙ୍ଗେ ପର୍ବତକ ମଗଧର ଅର୍ଦ୍ଧେକ ଦାବି କରିବାର ଅବକାଶ ଆଉ ରହିଲା ନାହିଁ ।

ପର୍ବତକଙ୍କର ମୃତ୍ୟୁ ସଙ୍ଗେ ସଙ୍ଗେ ଚାଣକ୍ୟ ପ୍ରଚାର କରାଇଦେଲେ ଯେ, ରାକ୍ଷସଙ୍କ ଦ୍ୱାରାହିଁ ତାଙ୍କର ମୃତ୍ୟୁ ଘଟିଛି । କିନ୍ତୁ ପର୍ବତକଙ୍କର ପୁତ୍ର ମଳୟକେତୁ ଏହି ପ୍ରଚାରରେ ଭୁଲିଲେ ନାହିଁ । ସେ ଜାଣିଥିଲେ ଯେ, ଚାଣକ୍ୟ ହିଁ ପିତାଙ୍କ ମୃତ୍ୟୁର କାରଣ । ତେଣୁ ସେ ଚନ୍ଦ୍ରଗୁପ୍ତଙ୍କର ପରମଶତ୍ରୁ ରାକ୍ଷସଙ୍କ ସହିତ ଯୋଗଦେଲେ । ରାକ୍ଷସ ବିଜୟୀ ହେଲେ ମଳୟକେତୁ ମଗଧ ସିଂହାସନର ଅଧିକାରୀ ହେବେ, ଏହି ଆଶା ତାଙ୍କ ହୃଦୟରେ ଜାଗି ଉଠିଲା ।

ମଳୟକେତୁ ଓ ରାକ୍ଷସଙ୍କ ମଧ୍ୟରେ ବିରୋଧ ନ ଜନ୍ମିଲେ ଚାଣକ୍ୟଙ୍କର ଉଦ୍ଦେଶ୍ୟ କଦାପି ସଫଳ ହେବାର ଆଶା ନ ଥିଲା । ତେଣୁ ଚାଣକ୍ୟ ବିବିଧ ଚକ୍ରାନ୍ତର ଆୟୋଜନ କଲେ । ତାଙ୍କର ଗୁପ୍ତଚରମାନେ ନାନା ଛଦ୍ମବେଶ ଧାରଣ କରି ଦେଶ ମଧ୍ୟରେ ବୁଲି ସମ୍ବାଦ ସଂଗ୍ରହ କରିବାରେ ଲାଗିଲେ । ଚତୁର ଚାଣକ୍ୟ

Digitized by srujanika@gmail.com

ଏପରି ବ୍ୟବସ୍ଥା କରିଥିଲେ ଯେ, ଗୁପ୍ତଚରମାନେ ମଧ୍ୟ ପରସ୍ପରକୁ ଚିହ୍ନିବାର ଉପାୟ ନ ଥିଲା ।

ଏକ

ଏଣେ ଚାଣକ୍ୟ ନିଜ କୁଟୀରରେ ବସି ଚିନ୍ତା କରୁଥିଲେ— 'ମୁଁ ବୁଦ୍ଧି କୌଶଳରେ ସପରିବାର ନନ୍ଦରାଜାଙ୍କୁ ଧ୍ୱଂସ କରିଛି ଏବଂ ଚନ୍ଦ୍ରଗୁପ୍ତଙ୍କ ପାଇଁ ମଗଧ ଅଧିକାର କରିଛି ସତ୍ୟ; କିନ୍ତୁ ଏବେ ସୁଦ୍ଧା ବିଧ୍ୱସ୍ତ ନନ୍ଦବଂଶ ପ୍ରତି ରାକ୍ଷସଙ୍କର କି ଅନୁରକ୍ତି ! ତପସ୍ୱୀ ସର୍ବାର୍ଥସିଦ୍ଧି କେବଳ ନନ୍ଦବଂଶଜ ବୋଲି ମୁଁ ତାର ବଧସାଧନ କରାଇଛି । ଏବେ ରାକ୍ଷସ ମଳୟକେତୁଙ୍କୁ ସିଂହାସନରେ ବସାଇବା ଉଦ୍ଦେଶ୍ୟରେ ଚନ୍ଦ୍ରଗୁପ୍ତଙ୍କୁ ବିନାଶ କରିବାକୁ ସଚେଷ୍ଟ । କେହି କେହି ସ୍ୱାର୍ଥାନ୍ୱେଷୀ ପ୍ରଭୁର ସମ୍ପଦ କାଳରେ ତାଙ୍କର ଅନୁଗତ ହୁଅନ୍ତି । ଅନ୍ୟ କେହି ବା ପ୍ରଭୁର ପୁନଃପ୍ରତିଷ୍ଠା ଆଶାରେ ବିପତ୍ତି କାଳରେ ମଧ୍ୟ ତାଙ୍କର ଅନୁସରଣ କରେ । କିନ୍ତୁ ପ୍ରଭୁଙ୍କର ସବଂଶ ବିନାଶ ପରେ ମଧ୍ୟ ରାକ୍ଷସଙ୍କ ପରି ପ୍ରଭୁଭକ୍ତି ପ୍ରକାଶ କରିବା ବ୍ୟକ୍ତି ବାସ୍ତବରେ ଜଗତରେ ଦୁର୍ଲଭ ।

ମୋର ସହାଧ୍ୟାୟୀ ମିତ୍ରପଣ୍ଡିତ ଇନ୍ଦୁ ଶର୍ମା ସନ୍ନ୍ୟାସୀ-ବେଶ ଧାରଣ କରି ନନ୍ଦବଂଶୀୟ ଅମାତ୍ୟମାନଙ୍କ ସଙ୍ଗେ କୃତ୍ରିମ ବନ୍ଧୁତା ସ୍ଥାପନ କରିଛନ୍ତି । ଅମାତ୍ୟ ରାକ୍ଷସଙ୍କର ତାଙ୍କଠାରେ ଅଟଳ ବିଶ୍ୱାସ ଜନ୍ମିଅଛି । ଦେଖାଯାଉ, ପରିଣାମ କଅଣ ହେଉଛି ।"

Digitized by srujanika@gmail.com

ଚାଣକ୍ୟ ଏହିପରି ଚିନ୍ତାମଗ୍ନ ଥିବା ସମୟରେ ଜଣେକ ଗୁପ୍ତଚର ଉପସ୍ଥିତ ହେଲେ । ସେ ଭିକ୍ଷୁକ-ବେଶ ଧାରଣ କରିଥିଲେ ଓ ତାଙ୍କ ହସ୍ତରେ ଗୋଟିଏ ଯମପଟ ଥିଲା । ତାଙ୍କର ନାମ ନିପୁଣକ ।

ତାଙ୍କୁ ଦେଖିବାମାତ୍ରେ ଚାଣକ୍ୟ ସମ୍ବାଦ ପଚାରିଲେ । ନିପୁଣକ ଉତ୍ତର କଲେ, "ମହାଭାଗ, ପ୍ରଜାମାନଙ୍କର ଅଭାବ-ଅସୁବିଧାର କାରଣମାନ ଆପଣ ଦୂର କରାଇବା ଫଳରେ ସେମାନେ ଚନ୍ଦ୍ରଗୁପ୍ତଙ୍କ ପ୍ରତି ବିଶେଷ ଅନୁରକ୍ତ ହୋଇଅଛନ୍ତି । ତଥାପି ରାକ୍ଷସଙ୍କର ତିନିଜଣ ବନ୍ଧୁ ଚନ୍ଦ୍ରଗୁପ୍ତଙ୍କର ବିରୁଦ୍ଧା ଆଚରଣ କରୁଅଛନ୍ତି ।"

ସେମାନଙ୍କ ନାମ ପ୍ରକାଶ କରିବାକୁ ଚାଣକ୍ୟ ଅନୁରୋଧ କରିବାରୁ ନିପୁଣକ କହିଲେ, "ଆମ୍ଭମାନଙ୍କର ପ୍ରଥମ ଶତ୍ରୁ ହେଉଛି ଜୀବସିଦ୍ଧି ନାମକ କ୍ଷପଣକ (ବୌଦ୍ଧସନ୍ନ୍ୟାସୀ) । ଏହି ଜୀବସିଦ୍ଧି ରାକ୍ଷସର ପ୍ରରୋଚନାରେ ପଡ଼ି ପର୍ବତକଙ୍କ ବିନାଶ ନିମନ୍ତେ ବିଷକନ୍ୟାର ଆୟୋଜନ କରିଥିଲା ।"

ପ୍ରକୃତପକ୍ଷରେ ଜୀବସିଦ୍ଧି ଚାଣକ୍ୟଙ୍କ ଦ୍ୱାରା ଗୁପ୍ତଚରରୂପେ ନିଯୁକ୍ତ ହୋଇଥିଲେ । ନିପୁଣକ ଜୀବସିଦ୍ଧିଙ୍କୁ ଶତ୍ରୁ ବୋଲି ପ୍ରକାଶ କରିବାରୁ ଚାଣକ୍ୟ ମନେ ମନେ ନିପୁଣକଙ୍କର ଭ୍ରମ ବୁଝିପାରିଲେ । ମାତ୍ର ସେ ଉକ୍ତ ମନୋଭାବ ପ୍ରକାଶ ନ କରି କହିଲେ, "ଆଚ୍ଛା, ଅନ୍ୟ ଦୁଇଜଣ କିଏ ?"

ନିପୁଣକ ଉତ୍ତର କଲେ, "ଆମର ଦ୍ୱିତୀୟ ଶତ୍ରୁ ହେଉଛି ଅମାତ୍ୟ ରାକ୍ଷସଙ୍କ ପ୍ରିୟ ବୟସ୍ୟ କାୟସ୍ଥ ଶକଟଦାସ । ତୃତୀୟ ଓ ପ୍ରଧାନ ଶତ୍ରୁ ହେଉଛି ପୁଷ୍ପପୁରନିବାସୀ ଶ୍ରେଷ୍ଠୀ ଚନ୍ଦନଦାସ । ଏହି

Digitized by srujanika@gmail.com

ଚନ୍ଦନଦାସ ଓ ରାକ୍ଷସଙ୍କର ଅଭିନ୍ନ ଆତ୍ମା । ଆପଣ ଜାଣନ୍ତି ଯେ ରାକ୍ଷସ ପୁଷ୍ପପୁରରୁ ପଳାୟନ କରିଛି । କିନ୍ତୁ ତାର ପରିବାର ଏହି ଚନ୍ଦନଦାସର ଗୃହରେ ଆଶ୍ରୟ ନେଇଅଛନ୍ତି ।"

ଚନ୍ଦନଦାସ ଗୃହରେ ଅମାତ୍ୟ ରାକ୍ଷସଙ୍କର ପରିବାର ଥିବା କଥା କପରି ଜଣାଗଲା ବୋଲି ପଚାରିବାରୁ ନିପୁଣକ କହିଲେ, "ମୁଁ ଯମପଟ ଧରି ଛଦ୍ମବେଶରେ ଗ୍ରାମେ ଗ୍ରାମେ ବୁଲୁଥିଲି । ଦିନେ ଚନ୍ଦନଦାସଙ୍କ ଗୃହ ସମ୍ମୁଖରେ ଯମପଟ ଦେଖାଉଥିଲି । ଏହି ସମୟରେ ପାଞ୍ଚ ବର୍ଷର ଗୋଟିଏ ସୁନ୍ଦର ବାଳକ କୌତୁହଳବଶତଃ ଯମପଟ ଦେଖିବା ଆଶାରେ ଘରୁ ବାହାରି ଆସିଲା । ତତ୍କ୍ଷଣାତ୍ ଜଣେ ସ୍ତ୍ରୀଲୋକ ଚିତ୍କାର କରି କହିଲା, 'ଆରେ ବାହାରକୁ ଗଲୁ, କିଏ ଦେଖିବ ।' ଏହିପରି କହି ସେ ତାର କୋମଳ ବାହୁଲତାରେ ବାଳକଟିକୁ ପୁଣି ଘରଭିତରକୁ ନେଇଗଲା । ପିଲାଟିକୁ ଟାଣିନେବା ସମୟରେ ସେହି ସ୍ତ୍ରୀର ମୁଦ୍ରିକାଟି ଅଙ୍ଗୁଳିରୁ ଖସି ମୋ ନିକଟକୁ ଗଡ଼ିଆସିଲା । ମୁଁ ଦେଖେଁ ତ ସେଥିରେ ଅମାତ୍ୟ ରାକ୍ଷସଙ୍କ ନାମ ଉତ୍କୀର୍ଣ୍ଣ ହୋଇଅଛି । ମୁଁ ସମସ୍ତଙ୍କ ଅଜ୍ଞାତରେ ମୁଦ୍ରିକାଟିକୁ ନେଇ ଆସିଲି; ଏଇ ଦେଖନ୍ତୁ ।" ଏହା କହି ନିପୁଣକ ମୁଦ୍ରିକାଟି ଚାଣକ୍ୟଙ୍କ ହସ୍ତକୁ ବଢ଼ାଇଦେଲେ ।

ଚାଣକ୍ୟ ନିପୁଣକଙ୍କୁ ଯଥେଷ୍ଟ ପ୍ରଶଂସା କରି ଆନନ୍ଦରେ ଉତ୍ଫୁଲ୍ଲ ହୋଇପଡ଼ିଲେ ଏବଂ ଏହି ମୁଦ୍ରିକାଦ୍ୱାରା ନିଜର ଉଦ୍ଦେଶ୍ୟ ସିଦ୍ଧ କରିପାରିବାର କଳ୍ପନା କରି ଜଣେ ଶିଷ୍ୟଙ୍କୁ ଲିଖନ ସାମଗ୍ରୀ ଆଣିବାକୁ କହିଲେ ।

ଏହି ସମୟରେ ଜଣେ ପ୍ରତିହାରୀ ଚାଣକ୍ୟଙ୍କୁ ଜଣାଇଲା ଯେ, ମହାରାଜ ଚନ୍ଦ୍ରଗୁପ୍ତ ସ୍ୱର୍ଗତ ବନ୍ଧୁ ପର୍ବତକଙ୍କ ଶ୍ରାଦ୍ଧୋପଲକ୍ଷରେ

Digitized by srujanika@gmail.com

ତାଙ୍କର ଅଳଙ୍କାରଗୁଡ଼ିକ ବ୍ରାହ୍ମଣମାନଙ୍କୁ ଦାନ କରିଦେବାକୁ ଇଚ୍ଛା କରି ତାହାଙ୍କର ଅଭିମତ ବୁଝିଅଛନ୍ତି ।

ଚାଣକ୍ୟ ଟିକିଏ ଚିନ୍ତା କରି କହିଲେ, "ଯାଅ, ମହାରାଜଙ୍କୁ ଜଣାଅ ଯେ ଏପରି ଦାନ ଦେବା ଯଥାର୍ଥରେ ରାଜୋଚିତ । କିନ୍ତୁ ପର୍ବତକଙ୍କର ବ୍ୟବହୃତ ଅଳଙ୍କାରଗୁଡ଼ିକ ବିଶେଷ ଗୁଣଯୁକ୍ତ; ତେଣୁ ସେଗୁଡ଼ିକୁ ଇତର ବ୍ରାହ୍ମଣଙ୍କୁ ଦେବା ଉଚିତ ନୁହେଁ । ମୁଁ ଦାନ ଗ୍ରହଣାର୍ଥ ଉପଯୁକ୍ତ ବ୍ରାହ୍ମଣଙ୍କୁ ପ୍ରେରଣ କରିବି ।"

ପ୍ରତିହାରୀ ବିଦାୟ ନେଲା । ଚାଣକ୍ୟଙ୍କ ଆଦେଶରେ ବିଶ୍ୱାବସୁ ନାମକ ଜଣେ ବ୍ରାହ୍ମଣ ଓ ତାଙ୍କର ଦୁଇ ଭାଇ ଦାନ ଗ୍ରହଣ କରିବାକୁ ଚନ୍ଦ୍ରଗୁପ୍ତଙ୍କ ନିକଟକୁ ପ୍ରେରିତ ହେଲେ ।

ଲେଖା ଉପକରଣମାନ ଆସିବାରୁ ଚାଣକ୍ୟ ଖଣ୍ଡିଏ ପତ୍ର ଲେଖିବାକୁ ଲାଗିଲେ । ଅଳ୍ପ କିଛି ଲେଖିବା ପରେ ସେ ଶିଷ୍ୟ ଶାର୍ଙ୍ଗରବକୁ କହିଲେ, "ବତ୍ସ ! ଯେତେ ଯତ୍ନ କରି ଲେଖିଲେ ମଧ୍ୟ ମୋର ଅକ୍ଷର ଅସ୍ପଷ୍ଟ । ଏହିପରି ଖଣ୍ଡିଏ ଚିଠି ଶକଟଦାସଙ୍କ ଦ୍ୱାରା ଲେଖାଇ ଆଣ । କାୟସ୍ଥ ଶକଟଦାସଙ୍କ ଅକ୍ଷରଗୁଡ଼ିକ ମୁକ୍ତାପରି ସୁନ୍ଦର ।"

ଶିଷ୍ୟ ଶକଟଦାସଙ୍କ ଦ୍ୱାରା ଚିଠିଟି ଲେଖାଇ ଆଣିଲା । ଚାଣକ୍ୟ ଚିଠିଟିକୁ ରାକ୍ଷସଙ୍କ ମୁଦ୍ରିକାଦ୍ୱାରା ଚିହ୍ନିତ କରି ସିଦ୍ଧାର୍ଥକଙ୍କୁ ଦେଇ କହିଲେ, "ତୁମକୁ ଗୋଟିଏ ବିଶେଷ କାର୍ଯ୍ୟ କରିବାକୁ ହେବ । ଅଳ୍ପକାଳ ମଧ୍ୟରେ ଘାତକମାନେ ଶକଟଦାସଙ୍କୁ ରାଜଦ୍ରୋହ ଅପରାଧରେ ବାନ୍ଧି ଶୂଳି ଦେବାପାଇଁ ବଧଭୂମିକୁ ନେଇଯିବେ । ତୁମେ ଶକଟଦାସର ଅନୁଗତ ବନ୍ଧୁ ବୋଲି ଛଳନା କରି ବଧଭୂମି ପର୍ଯ୍ୟନ୍ତ ଯିବ । ସେଠାରେ ତୁମ୍ଭଠାରୁ ସଙ୍କେତ ପାଇଲା ମାତ୍ରେ

Digitized by srujanika@gmail.com

ଘାତକମାନେ ଶକଟଦାସଙ୍କୁ ଛାଡ଼ି ଚାଲିଯିବେ । ତହୁଁ ତୁମ୍ଭେ ଶକଟଦାସଙ୍କୁ ସଙ୍ଗରେ ନେଇ ରାକ୍ଷସଙ୍କ ନିକଟକୁ ଯିବ । ତୁମ୍ଭେ ରାକ୍ଷସଙ୍କୁ କହିବ, 'ମୁଁ ଚାଣକ୍ୟର ବ୍ୟବହାରରେ ବିରକ୍ତ ହୋଇ ଆପଣଙ୍କ ସଙ୍ଗେ ଯୋଗ ଦେବାକୁ ଆସିଛି ।' ଏ ଚିଠିଟି ସଙ୍ଗରେ ନିଅ । ସାବଧାନ ଭାବରେ ରଖିଥିବ । ଉପଯୁକ୍ତ ସମୟ ଦେଖି ଏହାକୁ ବ୍ୟବହାର କରିବ ।"

ସିଦ୍ଧାର୍ଥକ ମୁଦ୍ରାଙ୍କିତ ପତ୍ରଟି ନେଇ ଚାଲିଗଲେ । ଏହା ପରେ ଚାଣକ୍ୟ ଶାର୍ଙ୍ଗରବ ନାମକ ଶିଷ୍ୟଙ୍କୁ ଡାକି କହିଲେ, "ଯାଅ, କାଳପାଶିକ ଓ ଦଣ୍ଡପାଶିକ ଦୁହିଙ୍କୁ ଜଣାଇଦିଅ ଯେ ରାଜା ଚନ୍ଦ୍ରଗୁପ୍ତଙ୍କର ଆଦେଶ, କ୍ଷପଣକ ଜୀବସିଦ୍ଧି ବିଷକନ୍ୟା ପ୍ରୟୋଗ କରି ଆମର ବନ୍ଧୁ ପର୍ବତକଙ୍କୁ ହତ୍ୟା କରିଥିବାରୁ ତାକୁ ନଗରରୁ ନିର୍ବାସନ କରାଗଲା । ଆହୁରି ମଧ୍ୟ କାୟସ୍ଥ ଶକଟଦାସ ରାକ୍ଷସ ସହିତ ଆମ୍ଭ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଥିବାରୁ ତାକୁ ଶୂଳି ଦିଆଯିବ । ତାର ପରିବାରରେ ସମସ୍ତେ ବନ୍ଦୀ ହେବେ । ଏ କଥା ସମସ୍ତଙ୍କୁ ଜଣାଇଦିଅ ।"

ସିଦ୍ଧାର୍ଥକ ବିଦାୟ ନେଇ ଯିବାପରେ ଚାଣକ୍ୟ ଜଣେ ଶିଷ୍ୟଙ୍କ ଦ୍ୱାରା ଚନ୍ଦନଦାସଙ୍କୁ ଡକାଇ ପଠାଇଲେ । ଚାଣକ୍ୟ ଡାକୁଛନ୍ତି ଶୁଣି ଚନ୍ଦନଦାସ ପ୍ରମାଦ ଗଣିଲେ । ନିତାନ୍ତ ନିରୀହ ନିର୍ଦ୍ଦୋଷ ଲୋକ ମଧ୍ୟ ଚାଣକ୍ୟଙ୍କ ନିକଟକୁ ଯିବାକୁ ଭୟ କରେ । ତେଣୁ ସେ ଅନିଷ୍ଟ ଆଶଙ୍କା କରି ରାକ୍ଷସଙ୍କ ସ୍ତ୍ରୀପୁତ୍ରଙ୍କୁ ନିରାପଦ ସ୍ଥାନରେ ରଖାଇ ଚାଣକ୍ୟଙ୍କ ନିକଟରେ ଉପସ୍ଥିତ ହେଲେ ।

ଚାଣକ୍ୟ ଆଦର ଦେଖାଇ ଚନ୍ଦନଦାସଙ୍କୁ ଆସନରେ ବସାଇ କହିଲେ—"ତୁମର ବ୍ୟବସାୟ ଭଲ ଚାଲିଛି ତ ?"

Digitized by srujanika@gmail.com

ଚନ୍ଦନଦାସ—ଆପଣଙ୍କ ଅନୁଗ୍ରହରୁ ମୋର ବ୍ୟବସାୟର ଅବସ୍ଥା ଭଲ ।

ଚାଣକ୍ୟ—ପ୍ରଜାମାନେ କଣ ଭୂତପୂର୍ବ ରାଜାଙ୍କର ଗୁଣ କୀର୍ତ୍ତନ କରୁଅଛନ୍ତି ?

ଚନ୍ଦନଦାସ—ଶରତ୍‌କାଳୀନ ଚନ୍ଦ୍ରସଦୃଶ ଚନ୍ଦ୍ରଗୁପ୍ତଙ୍କୁ ରାଜାରୂପେ ପାଇ ପ୍ରଜାମାନେ ଆନନ୍ଦ ଅନୁଭବ କରୁଅଛନ୍ତି ।

ଚାଣକ୍ୟ—ତାହାହେଲେ ରାଜା ଏପରି ପ୍ରଜାମାନଙ୍କଠାରୁ ପ୍ରତ୍ୟୁପକାର ଆଶା କରିବା ସ୍ୱାଭାବିକ ।

ଚନ୍ଦନଦାସ—ମୋ ପରି ଅଧମଠାରୁ କଅଣ ଇଚ୍ଛା କରନ୍ତି, ଆଦେଶ କରନ୍ତୁ ।

ଚାଣକ୍ୟ—ଶ୍ରେଷ୍ଠି, ଏ ଚନ୍ଦ୍ରଗୁପ୍ତଙ୍କ ରାଜ୍ୟ; ନନ୍ଦରାଜ୍ୟ ନୁହେଁ । ନନ୍ଦରାଜା ଅର୍ଥଲିପ୍ସୁ ଥିଲେ । ତେଣୁ ପ୍ରଜାଙ୍କଠାରୁ ଅର୍ଥ ପାଇଲେ ସେ ତୃପ୍ତ ହେଉଥିଲେ । କିନ୍ତୁ ଚନ୍ଦ୍ରଗୁପ୍ତ ଚାହାନ୍ତି ପ୍ରଜାମାନଙ୍କର ସୁଖ ସନ୍ତୋଷ । ଏବେ ସେହି ସୁଖ-ସନ୍ତୋଷ କିପରି ପ୍ରକାଶ ପାଇବ ?

ଚନ୍ଦନଦାସ—ଯାହା ଇଚ୍ଛା ଆଦେଶ କରନ୍ତୁ ।

ଚାଣକ୍ୟ—ରାଜାଙ୍କ ବିରୁଦ୍ଧରେ କିଛି ଆଚରଣ ନ କରିବାଦ୍ୱାରା ସେହି ସୁଖ-ସନ୍ତୋଷ ଜଣାପାଏ ।

ଚନ୍ଦନଦାସ—କେଉଁ ରାଜାଙ୍କର ବିରୋଧୀ ବୋଲି ଆପଣ ଜାଣିଛନ୍ତି କି ?

ଚାଣକ୍ୟ—ତୁମେ ହିଁ ପ୍ରଥମ ।

ଚନ୍ଦନଦାସ—ହରି, ହରି । ଏପରି କହନ୍ତୁ ନାହିଁ । ମୁଁ ସାମାନ୍ୟ ତୃଣ ହୋଇ ଅଗ୍ନିର ବିରୋଧୀ ହେବ ?

Digitized by srujanika@gmail.com

ଚାଣକ୍ୟ—ତୁମେ ରାଜାଙ୍କର ଶତ୍ରୁ ଅମାତ୍ୟ ରାକ୍ଷସର ପରିବାରକୁ ନିଜ ଗୃହରେ ଆଶ୍ରୟ ଦେଇଛ । ଏହା ହିଁ ତୁମର ରାଜବିରୋଧୀ କାର୍ଯ୍ୟ ।

ଚନ୍ଦନଦାସ—ଆର୍ଯ୍ୟ ! ଏହା ମିଥ୍ୟା । କେହି ଭ୍ରମରେ ଆପଣଙ୍କୁ ଏପରି ସମ୍ବାଦ ଦେଇଛି ।

ଚାଣକ୍ୟ—ଭୟର କିଛି କାରଣ ନାହିଁ । ରାଜପୁରୁଷମାନେ ରାଜନିଗ୍ରହ ଭୟରେ ନଗରବାସୀଙ୍କ ଅନିଚ୍ଛାସତ୍ତ୍ୱେ ନିଜ ପରିବାରକୁ ସେମାନଙ୍କ ଘରେ ଛାଡ଼ି ଦେଶାନ୍ତର ଗମନ କରିଥାନ୍ତି । ତେବେ ସେମାନଙ୍କୁ ଲୁକ୍‌କାୟିତ ଭାବରେ ରଖିବା ଅବଶ୍ୟ ଦୋଷାବହ ।

ଚନ୍ଦନଦାସ—ହଁ । ନିହେଁ । ଆଗେ ରାକ୍ଷସଙ୍କ ପରିବାର ମୋ ଘରେ ଥିଲେ ।

ଚାଣକ୍ୟ—ପ୍ରଥମେ କହୁଥିଲ ଯେ କଥାଟା ଏକବାରେ ମିଥ୍ୟା । ଏବେ କହୁଛ ଯେ, ଆଗେ ସେମାନେ ଥିଲେ । ଯାହାହେଉ ରାକ୍ଷସର ସ୍ତ୍ରୀ-ପୁତ୍ରଙ୍କୁ ଅର୍ପଣ କଲେ ତୁମେ ନିଶ୍ଚିନ୍ତ ରହିବ ।

ଚନ୍ଦନଦାସ—ଆର୍ଯ୍ୟ ! ମୁଁ କହୁଛି ଯେ, ସେମାନେ ଆଗେ ମୋ ଘରେ ଥିଲେ, ଏବେ ନାହାନ୍ତି ।

ଚାଣକ୍ୟ—ତେବେ କେଉଁଠାକୁ ଗଲେ ?

ଚନ୍ଦନଦାସ—ମୁଁ ଜାଣେ ନାହିଁ ।

ଚାଣକ୍ୟ—ଦେଖ, ମୁଣ୍ଡ ଉପରେ ବିଷଧର ସାପ ଝୁଲୁଥିଲାବେଳେ ହିମାଳୟରେ ଥିବା ଔଷଧ କାର୍ଯ୍ୟରେ ଲାଗିପାରେ କି ?

ଏହି ସମୟରେ କିଛି ଦୂରରେ କୋଳାହଳ ଶୁଣାଯିବାରୁ ଏଥିର କାରଣ ବୁଝି ଆସିବା ପାଇଁ ଚାଣକ୍ୟ ଶିଷ୍ୟଙ୍କୁ ଆଦେଶ

Digitized by srujanika@gmail.com

ଦେଲେ । ଶିଷ୍ୟ ବୁଝିଆସି ଜଣାଇଲା ଯେ ବୌଦ୍ଧସନ୍ନ୍ୟାସୀ ଜୀବସିଦ୍ଧି ରାଜାଙ୍କର ବିରୁଦ୍ଧ କାର୍ଯ୍ୟ କରିଥିବାରୁ ନଗରରୁ ବିତାଡ଼ିତ ହେଉଅଛି ।

ଚାଣକ୍ୟ—ଶ୍ରେଷ୍ଠି, ମୋର କଥା ମାନ । ରାଜବିରୋଧୀମାନଙ୍କର ଦଶା କଅଣ ହୁଏ ତ ଦେଖୁଛ । ରାକ୍ଷସର ସ୍ତ୍ରୀପୁତ୍ରଙ୍କୁ ସମର୍ପଣ କରି ଚିରକାଳ ରାଜାନୁଗ୍ରହ ଭୋଗକର ।

ଚନ୍ଦନଦାସ—ମୋ ଗୃହରେ ରାକ୍ଷସର ପୁତ୍ରକଳତ୍ର କେହି ନାହାନ୍ତି ।

ପୁନର୍ବାର ରାଜପଥରେ କୋଳାହଳ ଶ୍ରୁତିଗୋଚର ହେଲା । ଚାଣକ୍ୟଙ୍କ ଆଦେଶରେ ଶିଷ୍ୟ ଏହାର କାରଣ ଅନୁସନ୍ଧାନ କରି ଜଣାଇଲା, "ଗୁରୁଦେବ, ରାଜଦ୍ରୋହ ଅପରାଧ ହେତୁ କାୟସ୍ଥ ଶକଟଦାସଙ୍କୁ ଶୂଳ ଦେବାଲାଗି ନିଆଯାଉଅଛି ।

ଚାଣକ୍ୟ—ଶକଟଦାସ ନିଜର କର୍ମଫଳ ଭୋଗୁ । ରାଜା ଚନ୍ଦ୍ରଗୁପ୍ତ ରାଜଦ୍ରୋହୀମାନଙ୍କ ପ୍ରତି କଠୋର ଦଣ୍ଡବିଧାନ କରନ୍ତି । ତୁମ୍ଭେ ରାକ୍ଷସର ପୁତ୍ରକଳତ୍ରଙ୍କୁ ଆଶ୍ରୟ ଦେଇଥିବା ଅପରାଧରେ ଅପରାଧୀ । ଏବେ ମୋର ଉପଦେଶ—ପରର ସ୍ତ୍ରୀପୁତ୍ରଙ୍କୁ ସମର୍ପଣ କରି ନିଜର ସ୍ତ୍ରୀପୁତ୍ରଙ୍କୁ ରକ୍ଷାକର ।

ଚନ୍ଦନଦାସ—ଆର୍ଯ୍ୟ, ମୋତେ ଏ କି ଭୟ ଦେଖାଉଅଛନ୍ତି ? ସେମାନେ ମୋ ଗୃହରେ ଆଶ୍ରୟ ନେଇଥିଲେ ସୁଦ୍ଧା ମୁଁ ସେମାନଙ୍କୁ ସମର୍ପଣ କରନ୍ତି ନାହିଁ । ସେମାନେ ଯେତେବେଳେ ମୋ ଘରେ ନାହାନ୍ତି, ସେତେବେଳେ ଏ ପ୍ରଶ୍ନ କାହିଁକି ?

ଚାଣକ୍ୟ—ଏହାହିଁ କଅଣ ତୁମ୍ଭର ନିଷ୍ପତ୍ତି ।

ଚନ୍ଦନଦାସ—ହଁ, ନିଷ୍ପତ୍ତି ।

Digitized by srujanika@gmail.com

ଚାଣକ୍ୟ ମନେ ମନେ ଚନ୍ଦନଦାସଙ୍କର ବନ୍ଧୁତ୍ୱ ଓ ଚରିତ୍ରର ପ୍ରଶଂସା ନ କରି ରହିପାରିଲେ ନାହିଁ । ପରକ୍ଷଣରେ କୋପ ପ୍ରକାଶ କରି କହିଲେ, "ଆରେ ଦୁଷ୍ଟ ବଣିକ, ତୋତେ ରାଜକ୍ରୋଧାନଳରେ ଦଗ୍‌ଧୀଭୂତ ହେବାକୁ ପଡ଼ିବ ।"

ଚନ୍ଦନଦାସ—ସେଥିପାଇଁ ମୁଁ ପ୍ରସ୍ତୁତ । ଆପଣଙ୍କ କ୍ଷମତାଦ୍ୱାରା ଯାହା ହୋଇପାରେ, ତା କରି ପାରନ୍ତି ।

ଚାଣକ୍ୟ—ବେଶ୍ ! ଶାର୍ଙ୍ଗରବ, ଯାଅ, ଦୁର୍ଗରକ୍ଷକ ବିଜୟପାଳଙ୍କୁ ଆଦେଶ ଦିଅ ଯେ, ଏହି ବଣିକର ସମସ୍ତ ଧନ ରାଜକୋଷକୁ ନେଇ ଏହାର ପୁତ୍ରକଳତ୍ରଙ୍କୁ ବନ୍ଦୀ କରି ରଖିବେ । ମୁଁ ଚନ୍ଦ୍ରଗୁପ୍ତଙ୍କୁ ସମ୍ବାଦ ଦିଏଁ । ସେ ସ୍ୱୟଂ ଏହାର ଉପଯୁକ୍ତ ଦଣ୍ଡାଦେଶ ଦେବେ ।

ଶିଷ୍ୟ ଆଦେଶପାଳନାର୍ଥ ପ୍ରସ୍ଥାନ କଲା ।

ଚନ୍ଦନଦାସ କହିଲେ, "ଆର୍ଯ୍ୟ, ମୁଁ ମିତ୍ରକାର୍ଯ୍ୟରେ ପ୍ରାଣ ଦେବାକୁ ଯାଉଛି, ନିଜ ଦୋଷରୁ ନୁହେଁ । ତେଣୁ ଦୁଃଖ ନାହିଁ ।"

ଏହି ସମୟରେ ପୁନରାୟ ରାଜପଥରେ କୋଳାହଳ ଶୁଣାଗଲା । ଚାଣକ୍ୟଙ୍କ ଆଦେଶରେ ଶିଷ୍ୟ ଏଥିର କାରଣ ବୁଝି ଜଣାଇଲା ଯେ, ଶକଟଦାସଙ୍କୁ ଶୂଳକୁ ନେଉଥିବା ସମୟରେ ସିଦ୍ଧାର୍ଥକ ତାହାଙ୍କୁ ନେଇ ପଳାଇଛି ।

ଚାଣକ୍ୟ ମନେ ମନେ ସିଦ୍ଧାର୍ଥକର କାର୍ଯ୍ୟକୁଶଳତାର ପ୍ରଶଂସା କରି କହିଲେ, "ବତ୍ସ, ଯାଅ, ଶୀଘ୍ର ଭାଗୁରାୟଣଙ୍କୁ ଡାକିଦିଅ ।" ଶିଷ୍ୟ ବାହାରୁ ଫେରିଆସି କହିଲା, "ଗୁରୁଦେବ, ବଡ଼ ଦୁଃଖର କଥା, ଭାଗୁରାୟଣ ମଧ୍ୟ ତା ସହିତ ପଳାଇଅଛନ୍ତି ।"

Digitized by srujanika@gmail.com

ଚାଣକ୍ୟ ମନେ ମନେ ଆନନ୍ଦିତ ହେଲେ ସତ୍ୟ; କିନ୍ତୁ ମୁଖରେ ବିଷାଦ ଭାବ ପ୍ରକାଶ କରି କହିଲେ—"ବତ୍ସ, ଯାଅ, ଭଦ୍ରଭଟ୍ଟ ପ୍ରଭୃତିଙ୍କୁ କୁହ ଯେ ସେମାନେ ଶୀଘ୍ର ଯାଇ ଦୁଷ୍ଟ ରାଜୁପୁତ୍ରଙ୍କୁ ଧରି ଆଣନ୍ତୁ ।"

ଶିଷ୍ୟ ଅଳ୍ପ ସମୟ ମଧ୍ୟରେ ଫେରିଆସି ଜଣାଇଲେ ଯେ ସେମାନେ ମଧ୍ୟ ପଳାଇଯାଇଅଛନ୍ତି ।

ଚାଣକ୍ୟ ନିଜ କୌଶଳର ସଫଳତା ଦେଖି ଆନନ୍ଦ ଅନୁଭବ କଲେ ।

ଦୁଇ

ଅମାତ୍ୟ ରାକ୍ଷସ ଶିବିର ମଧ୍ୟରେ ବସି ଗଭୀର ଚିନ୍ତାରେ ମଗ୍ନ ଥିଲେ । ଏକ ପକ୍ଷରେ ସେ ଏକାକୀ, ଅପର ପକ୍ଷରେ ପ୍ରବଳ-ପରାକ୍ରାନ୍ତ ଚନ୍ଦ୍ରଗୁପ୍ତ ଓ ତାଙ୍କ ସହିତ ଅତୁଳ କୂଟନୀତିଜ୍ଞ ଚାଣକ୍ୟ । ଅବଶ୍ୟ ପର୍ବତକଙ୍କ ପୁତ୍ର ମଳୟକେତୁ ତାଙ୍କ ପକ୍ଷରେ ଯୋଗ ଦେଇ-ଥିଲେ; କିନ୍ତୁ କୂଟନୀତି ବିଷୟରେ ସେ ଏକାନ୍ତ ଅନଭିଜ୍ଞ । ସକଳ ଉଦ୍ୟମ ଓ ଅଧ୍ୟବସାୟ ସତ୍ତ୍ୱେ ଚାଣକ୍ୟଙ୍କୁ ପରାସ୍ତ କରିବାର ଆଶା ଦେଖାଯାଉ ନାହିଁ । କି ଉପାୟରେ ଚନ୍ଦ୍ରଗୁପ୍ତଙ୍କୁ ପରାଜିତ କରି ମଳୟକେତୁଙ୍କୁ ସିଂହାସନରେ ବସାଇ ପ୍ରଭୁହତ୍ୟାର ପ୍ରତିଶୋଧ ନେବେ, ତାହାହିଁ ତାଙ୍କର ପ୍ରଧାନ ଚିନ୍ତା ।

ସେ ପୁଣି ଭାବିବାକୁ ଲାଗିଲେ—ବନ୍ଧୁବର ଚନ୍ଦନଦାସଙ୍କ ଗୃହରେ ପରିବାରକୁ ଆଶ୍ରୟ ଦେଇ ଆସିଛି । ବିଷ ପ୍ରଦାନଦ୍ୱାରା ଚନ୍ଦ୍ରଗୁପ୍ତଙ୍କୁ ହତ୍ୟା କରିବାପାଇଁ ଲୋକ ନିଯୁକ୍ତ ଅଛନ୍ତି । ସେମାନଙ୍କୁ

Digitized by srujanika@gmail.com

ବଶୀଭୂତ କରିବା ନିମନ୍ତେ ବନ୍ଧୁ ଶକଟଦାସ ନିଶ୍ଚୟ ଅର୍ଥବ୍ୟୟ କରିବାରେ କୁଣ୍ଠା ପ୍ରକାଶ କରିବେ ନାହିଁ । ଶତ୍ରୁମାନଙ୍କ ଏକତା ଭଙ୍ଗ କରିବା ଉଦ୍ଦେଶ୍ୟରେ ଜୀବସିଦ୍ଧି ପ୍ରଭୃତିଙ୍କୁ ନିଯୁକ୍ତ କରିଛୁ । ଯଦି ଦୈବ ପ୍ରତିକୂଳ ନ ହୁଏ, ମୁଁ ନିଶ୍ଚୟ ଲକ୍ଷ୍ୟ ସାଧନ କରିବ ।

ଏହି ସମୟରେ ଜନୈକ ବୃଦ୍ଧ ପରିଚାରକ ଉପସ୍ଥିତ ହୋଇ ଜଣାଇଲେ, "ଅମାତ୍ୟ, କୁମାର ମଳୟକେତୁ କହିଅଛନ୍ତି ଯେ ଆପଣ ଅନେକ ଦିନ ହେଲା ସକଳ ପ୍ରକାର ବେଶଭୂଷା ତ୍ୟାଗ-କରିଥିବାରୁ ତାଙ୍କ ମନରେ କଷ୍ଟ ହୋଇଛି । ଅବଶ୍ୟ ପ୍ରଭୁଙ୍କ ବିନାଶରେ ଆପଣଙ୍କର ଶୋକ ସ୍ୱାଭାବିକ । ତଥାପି ତାଙ୍କର ଅନୁରୋଧ ଯେ ଆପଣ ଉପଯୁକ୍ତ ବେଶଭୂଷା ପରିଧାନ କରନ୍ତୁ । ସେଥିପାଇଁ ସେ ନିଜର କେତେକ ଆଭରଣ ଶରୀରରୁ ବାହାର କରି ଆପଣଙ୍କ ନିକଟକୁ ପଠାଇଅଛନ୍ତି ।

ରାକ୍ଷସ କୃତଜ୍ଞତା ଜଣାଇ କହିଲେ, "କୁମାରଙ୍କୁ ଜଣାଇ-ଦେବ ଯେ ତାଙ୍କର ରାଜୋଚିତ ଗୁଣାବଳୀ ସନ୍ଦର୍ଶନ କରି ମୁଁ ଅନେକ ପରିମାଣରେ ନନ୍ଦରାଜାଙ୍କ ଗୁଣାବଳୀ ଭୁଲିପାରିଛି । ତଥାପି ଯେତେଦିନଯାଏ ମୁଁ ଶତ୍ରୁ ସଂହାର କରି କୁମାରଙ୍କୁ ସିଂହାସନରେ ନ ବସାଇଛି, ସେତେଦିନ ପର୍ଯ୍ୟନ୍ତ ଏ ସ୍ୱର୍ଣ୍ଣାଭରଣ ଧାରଣ କରିବା ମୋତେ ସୁଖକର ବୋଧ ହେବ ନାହିଁ ।"

କିନ୍ତୁ ତତ୍ପରେ ବୃଦ୍ଧଙ୍କର ପୁନଃ ପୁନଃ ଅନୁରୋଧରେ ରାକ୍ଷସ ସ୍ୱର୍ଣ୍ଣାଳଙ୍କାରଗୁଡ଼ିକ ପରିଧାନ କରନ୍ତେ ବୃଦ୍ଧ ପ୍ରସ୍ଥାନ କଲେ ।

ଏହି ସମୟରେ ଜଣେ ଭୃତ୍ୟ ସମ୍ବାଦ ଦେଲା ଯେ ଜୀର୍ଣ୍ଣବିଷ ନାମକ ଜଣେ ସାପୁଆ କେଳା (ଆହିତୁଣ୍ଡିକ) ସାପଖେଳ ଦେଖାଇବାକୁ ଇଚ୍ଛା ପ୍ରକାଶ କରୁଅଛି । ରାକ୍ଷସ ଏପରି ଚିନ୍ତାକ୍ଲିଷ୍ଟ

Digitized by srujanika@gmail.com

ଥିଲେ ଯେ ସାପଖେଳ ଦେଖିବା ଲାଗି ତାଙ୍କର ଆଦୌ ଆଗ୍ରହ ନ ଥିଲା । ତେଣୁ ଖେଳାଳୀକୁ କିଛି ଅର୍ଥ ଦେଇ ବିଦାୟ କରିବାକୁ ସେ ଆଦେଶ ଦେଲେ ।

କିନ୍ତୁ ଖେଳା କହିଲା, "ଅମାତ୍ୟ ସାପଖେଳ ନ ଦେଖିପାରନ୍ତି; ମାତ୍ର ମୋତେ ଟିକିଏ ଦର୍ଶନ ଦିଅନ୍ତୁ । ମୁଁ କେବଳ ସର୍ପକ୍ରୀଡ଼ା ପ୍ରଦର୍ଶନ କରେ ନାହିଁ । ମୁଁ ଜଣେ କବି ମଧ୍ୟ । ଯଦି ମୋତେ ଦର୍ଶନ ଦେବାକୁ ବି ଅବସର ନ ଥାଏ, ତେବେ ଏହି ଲେଖାଟି ନିଅ, ଅମାତ୍ୟଙ୍କୁ ଦେଲେ ସେ ପାଠ କରିବେ ।"

ଭୃତ୍ୟ ସମସ୍ତ ବିଷୟ ବର୍ଣ୍ଣନା କରି ଲେଖାଟି ରାକ୍ଷସଙ୍କ ହସ୍ତରେ ଦେଲା । ଲେଖାଟିରୁ ରାକ୍ଷସ ବୁଝିପାରିଲେ ଯେ, ଏହି ସାପୁଆଖେଳା ତାଙ୍କର ଗୁପ୍ତଚର ବିରାଧଗୁପ୍ତ ବିନା ଅନ୍ୟ କେହି ନୁହେଁ । ସେ ତତ୍‌କ୍ଷଣାତ୍ ତାଙ୍କୁ ନିଜ ପାଖକୁ ଡକାଇ ଆଣିଲେ । ବିରାଧଗୁପ୍ତ ପୁଷ୍ପପୁରର ସମ୍ବାଦ କହିବାକୁ ଲାଗିଲେ—

"ଶକ, ଯବନ, କିରାତ, କାମ୍ବୋଜ, ପାରସିକ, ବାହ୍ଲୀକ ପ୍ରଭୃତି ଦେଶର ସୈନ୍ୟ ଓ ପର୍ବତକଙ୍କ ରାଜ୍ୟର ସୈନ୍ୟମାନଙ୍କୁ ନେଇ ଚନ୍ଦ୍ରଗୁପ୍ତ ପୁଷ୍ପପୁରକୁ ଚତୁର୍ଦ୍ଦିଗରୁ ଅବରୋଧ କରିଅଛନ୍ତି । ବହୁଦିନ ଅବରୋଧ ପରେ ସର୍ବାର୍ଥସିଦ୍ଧି ପୁରବାସୀଙ୍କ ଅନୁମତି ନେଇ ଗୁପ୍ତ ମାର୍ଗରେ ଚାଲିଯିବାରୁ ଆପଣଙ୍କ ସୈନ୍ୟମାନେ ଶିଥିଳ ହୋଇପଡ଼ିଲେ । ଚନ୍ଦ୍ରଗୁପ୍ତଙ୍କର ଜୟ ଘୋଷଣାରେ ବାଧାପ୍ରାପ୍ତ ହେଲେ ରାଜଦଣ୍ଡ ଭୋଗିବା ଭୟରେ ଆପଣଙ୍କ ଲୋକେ ନଗରରୁ ସୁଡ଼ଙ୍ଗବାଟେ ବାହାରକୁ ପଳାଇଗଲେ । ଇତ୍ୟବସରରେ ଚନ୍ଦ୍ରଗୁପ୍ତଙ୍କ ବିନାଶ ଲାଗି ସ୍ଥାପିତ ବିଷକନ୍ୟାଦ୍ୱାରା ନରପରାଧ ପର୍ବତକଙ୍କର ମୃତ୍ୟୁ ଘଟିଛି ।"

Digitized by srujanika@gmail.com

ନିଜର ଚେଷ୍ଟା ବିଫଳ ହୋଇଥିବାର ଶୁଣି ରାକ୍ଷସ ନିତାନ୍ତ ଦୁଃଖିତ ହୋଇପଡ଼ିଲେ । ଛଦ୍ମବେଶୀ ସିଦ୍ଧାର୍ଥକ କହିଲେ—"ଅମାତ୍ୟ ପର୍ବତକଙ୍କ ମୃତ୍ୟୁପରେ ଭୀତ ହୋଇ କୁମାର ମଳୟକେତୁ ପଳାୟନ କଲେ । ଦୁଷ୍ଟ ଚାଣକ୍ୟ ପର୍ବତକଙ୍କ ଭ୍ରାତା ବୈରୋଚକଙ୍କର ବିଶ୍ୱାସଭାଜନ ହେଲା । ଚନ୍ଦ୍ରଗୁପ୍ତ ନନ୍ଦଙ୍କ ପ୍ରାସାଦରେ ପ୍ରବେଶ କରିବାର ଦିନ ସ୍ଥିର କରାଗଲା । ଚାଣକ୍ୟ ପୁରବାସୀଙ୍କୁ ଜଣାଇ-ଦେଲେ ଯେ, ଅର୍ଦ୍ଧରାତ୍ର ସମୟରେ ନୂତନ ରାଜା ନଗର ପ୍ରବେଶ କରିବେ । ତେଣୁ ସୂତ୍ରଧରମାନେ ରାଜପୁରକୁ ପୂର୍ବ ଦ୍ୱାର ପାଖରୁ ସଜାଇ ରଖିବେ । ସେମାନେ ଚାଣକ୍ୟଙ୍କୁ ଜଣାଇଲେ, 'ମହାରାଜ, ଚନ୍ଦ୍ରଗୁପ୍ତ ନଗର ପ୍ରବେଶ କରିବେ ବୋଲି ଦାରୁବର୍ମା ନଗରର ପ୍ରଥମ ଦ୍ୱାରଟି ସୁବର୍ଣ୍ଣ ତୋରଣାଦି ଦ୍ୱାରା ସୁସଜ୍ଜିତ କରି ରଖିଛି ।' ଚାଣକ୍ୟ ଦାରୁବର୍ମାଙ୍କୁ କହିଲେ, 'ମୋର ଆଦେଶ ପୂର୍ବରୁ ଦ୍ୱାରରେ ତୋରଣ ପ୍ରଭୃତି ନିର୍ମାଣ କରିଥିବାରୁ ମୁଁ ବିଶେଷ ସନ୍ତୁଷ୍ଟ । ସେ ଶୀଘ୍ର ଏଥିପାଇଁ ଉପଯୁକ୍ତ ପୁରସ୍କାର ପାଇବ ।"

ପୁରବାସୀ ଓ ଶିଳ୍ପୀମାନେ ଜାଣିଲେ ଯେ, ଠିକ୍ ଅର୍ଦ୍ଧରାତ୍ର ସମୟରେ ଚନ୍ଦ୍ରଗୁପ୍ତ ରାଜନଗରରେ ପ୍ରବେଶ କରିବେ । କିନ୍ତୁ ଠିକ୍ ସେତିକିବେଳେ ଚାଣକ୍ୟ ପର୍ବତକଭ୍ରାତା ବୈରୋଚକଙ୍କୁ ଚନ୍ଦ୍ରଗୁପ୍ତଙ୍କ ସହ ଏକାସନରେ ବସାଇ ପୂର୍ବ ପ୍ରତିଶ୍ରୁତି ଅନୁସାରେ ରାଜ୍ୟ ବିଭାଗ କରିଦେଲେ । ତତ୍ପରେ ବୈରୋଚକ ସ୍ୱଚ୍ଛ ମଣିମୁକ୍ତା-ଖଚିତ କଞ୍ଚୁକ ପରିଧାନ କରି ମସ୍ତକରେ ମଣିମୟ ମୁକୁଟ ଧାରଣ କରି ସୁବାସିତ ପୁଷ୍ପମାଳ୍ୟ ବକ୍ଷରେ ଲମ୍ବାଇ ଦେଲେ । ଚନ୍ଦ୍ରଗୁପ୍ତଙ୍କ ନିମନ୍ତେ ଚନ୍ଦ୍ରଲେଖା ନାମକ ଗୋଟିଏ ହାତୀ ରଖାଯାଇଥିଲା । ଚାଣକ୍ୟ ସେଥିରେ ବୈରୋଚକଙ୍କୁ ବସାଇ ଚନ୍ଦ୍ରଗୁପ୍ତଙ୍କ ଅନୁଚରଙ୍କ ସହିତ ରାଜପୁରକୁ ପ୍ରେରଣ କଲେ । ତାଙ୍କୁ ଚନ୍ଦ୍ରଗୁପ୍ତ ମନେକରି ଆପଣଙ୍କ

Digitized by srujanika@gmail.com

ପ୍ରସ୍ତାବମତେ ଦାରୁବର୍ମା ଯନ୍ତ୍ର ତୋରଣଟିକୁ ତାଙ୍କ ଉପରେ ନିପାତିତ କଲା । ଫଳରେ ବୈରୋଚକଙ୍କର ମୃତ୍ୟୁ ଘଟିଲା । ଲୋକମାନେ ଲୋଷ୍ଟ୍ରାଘାତରେ ଦାରୁବର୍ମାକୁ ମଧ୍ୟ ବିନାଶ କଲେ ।"

ଏହି ସମ୍ବାଦରେ ରାକ୍ଷସ ନିତାନ୍ତ ନିର୍ମୋହିତ ହୋଇପଡ଼ିଲେ । ଚାଣକ୍ୟର କୌଶଳରେ ତାଙ୍କର କୌଶଳ ବ୍ୟର୍ଥ । ତାଙ୍କର ପ୍ରିୟ ବନ୍ଧୁ ଦାରୁବର୍ମା ମୃତ । ବୈରୋଚକଙ୍କର ମୃତ୍ୟୁରେ ଚାଣକ୍ୟଙ୍କର ବରଂ ଲାଭ । ଏବେ ମଗଧ ରାଜ୍ୟର ଅର୍ଦ୍ଧେକ ଦାବି କରିବାକୁ କେହି ରହିଲେ ନାହିଁ । ରାକ୍ଷସ ପ୍ରଶ୍ନ କଲେ—"ଅଚ୍ଛା, ଅଭୟଦତ୍ତ ବୈଦ୍ୟଙ୍କୁ ନିଯୁକ୍ତ କରିଥିଲି । ସେ କଅଣ କଲେ ?"

ବିରାଧଗୁପ୍ତ କହିଲେ, "ସେ ଯାହା କରିବାର କଥା ସବୁ କରିଛନ୍ତି । ବିଷଚୂର୍ଣ୍ଣମିଶ୍ରିତ ଔଷଧ ପ୍ରସ୍ତୁତ କରି ଚନ୍ଦ୍ରଗୁପ୍ତଙ୍କୁ ସେ ଖାଇବାକୁ ଦେଇଥିଲେ । ଯେଉଁ ସୁବର୍ଣ୍ଣ ପାତ୍ରରେ ଔଷଧ ଦିଆଗଲା ତାର ବର୍ଣ୍ଣ ପରିବର୍ତ୍ତନ ଦେଖି ଦୁଷ୍ଟ ଚାଣକ୍ୟ ତାହା ଚନ୍ଦ୍ରଗୁପ୍ତଙ୍କୁ ନ ଦେଇ ଅଭୟଦତ୍ତଙ୍କୁ ପିଆଇଲା । କିଛିକ୍ଷଣ ପରେ ବିଷକ୍ରିୟା ହେତୁ ଅଭୟଦତ୍ତ ପ୍ରାଣତ୍ୟାଗ କଲେ ।"

ରାକ୍ଷସ ଦୀର୍ଘନିଃଶ୍ୱାସ ପକାଇ କହିଲେ, "ଆଚ୍ଛା, ରାଜାଙ୍କ ଶୋଇବା ଘରତଳେ ସୁଡ଼ଙ୍ଗ ମଧ୍ୟରେ କେତେକ ଲୋକଙ୍କୁ ରଖା-ଯାଇଥିଲା । ଚନ୍ଦ୍ରଗୁପ୍ତ ଶୋଇବା ପରେ ସେମାନେ ସୁଡ଼ଙ୍ଗରୁ ବାହାରି ତାଙ୍କୁ ହତ୍ୟା କରିବାର ପ୍ରସ୍ତାବ ଥିଲା । ସେମାନେ କଅଣ କଲେ ?"

ବିରାଧଗୁପ୍ତ କହିଲେ, "ମହାଭାଗ ! ଚନ୍ଦ୍ରଗୁପ୍ତ ଶୟନଗୃହକୁ ଯିବା ପୂର୍ବରୁ ଚାଣକ୍ୟ ସେଥିରେ ପ୍ରବେଶ କରି ପରୀକ୍ଷାଦ୍ୱାରା ଦେଖିଲା ଯେ, ଗୋଟିଏ ଛିଦ୍ରବାଟେ ପିମ୍ପୁଡ଼ିଏ ଟିକିଏ ଖାଦ୍ୟଦ୍ରବ୍ୟ

ନେଇ ଯାଉଅଛୁ । ସେଥିରୁ ସେ ବୁଝିଲା ଯେ ଘରତଳେ ସୁଡ଼ଙ୍ଗ ଅଛି ଏବଂ ହୁଏତ କୌଣସି ଲୋକ ସେଠାରେ ଖାଦ୍ୟଦ୍ରବ୍ୟ ଘେନି କେତେ ଦିନ ହେଲା ରହିଛି । ସେ ଘରେ ଅଗ୍ନି ଲଗାଇବାରୁ ଲୋକ-ମାନେ ବାହାରି ନ ପାରି ପୋଡ଼ିମଲେ ।"

ରାକ୍ଷସ ଚିନ୍ତା କଲେ, "ଦୈବ ଚାଣକ୍ୟର ଅନୁକୂଳ । ମୁଁ ଚନ୍ଦ୍ରଗୁପ୍ତର ବିନାଶ ଲାଗି ଯେତେ ଉପାୟ କରିଥିଲି ସେ ସବୁ ତାହାର ଉପକାରରେ ଲାଗିଲା; ମୋର କ୍ଷତିସାଧନ କଲା । ବିଷକନ୍ୟାଦ୍ୱାରା ଚନ୍ଦ୍ରଗୁପ୍ତ ପରିବର୍ତ୍ତେ ପର୍ବତକର ମୃତ୍ୟୁ ହେଲା; ଫଳରେ ଅର୍ଦ୍ଧରାଜ୍ୟର ଅଂଶୀଦାର ଗଲା । ଯନ୍ତ୍ର-ତୋରଣଦ୍ୱାରା ବୈରୋଚକର ମୃତ୍ୟୁ ହେଲା । ତା ସଙ୍ଗେ ମୋର ବନ୍ଧୁ ଦାରୁବର୍ମା ମଲା । ମୋର ବଶୀଭୂତ ଅଭୟଦତ୍ତ ଚନ୍ଦ୍ରଗୁପ୍ତ ପାଇଁ ଯେଉଁ ଔଷଧ ପ୍ରସ୍ତୁତ କରିଥିଲା, ସେଥିରେ ତାର ପ୍ରାଣ ଗଲା । ଦୈବ ମୋର ପ୍ରତିକୂଳ ହେଲେହେଁ ଅଧ୍ୟବସାୟରୁ ବିରତ ହେବି ନାହିଁ । ବିଘ୍ନ ଭୟରେ ନୀଚଲୋକେ କାର୍ଯ୍ୟାରମ୍ଭ କରିବାକୁ ସାହସୀ ହୁଅନ୍ତି ନାହିଁ । ମଧ୍ୟଶ୍ରେଣୀର ଲୋକେ କାର୍ଯ୍ୟାରମ୍ଭ କରି ବିଘ୍ନଭୟରେ ପରିତ୍ୟାଗ କରନ୍ତି । କିନ୍ତୁ ଉତ୍ତମ ଲୋକେ କାର୍ଯ୍ୟାରମ୍ଭ ପରେ ବାରମ୍ବାର ବିଫଳ ହେଲେ ମଧ୍ୟ ଉଦ୍ୟୋଗରୁ ବିରତ ହୁଅନ୍ତି ନାହିଁ ।"

ବିରାଧଗୁପ୍ତ କହିଲେ, "ଆପଣ ମୂର୍ତ୍ତିମନ୍ତ ଅଧ୍ୟବସାୟୀ । ଚାଣକ୍ୟ ଆପଣଙ୍କ ପକ୍ଷର ଲୋକମାନଙ୍କୁ ଅନୁସନ୍ଧାନ କରି ନଗରରୁ ନିର୍ବାସିତ କରିଛି । ବୌଦ୍ଧ ସନ୍ନ୍ୟାସୀ ଜୀବସିଦ୍ଧିକୁ ଭର୍ତ୍ସନା ସହକାରେ ନଗରରୁ ବିତାଡ଼ିତ କରିଯାଇଛି । ସେ ଆପଣଙ୍କ ଆଦେଶରେ ବିଷକନ୍ୟା ପ୍ରୟୋଗ କରି ପର୍ବତକଙ୍କୁ ବିନାଶ କରିଛି ବୋଲି ପ୍ରଚାର କରାଯାଇଛି । ଦାରୁବର୍ମା ପ୍ରଭୃତି ଚନ୍ଦ୍ରଗୁପ୍ତଙ୍କୁ

Digitized by srujanika@gmail.com

ହତ୍ୟା କରିବାର ଚେଷ୍ଟା କରୁଥିଲେ ବୋଲି ନଗରରେ ଜଣାଇ ଦିଆଯାଇଅଛି । ଶକଟଦାସଙ୍କୁ ଶୂଳ ଦେବାପାଇଁ ନିଆଯାଉଛି । ଚନ୍ଦନଦାସ ଆପଣଙ୍କ ପରିବାରକୁ ଅନ୍ୟତ୍ର ନେଇଯାଇଅଛନ୍ତି । ଚାଣକ୍ୟ ଆପଣଙ୍କ ପୁତ୍ରମାନଙ୍କୁ ତା ହାତରେ ଅର୍ପଣ କରିବା ଲାଗି ଚନ୍ଦନଦାସଙ୍କୁ ଯଥେଷ୍ଟ ପ୍ରବର୍ତ୍ତାଇ ଥିଲା । କିନ୍ତୁ ସେ ତା ନ କରିବାରୁ ପରିବାର ସହିତ କାରାଗାରରେ ବନ୍ଦୀ ଅଛନ୍ତି ।

ଏହିପରି କଥୋପକଥନ ସମୟରେ ସିଦ୍ଧାର୍ଥକଙ୍କ ସହିତ ଶକଟଦାସ ରାକ୍ଷସଙ୍କ ନିକଟରେ ଉପସ୍ଥିତ ହେଲେ । ରାକ୍ଷସ ଯେତିକି ବିସ୍ମିତ, ସେତିକି ଆନନ୍ଦିତ ହୋଇ ବନ୍ଧୁ ଶକଟଦାସଙ୍କୁ ଆଲିଙ୍ଗନ କଲେ । ବିରାଧଗୁପ୍ତ ମଧ୍ୟ ବିସ୍ମୟରେ ସ୍ତବ୍ଧ ହୋଇଗଲେ ।

ଶକଟଦାସ କିପରି ପ୍ରିୟ ସୁହୃଦ୍ ସିଦ୍ଧାର୍ଥକଙ୍କଦ୍ୱାରା ଘାତକ-ମାନଙ୍କ ହସ୍ତରୁ ଉଦ୍ଧାର ପାଇଥିଲେ, ତାହା ବର୍ଣ୍ଣନା କରିବାରୁ ରାକ୍ଷସ ଆନନ୍ଦରେ ଅଧୀର ହୋଇ ନିଜ ଅଙ୍ଗରୁ ସ୍ୱର୍ଣ୍ଣାଭରଣଗୁଡ଼ିକ କାଢ଼ି ସିଦ୍ଧାର୍ଥକଙ୍କୁ ପ୍ରଦାନ କଲେ । ସିଦ୍ଧାର୍ଥକ ସେଗୁଡ଼ିକ ଗ୍ରହଣ କରି କହିଲେ, "ଆର୍ଯ୍ୟ, ଆପଣଙ୍କ ଅସୀମ ଅନୁଗ୍ରହର ନିଦର୍ଶନ ଏ ଆଭରଣ ମୁଁ ଗ୍ରହଣ କରୁଛି । କିନ୍ତୁ ଏଠାରେ ମୋର କେହି ପରିଚିତ ବ୍ୟକ୍ତି ନାହାନ୍ତି । ଏ ବହୁମୂଲ୍ୟ ଅଳଙ୍କାର ନେଇ ଇତସ୍ତତଃ ଭ୍ରମଣ କରିବା ମୋ ପକ୍ଷରେ ସମ୍ଭବପର ନୁହେଁ । ତେଣୁ ମୋର ଅନୁରୋଧ, ଏଗୁଡ଼ିକ ଗୋଟିଏ ଥଳିରେ ରଖି ମୁଦ୍ରାଙ୍କିତ କରି ଆପଣଙ୍କ ଭଣ୍ଡାରରେ ରଖିଯିବ । ପ୍ରୟୋଜନ ସମୟରେ ପୁଣି ନେଇଯିବି ।"

ଏହା କହି ସିଦ୍ଧାର୍ଥକ ଅଙ୍ଗୁରୀୟ ମୁଦ୍ରାଟି ବଢ଼ାଇଦେଲେ । ଶକଟଦାସ ବିସ୍ମିତ ହୋଇ ଦେଖିଲେ ଯେ, ଏହା ଅମାତ୍ୟ ରାକ୍ଷସଙ୍କ ନାମାଙ୍କିତ ଅଙ୍ଗୁରୀୟ ମୁଦ୍ରା । ସେ ରାକ୍ଷସଙ୍କୁ ବୁଝାଇ କହିଲେ ।

Digitized by srujanika@gmail.com

ତହୁଁ ରାକ୍ଷସ କହିଲେ, "ନଗରରୁ ପଳାଇ ଆସିବା ସମୟରେ ମୋର ସ୍ତ୍ରୀ ଏ ମୁଦ୍ରିକାଟିକୁ ମୋଠାରୁ ରଖିଥିଲେ । ସଖେ ସିଦ୍ଧାର୍ଥକ, ତୁମ୍ଭେ ଏହାକୁ କପରି ପାଇଲ ?"

ସିଦ୍ଧାର୍ଥକ ଉତ୍ତର କଲେ, "ମହାଭାଗ, ପୁଷ୍ପପୁରରେ ଜଣେ ଧନୀ ବ୍ୟବସାୟୀ ଶ୍ରେଷ୍ଠୀ ବାସକରନ୍ତି । ତାଙ୍କର ନାମ ଚନ୍ଦନଦାସ । ଦିନେ ତାଙ୍କ ଘରକୁ ଯାଇଥିଲି । ଅଗଣାରେ ଏଇଟି ପଡ଼ିଥିବାର ଦେଖି ନେଇ ଆସିଲି ।"

ଶକଟଦାସ—ବନ୍ଧୋ, ଏ ମୁଦ୍ରିକାଟିରେ ଅମାତ୍ୟଙ୍କର ନାମ ଉତ୍କୀର୍ଣ୍ଣ । ଅମାତ୍ୟ ରାକ୍ଷସ ଆପଣଙ୍କୁ ବହୁ ଅର୍ଥ ପ୍ରଦାନ କରି ସନ୍ତୁଷ୍ଟ କରିବେ । ମୁଦ୍ରିକାଟି ପ୍ରଦାନ କରନ୍ତୁ ।

ସିଦ୍ଧାର୍ଥକ—ଅମାତ୍ୟ ତାଙ୍କର ମୁଦ୍ରିକାଟି ଗ୍ରହଣ କରିବାହିଁ ମୋ ପ୍ରତି ପରମ ଅନୁଗ୍ରହ ।

ରାକ୍ଷସ—ବନ୍ଧୁ ଶକଟଦାସ ! ତୁମେ ସର୍ବଦା ମୋର ପତ୍ରାଦି ଲେଖ ଓ ମୁଦ୍ରାଙ୍କିତ କର । ଅତଏବ ଏ ମୁଦ୍ରିକାଟି ତୁମ୍ଭ ପାଖରେ ଥିଲେ ବ୍ୟବହାରରେ ଲାଗିବ ।

ସୁଯୋଗ ବୁଝି ସିଦ୍ଧାର୍ଥକ କହିଲେ, "ଅମାତ୍ୟ, ମୁଁ ଏବେ ଚାଣକ୍ୟର ବିଷଦୃଷ୍ଟିରେ ପଡ଼ିଛି । ପାଟଳୀପୁତ୍ରରେ ପୁନଃ ପ୍ରବେଶ କରିବା ଅର୍ଥ ମୋର ମୃତ୍ୟୁ । ଆପଣଙ୍କ ପାଦସେବାରେ ଏ ଅଧମକୁ ନିଯୁକ୍ତ କଲେ କୃତାର୍ଥ ହେବ ।"

ରାକ୍ଷସ ଅକ୍ଲେଶରେ ସିଦ୍ଧାର୍ଥକଙ୍କୁ ନିଜର ଅନୁଚରରୂପେ ଗ୍ରହଣ କଲେ ।

ରାକ୍ଷସ ଅନ୍ୟ ସମସ୍ତ ସମ୍ବାଦ ଜାଣିବାକୁ ଇଚ୍ଛା ପ୍ରକାଶ କରିବାରୁ ବିରାଧଗୁପ୍ତ କହିଲେ, "ଏଥିମଧ୍ୟରେ ଚନ୍ଦ୍ରଗୁପ୍ତ ଓ

Digitized by srujanika@gmail.com

ଚାଣକ୍ୟଙ୍କ ମଧ୍ୟରେ ପୂର୍ବପରି ଅଭିନ୍ନ ପ୍ରୀତି ନାହିଁ । ଚନ୍ଦ୍ରଗୁପ୍ତ ରାଜପଦ ଲାଭ ପରେ ଚାଣକ୍ୟଙ୍କୁ ସେତେ ଆଦର କରୁନାହାନ୍ତି । ଚାଣକ୍ୟ ମଧ୍ୟ ଚନ୍ଦ୍ରଗୁପ୍ତଙ୍କର ଆଦେଶ ପାଳନ କରିବାକୁ କୁଣ୍ଠିତ । ଦୁହିଁଙ୍କ ମଧ୍ୟରେ ବେଶ୍ ଟଣାଟଣି ଲାଗିଛି ବୋଲି ମୋର ମନେ-ହୁଏ ।"

ଏହା ଶୁଣି ରାକ୍ଷସ ଆଶ୍ୱସ୍ତ ହୋଇ ବିରାଧଗୁପ୍ତଙ୍କୁ କହିଲେ, "ସଖେ, ତୁମେ ସେହି ସାପୁଆକେଳାବେଶରେ ପୁଷ୍ପପୁରକୁ ଯାଇ କୌଶଳରେ ଆମର ଚୈତ୍ୟ ବନ୍ଧୁ ସ୍ତନକଳଶ ଭଟ୍ଟଙ୍କ ସାହାଯ୍ୟରେ ଦୁହିଁଙ୍କ ମଧ୍ୟରେ ବିରୋଧ-ବହ୍ନିକୁ ଉତ୍ତେଜିତ କର । ଅତି ଗୋପନରେ ମୋ ନିକଟକୁ ସମ୍ବାଦ ଦେବ ।"

ଜଣେ ଭୃତ୍ୟ ଆସି ରାକ୍ଷସଙ୍କୁ ତିନୋଟି ଅଳଙ୍କାର ଦେଖାଇ କହିଲା, "ଏଗୁଡ଼ିକ ବିକ୍ରି କରିବାକୁ ଜଣେ ଆଣିଛି । ଶକଟଦାସ କହିଛନ୍ତି, ଦେଖନ୍ତୁ ଆପଣ ଆଦେଶ ଦେଲେ କିଣିବେ ।"

ରାକ୍ଷସ ଦେଖିଲେ ଅଳଙ୍କାରଗୁଡ଼ିକ ଅତି ସୁନ୍ଦର । ତେଣୁ ସେଗୁଡ଼ିକ ଉପଯୁକ୍ତ ମୂଲ୍ୟରେ କିଣିବାକୁ ଆଦେଶ ଦେଲେ ।

ତିନି

ଚାଣକ୍ୟ ଓ ଚନ୍ଦ୍ରଗୁପ୍ତଙ୍କ ମଧ୍ୟରେ ଯେଉଁ ବିରୋଧ ଲାଗିଛି ବୋଲି ବିରାଧଗୁପ୍ତ କହିଥିଲେ, ତାହା ଆପାତତଃ ମିଥ୍ୟା ନୁହେଁ । କୌମୁଦୀଉତ୍ସବ ଦିନ ଉପସ୍ଥିତ । ମହାରାଜ ଚନ୍ଦ୍ରଗୁପ୍ତ ଘୋଷଣା ଦେଲେ ଯେ ପୁଷ୍ପପୁରରେ ଏହି ଉତ୍ସବ ବିପୁଳ ଆଡ଼ମ୍ବର ସହକାରେ ପ୍ରତିପାଳିତ ହେବ । କିନ୍ତୁ ଚାଣକ୍ୟ ଆଦେଶ କଲେ ଯେ, କୌମୁଦୀ-

Digitized by srujanika@gmail.com

ଉତ୍ସବ ବନ୍ଦ କରାଯିବ । ରାଜା ଏହା ଶୁଣି ଚାଣକ୍ୟଙ୍କୁ ରାଜସଭାକୁ ଡକାଇ ପଠାଇଲେ ।

ରାଜା ଚନ୍ଦ୍ରଗୁପ୍ତ ସୁଗାଙ୍ଗ ପ୍ରାସାଦର ସଭାଗୃହରେ ଆସୀନ । ଚାଣକ୍ୟ ଉପସ୍ଥିତ ହୁଅନ୍ତେ ସେ ସିଂହାସନରୁ ଉଠି ତାଙ୍କୁ ଯଥାବିଧି ପ୍ରଣାମ କଲେ । ଉଭୟେ ଉପବେଶନ କଲା ପରେ ଚାଣକ୍ୟ ପଚାରିଲେ, "ମୋତେ ଡକାଇବାର ଅଭିପ୍ରାୟ କଣ ?"

ଚନ୍ଦ୍ରଗୁପ୍ତ—ଆପଣଙ୍କ ଦର୍ଶନଲାଭ କରି ଅନୁଗୃହୀତ ହେବା ।

ଚାଣକ୍ୟ—(ହସି ହସି) ଏପରି ଉଦ୍ଦେଶ୍ୟରେ କ୍ଷମତାବାନ୍ ପ୍ରଭୁ କ ଡାକଥାନ୍ତି ?

ଚନ୍ଦ୍ରଗୁପ୍ତ—ଆର୍ଯ୍ୟ, ଆଚ୍ଛା, କୌମୁଦୀ ଉତ୍ସବ ନିଷେଧ କରିବାଦ୍ୱାରା କି ଲାଭ ?

ଚାଣକ୍ୟ—ହଁ, ତେବେ ମୋତେ ଅପମାନିତ କରିବା ପାଇଁ ଡକାଯାଇଛି ।

ଚନ୍ଦ୍ରଗୁପ୍ତ—ନା, ନା, ସେପରି କହନ୍ତୁ ନାହିଁ । କେବଳ ଜାଣିବା ପାଇଁ ଡାକିଛି ।

ଚାଣକ୍ୟ—ତେବେ ମାନ୍ୟ ଗୁରୁଜନଙ୍କର ଇଚ୍ଛା ବିରୁଦ୍ଧରେ ଯିବା ଅନୁଚିତ ନୁହେଁ କି ?

ଚନ୍ଦ୍ରଗୁପ୍ତ—ସେଥିରେ ସନ୍ଦେହ ନାହିଁ । ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟରେ ଯେ ଗୋଟାଏ କିଛି ଉଦ୍ଦେଶ୍ୟ ଥାଏ, ଏଥିରେ ପ୍ରଶ୍ନର ଅବକାଶ ନାହିଁ ।

ଚାଣକ୍ୟ—ହଁ ଠିକ୍ ବୁଝିଛ । ପ୍ରୟୋଜନ ବିନା ଚାଣକ୍ୟ ସ୍ୱପ୍ନରେ ସୁଦ୍ଧା କିଛି ଚିନ୍ତା କରେ ନାହିଁ ।

ଚନ୍ଦ୍ରଗୁପ୍ତ—ସେହି ପ୍ରୟୋଜନଟିକକ ଜାଣିବାକୁ ମୁଁ ଇଚ୍ଛୁକ ।

ଚାଣକ୍ୟ—ତେବେ ଶୁଣ ।

Digitized by srujanika@gmail.com

ଶାସ୍ତ୍ରକାରମାନଙ୍କ ମତରେ ଶାସନମାତ୍ର ତ୍ରିବିଧ—କେତେକ ରାଜାଧୀନ, କେତେକ ମନ୍ତ୍ରୀଙ୍କ ଅଧୀନ, କେତେକ ଉଭୟଙ୍କ ଅଧୀନ । ତେଣୁ ମନ୍ତ୍ରୀଙ୍କ କାର୍ଯ୍ୟର କାରଣ ଅନୁସନ୍ଧାନ କରିବା ନିଷ୍ପ୍ରୟୋଜନ । ମୁଁ ମୋର କର୍ତ୍ତବ୍ୟ କରିଛି ।

ରାଜା ଚନ୍ଦ୍ରଗୁପ୍ତ ଓ ଅମାତ୍ୟ ଚାଣକ୍ୟଙ୍କ ମଧ୍ୟରେ ଏହିପରି ତର୍କ-ବିତର୍କ ଚାଲିଥିବା ସମୟରେ ଦୁଇଜଣ ବୈତାଳିକ ଆସି ଶରତ୍ ଋତୁର ଶୋଭା ବର୍ଣ୍ଣନା କରି ଦୁଇଟି କବିତା ଗାନକଲେ । ରାଜା ସେମାନଙ୍କର କବିତ୍ୱରେ ମୁଗ୍ଧ ହୋଇଗଲେ । ଚତୁର ଚାଣକ୍ୟ କବିତାର ମର୍ମ ବୁଝି ଜାଣିଲେ ଯେ, ଚନ୍ଦ୍ରଗୁପ୍ତଙ୍କୁ ତାଙ୍କ ବିରୁଦ୍ଧରେ ଉତ୍ତେଜିତ କରିବା ଉଦ୍ଦେଶ୍ୟରେ କବିତାଦ୍ୱୟ ରଚିତ । ସେ ସ୍ଥିରକଲେ ଯେ ଏମାନେ ରାକ୍ଷସଙ୍କ ଦ୍ୱାରା ନିଯୁକ୍ତ ।

ଚନ୍ଦ୍ରଗୁପ୍ତ କଞ୍ଚୁକୀଙ୍କୁ ଆଦେଶ ଦେଲେ, "ଏହି ବୈତାଳିକ-ଦ୍ୱୟଙ୍କୁ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଦିଅ ।"

ସଙ୍ଗେ ସଙ୍ଗେ ଚାଣକ୍ୟ କଞ୍ଚୁକୀଙ୍କୁ ବାରଣ କରି କହିଲେ—"ଏପ୍ରକାର ଅପାତ୍ରରେ ଅର୍ଥର ଅପବ୍ୟୟ କର ନାହିଁ ।" ରାଜା କ୍ରୋଧାନ୍ୱିତ ହୋଇ କହିଲେ—"ସର୍ବତ୍ର ମୋ କାର୍ଯ୍ୟର ବିରୋଧ !"

ଚାଣକ୍ୟ—ଯେଉଁ ରାଜା ସକଳ ରାଜକାର୍ଯ୍ୟରେ ସ୍ୱାତନ୍ତ୍ର୍ୟ ଲାଭ କରି ନ ଥାନ୍ତି ସେମାନଙ୍କଠାରେ ଏପରି ଦୋଷ ଦେଖାଯାଏ ।

ରାଜା—ମୁଁ ତ ସ୍ୱକର୍ମରେ ନିରତ ।

ଚାଣକ୍ୟ—ମୁଁ ମଧ୍ୟ ମୋ କାର୍ଯ୍ୟରେ ନିଯୁକ୍ତ ଅଛି ।

ରାଜା—ମୁଁ ଜାଣିବାକୁ ଚାହେଁ, କାହିଁକି କୌମୁଦୀ ମହୋତ୍ସବ ନିଷେଧ କରାଗଲା ?

ଚାଣକ୍ୟ—କହ ଦେଖି, କୌମୁଦୀ ମହୋତ୍ସବର ଆବଶ୍ୟକତା କଅଣ ?

Digitized by srujanika@gmail.com

ରାଜା—ଆଗେ ମୋର ଆଦେଶ ପାଳନୀୟ ।

ଚାଣକ୍ୟ—ମୋର ମଧ୍ୟ କୌମୁଦୀ ଉତ୍ସବ ନିଷେଧାଜ୍ଞା ପ୍ରଥମ ପ୍ରୟୋଜନ । ତୁମ୍ଭେ ଯଦି ଇଚ୍ଛା କରୁଛ, ଅନ୍ୟ ପ୍ରୟୋଜନ ଶୁଣ ।

ଏହା କହି ଚାଣକ୍ୟ ଜଣେ ଭୃତ୍ୟଙ୍କୁ ଆଦେଶ ଦେଲେ- "ଆମ୍ଭ ପକ୍ଷ ତ୍ୟାଗ କରି ମଳୟକେତୁଙ୍କ ଆଶ୍ରୟ କରିଥିବା ରୁଦ୍ରଭଟ୍ଟ ପ୍ରଭୃତିଙ୍କର ପତ୍ରଟି ଆଣି ମହାରାଜାଙ୍କୁ ଦିଅ ।"

ଭୃତ୍ୟ ପତ୍ର ଦେବାରୁ ରାଜା ଚନ୍ଦ୍ରଗୁପ୍ତ ତାହା ପାଠ କଲେ । ଏଥିରୁ ଜଣାଗଲା ଯେ, କେତେକ ରାଜକର୍ମଚାରୀ ଶତ୍ରୁ ରାକ୍ଷସ ପକ୍ଷରେ ଯୋଗ ଦେଇଅଛନ୍ତି । ତେଣୁ ଚନ୍ଦ୍ରଗୁପ୍ତ ଚାଣକ୍ୟଙ୍କୁ ପଚାରିଲେ, "ଆପଣ ଆଗରୁ ଏମାନଙ୍କ ଅସନ୍ତୋଷର କାରଣ ଜାଣିଥିଲେ । କିନ୍ତୁ ପ୍ରତିକାର କଲେ ନାହିଁ କାହିଁକି ?"

ଚାଣକ୍ୟ—ପ୍ରତିବିଧାନ କରି ହେଲା ନାହିଁ ।

ରାଜା—କୌଶଳ ଅଭାବରୁ, ନା ପ୍ରୟୋଜନ ହେତୁରୁ ପ୍ରତିବିଧାନ କରିନାହାନ୍ତି ?

ଚାଣକ୍ୟ—କୌଶଳର ଅଭାବ ନ ଥିଲା; କିନ୍ତୁ ପ୍ରୟୋଜନ ଦୃଷ୍ଟିରୁ ପ୍ରତିକାର କରାଯାଇନାହିଁ ।

ରାଜା—ସେ ପ୍ରୟୋଜନ କଣ, ଜାଣିପାରେ କି ?

ଚାଣକ୍ୟ—ତେବେ ଶୁଣନ୍ତୁ । ଅସନ୍ତୁଷ୍ଟ ପ୍ରଜାଙ୍କୁ ବଶ କରିବାର ଦୁଇଟି ଉପାୟ—ଅନୁଗ୍ରହ, ନିଗ୍ରହ । ପଦରୁ ଯେଉଁମାନଙ୍କ ବିଷୟ ଜାଣିଲେ, ସେମାନେ କେବେ କୌଣସିଟି ଦ୍ୱାରା ବଶ ହେବାର ସମ୍ଭାବନା ନାହିଁ । ନନ୍ଦରାଜାଙ୍କର ଅନୁଗତ ରାଜପୁରୁଷମାନଙ୍କ ଉପରେ କଠୋର ଦଣ୍ଡବିଧାନ କଲେ ଆମେ ସେମାନଙ୍କର ବିଶ୍ୱାସ ହରାଇବା । ତେଣୁ ପର୍ବତକଙ୍କର ପୁତ୍ର ମଳୟକେତୁ ପିତୃବଧର ପ୍ରତିଶୋଧ

Digitized by srujanika@gmail.com

ନେବାପାଇଁ ଆମ୍ଭମାନଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ । ରାକ୍ଷସ ତାଙ୍କର ପକ୍ଷ ଗ୍ରହଣ କରିଅଛନ୍ତି । ଏପରି ଅବସ୍ଥାରେ ଏ କଅଣ ଉତ୍ସବର ସମୟ ?

ରାଜା—ଏସବୁ ଅନର୍ଥର ମୂଳ ମଳୟକେତୁ । ସେ ପଳାୟନ କରିବା ପୂର୍ବରୁ ନିବାରଣ କଲେ ନାହିଁ କାହିଁକି ?

ଚାଣକ୍ୟ—ତାକୁ ବଳପୂର୍ବକ ନିବାରଣ କରିବା କିମ୍ବା ପୂର୍ବ ପ୍ରତିଶ୍ରୁତି ଅନୁସାରେ ରାଜ୍ୟର ଅର୍ଦ୍ଧେକ ଦେବା, ଏ ଦୁଇଟି ମଧ୍ୟରୁ ଗୋଟିଏ ଅନୁସରଣ କରିବାକୁ ପଡ଼ିଥାନ୍ତା । ପ୍ରଥମ ଉପାୟ ଅବଲମ୍ବନ କଲେ ଆମର କୃତଘ୍ନତା ପ୍ରକାଶ ପାଇଥାନ୍ତା ।

ରାଜା—ରାକ୍ଷସ ତ ବର୍ତ୍ତମାନ ଏହି ନଗର ମଧ୍ୟରେ ଅଛନ୍ତି । ତାଙ୍କୁ ଉପେକ୍ଷା କରିବାର କାରଣ ?

ଚାଣକ୍ୟ—ରାକ୍ଷସର ନନ୍ଦରାଜାଙ୍କ ପ୍ରତି ପ୍ରଭୁଭକ୍ତି କିଏ ନ ଜାଣେ ? ନନ୍ଦଙ୍କ ଅନୁରକ୍ତ ପ୍ରଜାମାନେ ତାକୁ ପ୍ରଗାଢ଼ ବିଶ୍ୱାସ କରନ୍ତି । ସେ ଯେପରି ବୁଦ୍ଧିମାନ୍, ସେହିପରି ଅଧ୍ୟବସାୟୀ । ସେ ଏଠାରେ ରହିଲେ କେବଳ ଅନ୍ତଃଶତ୍ରୁ ମଧ୍ୟ ସୃଷ୍ଟି କରିବେ ।

ରାଜା—ତେବେ ବଳ ପ୍ରୟୋଗ କରି ତାଙ୍କୁ ଧରି ଆଣିଲେ ନାହିଁ ?

ଚାଣକ୍ୟ—ରାକ୍ଷସ ସାମାନ୍ୟ ଲୋକ ନୁହେଁ । ବଳପୂର୍ବକ ତାକୁ ଧରିବାକୁ ଚେଷ୍ଟା କରିଥିଲେ ସେ ଆପଣଙ୍କର ବହୁ ସୈନ୍ୟ ବିନାଶ କରିଥାନ୍ତା କିମ୍ବା ନିଜେ ମରିଥାନ୍ତା । ଏ ଉଭୟରେ ଆପଣଙ୍କର ହିଁ କ୍ଷତି । ଯଦି ସେ ନିହତ ହୁଏ

Digitized by srujanika@gmail.com

ତେବେ ତା ପରି ଜଣେ ଗୁଣବାନ୍ ଲୋକ ଆପଣ ହରାଇବେ । ତେଣୁ ବନ୍ୟହସ୍ତୀକୁ କୌଶଳରେ ଧରି ବଶ କଲପରି ତାକୁ ଆପଣାର କରିବାକୁ ହେବ ।

ରାଜା—ମୁଁ ଆପଣଙ୍କ ଅଭିପ୍ରାୟ ବୁଝିପାରୁନାହିଁ । ଦେଖୁଛି ଯେ ଅମାତ୍ୟ ରାକ୍ଷସ ଯଥେଷ୍ଟ ପ୍ରଶଂସାର ପାତ୍ର ।

ଚାଣକ୍ୟ—ଅର୍ଥାତ୍ ମୁଁ ନିନ୍ଦାର ପାତ୍ର ! ସେ କଅଣ କରିଛି ଯେ—

ରାଜା—ଆମର ଅଧିକୃତ ପୁଷ୍ପପୁରରେ ରହି ଆମର ଜୟଘୋଷଣାକୁ ବ୍ୟାହତ କରିଛନ୍ତି । ନିଜ ମତି-କୌଶଳରେ କର୍ତ୍ତବ୍ୟାକର୍ତ୍ତବ୍ୟ ନିରୂପଣ କରିଅଛନ୍ତି । କିନ୍ତୁ ଆମେ ନିଜର ବିଶ୍ୱସ୍ତ ଲୋକଙ୍କୁ ମଧ୍ୟ ବିଶ୍ୱାସ କରିପାରୁନାହୁଁ ।

ଚାଣକ୍ୟ—(ହସି) ରାକ୍ଷସ ଏସବୁ କରିଛନ୍ତି । ଆଉ ମୁଁ ଜାଣେ ଯେ ଆପଣ ଯେପରି ନନ୍ଦରାଜାଙ୍କୁ ବିନାଶ କରି ରାଜ୍ୟ ଅଧିକାର କରିଛନ୍ତି, ସେହିପରି ରାକ୍ଷସ ଆପଣଙ୍କୁ ବିନାଶ କରି ମଳୟକେତୁକୁ ରାଜପଦରେ ବସାଇବାକୁ ଚେଷ୍ଟିତ ।

ରାଜା—ଅନ୍ୟ ଜଣେ କଅଣ କରିଛି, ସେଥିରେ ଆପଣଙ୍କର କି କୃତିତ୍ୱ ?

ଚାଣକ୍ୟ—(କ୍ରୋଧରେ) ରାକ୍ଷସ ଥାଉଁ ଥାଉଁ କିଏ ନନ୍ଦରାଜାଙ୍କୁ ସବଂଶ ବିନାଶ କରିଛି ?

ରାଜା—ନନ୍ଦବଂଶର ଧ୍ୱଂସ ଦୈବବିଧାନ ।

ଚାଣକ୍ୟ—ଅଜ୍ଞମାନଙ୍କର ହିଁ ଦୈବବିଶ୍ୱାସ ।

ରାଜା—ବିଜ୍ଞମାନେ କିନ୍ତୁ ଗର୍ବ ପରିହାର କରିଥାନ୍ତି ।

ଚାଣକ୍ୟ—(ନିତାନ୍ତ କ୍ରୁଦ୍ଧ ହୋଇ) ମୋତେ ଇତର ଭୃତ୍ୟପରି ବ୍ୟବହାର କରୁଛ ! ପୁଣି ନୂତନ ପ୍ରତିଜ୍ଞା କରିବାକୁ ମନ

Digitized by srujanika@gmail.com

ହେଉଛୁ । ନନ୍ଦମାନଙ୍କୁ ବିନାଶ କରି ମୋର ଯେଉଁ କ୍ରୋଧାନଳ ଶାନ୍ତ ଲାଭ କରିଥିଲା, ସେ ପୁଣି ପ୍ରଜ୍ଜ୍ୱଳିତ ହୋଇଉଠୁଛି ।

ରାଜା—ଆର୍ଯ୍ୟ, ଆପଣ ଏପରି କ୍ରୁଦ୍ଧ ହେଉଛନ୍ତି କାହିଁକି ?

ଚାଣକ୍ୟ—ଅଧିକ ତର୍କର ପ୍ରୟୋଜନ ନାହିଁ । ଯଦି ରାକ୍ଷସଙ୍କୁ ମୋଠାରୁ ଯୋଗ୍ୟତର ମନେ କରୁଛନ୍ତି, ତେବେ ଏ ଶସ୍ତ୍ର ତାଙ୍କୁ ପ୍ରଦାନ କରନ୍ତୁ । କୁଟିଳ ରାକ୍ଷସର ବିଜୟ ହେଉ ।

ଏହା କହି ଚାଣକ୍ୟ ନିଜର ଶସ୍ତ୍ର ଫିଙ୍ଗିଦେଇ ବହିର୍ଗତ ହେଲେ ।

ରାଜା ପରିଚାରକଙ୍କୁ ଡାକି ଆଦେଶ ଦେଲେ—"ଯାଅ, ପ୍ରଜାମାନଙ୍କୁ ଜଣାଇ ଦିଅ ଯେ, ଆଜିଠାରୁ ମହାରାଜ ଚନ୍ଦ୍ରଗୁପ୍ତ ଚାଣକ୍ୟଙ୍କ ବିନା ପରାମର୍ଶରେ ନିଜେ ସମସ୍ତ ରାଜକାର୍ଯ୍ୟ ବୁଝିବେ ।"

ପରିଚାରକ ମନେ ମନେ ବିସ୍ମିତ ହେଲା । ରାଜା ସମସ୍ତ କ୍ଷମତା ନିଜ ହାତକୁ ନେଲେ କାହିଁକି ? ଚାଣକ୍ୟଙ୍କ ପ୍ରତି ବିରାଗର କାରଣ କଣ ?

ରାଜା ଏପରି ଶୁଷ୍କ କଳହରେ ମସ୍ତକ ବେଦନା ଅନୁଭବ କରୁଥିବାର ଛଳନା କରି ଶୟନକକ୍ଷକୁ ଚାଲିଗଲେ ।

ସମସ୍ତେ ମନେକଲେ ଯେ ରାଜା ଓ ଚାଣକ୍ୟଙ୍କ ମଧ୍ୟରେ ଘୋର ବିରୋଧ ଜନ୍ମିଅଛି । ପ୍ରକାଶ୍ୟରେ ଏତେ ବାଦବିବାଦ ସତ୍ତ୍ୱେ ଚାଣକ୍ୟ ଓ ଚନ୍ଦ୍ରଗୁପ୍ତଙ୍କ ମଧ୍ୟରେ ପ୍ରଗାଢ଼ ପ୍ରୀତି ଥିଲା । ନିଜର ଉଦ୍ଦେଶ୍ୟ ସାଧନ ଅଭିପ୍ରାୟରେ ଉଭୟେ ପରାମର୍ଶ କରି ଏପରି କଳହର ଅଭିନୟ ମାତ୍ର କରୁଥିଲେ ।

Digitized by srujanika@gmail.com

ଅମାତ୍ୟ ରାକ୍ଷସ କଠୋର ପରିଶ୍ରମ ଓ ଦୁଶ୍ଚିନ୍ତାରେ ଅବସନ୍ନ ହୋଇ ଶୟନ କରିଛନ୍ତି । ପାର୍ଶ୍ୱରେ ବନ୍ଧୁ ଶକଟଦାସ ଉପବିଷ୍ଟ ।

ରାକ୍ଷସଙ୍କର ଶିରଃପୀଡ଼ା ହୋଇଥିବାର ଶୁଣି କୁମାର ମଳୟକେତୁ ଭାଗୁରାୟଣଙ୍କୁ ସଙ୍ଗରେ ନେଇ ତାଙ୍କୁ ଦେଖିବାକୁ ବାହାରିଲେ । ମଳୟକେତୁ ବିଶ୍ୱାସ କରୁଥିଲେ ଯେ, ଭାଗୁରାୟଣ ଚାଣକ୍ୟଙ୍କ ସହିତ ବିରୋଧ କରି ତାଙ୍କ ପକ୍ଷରେ ଯୋଗ ଦେଇ-ଅଛନ୍ତି । କିନ୍ତୁ ପ୍ରକୃତରେ ସେ ଚାଣକ୍ୟପକ୍ଷୀୟ; କେବଳ ନିଜ ଉଦ୍ଦେଶ୍ୟ ସାଧନ ଲାଗି ଚାଣକ୍ୟଙ୍କ ସହିତ କଳହର ଛଳନା କରି ଆସିଥିଲେ । କିପରି ମଳୟକେତୁ ଓ ରାକ୍ଷସଙ୍କ ମଧ୍ୟରେ ମନାନ୍ତର ସୃଷ୍ଟି କରିବେ, ତାହାହିଁ ତାଙ୍କର ଲକ୍ଷ୍ୟ ଥିଲା ।

ପଥ ମଧ୍ୟରେ ମଳୟକେତୁ ଭାଗୁରାୟଣଙ୍କୁ ପଚାରିଲେ— "ସଖେ ଭାଗୁରାୟଣ, ଏଠାକୁ ଆସିଥିବା ଭଦ୍ରଭଟ ପ୍ରଭୃତିଙ୍କଠାରୁ ଶୁଣିଲି ଯେ, ଆପଣମାନେ ମୋ ସକାଶେ ଆମ ପକ୍ଷରେ ଯୋଗ ଦେଇଛନ୍ତି; ରାକ୍ଷସଙ୍କ ସକାଶେ ନୁହେଁ । ଅନେକ ଚିନ୍ତା କରି ମଧ୍ୟ ମୁଁ ଏ କଥାର ଉଦ୍ଦେଶ୍ୟ ବୁଝିପାରିଲି ନାହିଁ ।"

ଭାଗୁରାୟଣ ସୁଯୋଗ ପାଇ କହିଲେ, "ଏଥିରେ ଦୁର୍ବୋଧ କଅଣ ରହିଲା ? ଆପଣ ଗୁଣୀ, ସାହସୀ, ରାଜପୁତ୍ର; ପୁଣି ରାଜ୍ୟଜୟ କରିବାକୁ ଇଚ୍ଛୁକ । ଆପଣଙ୍କର ଅନୁଗତ ହେବା ନ୍ୟାୟସଙ୍ଗତ ।"

ମଳୟକେତୁ—ସଖେ ଭାଗୁରାୟଣ, ଅମାତ୍ୟ ରାକ୍ଷସ କଅଣ ଆମର ପ୍ରିୟତମ ହିତାକାଙ୍କ୍ଷୀ ନୁହନ୍ତି ?

ଭାଗୁରାୟଣ—ତା ସତ୍ୟ, କିନ୍ତୁ ଅମାତ୍ୟ ରାକ୍ଷସଙ୍କର ପ୍ରଧାନ ଶତ୍ରୁ ହେଉଛନ୍ତି ଚାଣକ୍ୟ; ଚନ୍ଦ୍ରଗୁପ୍ତ ନୁହନ୍ତି । ରାକ୍ଷସଙ୍କର ନନ୍ଦବଂଶ

Digitized by srujanika@gmail.com

ପ୍ରତି ଅନୁରାଗ ଅଛି । ଚନ୍ଦ୍ରଗୁପ୍ତ ମଧ୍ୟ ନନ୍ଦବଂଶର ସନ୍ତାନ । ଯଦି ଚନ୍ଦ୍ରଗୁପ୍ତ ରାକ୍ଷସଙ୍କୁ ସେପରି ଅନୁରୋଧ କରୁଛନ୍ତି, ତେବେ ସେ ତାଙ୍କ ସହିତ ମିଳଯାଇପାରନ୍ତି ।

ମଳୟକେତୁଙ୍କ ମନରେ ସଂଶୟ ପ୍ରବେଶ କଲା । ସେ ଯେତିକି ଚିନ୍ତା କଲେ ସେତିକି ବିଶ୍ୱାସ କଲେ ଯେ, ଭାଗୁରାୟଣ ଯାହା କହିଲେ ତାହା ସମ୍ଭବପର । ରାକ୍ଷସ ନନ୍ଦବଂଶର ଅନୁଗତ; ଚନ୍ଦ୍ରଗୁପ୍ତ ମଧ୍ୟ ନନ୍ଦବଂଶର ସନ୍ତାନ—ଏହି କଥାଟି ସେ ଭୁଲି-ପାରିଲେ ନାହିଁ ।

ଶିରଃପୀଡ଼ାଗ୍ରସ୍ତ ରାକ୍ଷସଙ୍କ ନିକଟରେ କରଭକ ନାମକ ଜଣେ ଗୁପ୍ତଚର ଆସି ସମ୍ବାଦ ଦେଲା, "ଆପଣଙ୍କ ଆଦେଶରେ ମୁଁ ପାଟଳୀପୁର ଯାଇ ବୈତାଳିକ ସ୍ତନକଳଶଙ୍କୁ ଆପଣଙ୍କ ସମ୍ବାଦ ଦେଲି । ଏହି ସମୟରେ ରାଜା ଚନ୍ଦ୍ରଗୁପ୍ତ ପୁରବାସୀମାନଙ୍କୁ ଜଣାଇଲେ ଯେ, ମହାଡ଼ମ୍ବରେ କୌମୁଦୀ ଉତ୍ସବ ଅନୁଷ୍ଠିତ ହେବ; କିନ୍ତୁ ଦୁଷ୍ଟ ଚାଣକ୍ୟ ସେହି ଉତ୍ସବ ବନ୍ଦ କରିବାକୁ ଆଦେଶ ଦେଲା । ସ୍ତନକଳଶ ଉପଯୁକ୍ତ କାଳ ବୁଝି ଚନ୍ଦ୍ରଗୁପ୍ତଙ୍କୁ ଉତ୍ତେଜିତ କରିବା ପାଇଁ ତାଙ୍କୁ ନିଜର କବିତା ଶୁଣାଇଲା ।"

ରାକ୍ଷସ ମନେମନେ ଭାବିଲେ—ସ୍ତନକଳଶଦ୍ୱାରା ଯେଉଁ ଭେଦବୀଜ ବପନ କରିଛି, ତାର ଫଳ ନିଶ୍ଚୟ ଫଳିବ ।

କରଭକ ଜଣାଇଲା ଯେ, ଏହାପରେ ଚନ୍ଦ୍ରଗୁପ୍ତ ଆପଣଙ୍କର ବହୁ ପ୍ରଶଂସା କରି ଚାଣକ୍ୟଙ୍କୁ ସଚିବପଦରୁ ବିଚ୍ୟୁତ କରିଅଛନ୍ତି ।

କରଭକ ସହିତ ରାକ୍ଷସ କଥାବାର୍ତ୍ତା ହେବା ସମୟରେ ମଳୟକେତୁ ଓ ଭାଗୁରାୟଣ ବାହାରେ ରହି ସବୁ ଶୁଣିପାରୁଥିଲେ ।

Digitized by srujanika@gmail.com

ମଳୟକେତୁଙ୍କ ମନରେ ଯେଉଁ ସନ୍ଦେହ ଜନ୍ମିଥିଲା, ଚନ୍ଦ୍ରଗୁପ୍ତ ରାକ୍ଷସଙ୍କର ପ୍ରଶଂସା କରୁଥିବାର ଶୁଣି ତାହା ଦୃଢ଼ୀଭୂତ ହେଲା ।

ରାକ୍ଷସ କହିଲେ, "ଏଇ କୌମୁଦୀ ଉତ୍ସବ ବନ୍ଦ କରିବା କଅଣ ଚନ୍ଦ୍ରଗୁପ୍ତଙ୍କର ଚାଣକ୍ୟ ପ୍ରତି ବିରାଗର କାରଣ, ନା ଆଉ କିଛି ଅଛି ?"

ମଳୟକେତୁ—ଅନ୍ୟ ଉପରେ ଚନ୍ଦ୍ରଗୁପ୍ତ କାହିଁକି କୁପିତ ହେଲେ, ସେଥିର କାରଣ ଅନୁସନ୍ଧାନ କରିବାରେ ଫଳ କଅଣ ?

ରାକ୍ଷସ—କୁମାର, ଚାଣକ୍ୟ ଖୁବ୍ ବୁଦ୍ଧିମାନ୍ । ବିନା କାରଣରେ ସେ ଯେ ଚନ୍ଦ୍ରଗୁପ୍ତଙ୍କର କୋପ ଜନ୍ମାଇଥିବ, ଏହା ସମ୍ଭବ ନୁହେଁ । ଆଉ ମଧ୍ୟ ସେହିପରି ବିଶେଷ କାରଣ ନ ଥିଲେ କୃତଜ୍ଞ ଚନ୍ଦ୍ରଗୁପ୍ତ ଚାଣକ୍ୟଙ୍କୁ ସଚିବପଦରୁ ବିତାଡ଼ିତ କରି ନ ଥାନ୍ତେ ।

କରଭକ—ଚନ୍ଦ୍ରଗୁପ୍ତଙ୍କ କୋପର ଅନ୍ୟ କାରଣ ମଧ୍ୟ ଅଛି । ତା ହେଉଛି, ଚାଣକ୍ୟଙ୍କର ମଳୟକେତୁ ଓ ଆପଣଙ୍କୁ ଉପେକ୍ଷା କରିବା ।

ରାକ୍ଷସ—ଶକଟଦାସ, ଏବେ ଚନ୍ଦ୍ରଗୁପ୍ତ ମୋର ହସ୍ତଗତ ବୋଲି ମନେ କରୁଛି । ଅଚିରେ ଚନ୍ଦନଦାସ ବନ୍ଧନରୁ ମୁକ୍ତ ହେବେ । ତୁମେ ମଧ୍ୟ ନିଜ ସ୍ତ୍ରୀ-ପୁତ୍ରଙ୍କ ସହ ମିଳିତ ହେବ । ଆଚ୍ଛା, କରଭକ, ସଚିବପଦରୁ ବହିଷ୍କୃତ ହୋଇ ଏବେ ଚାଣକ୍ୟ କେଉଁଠାରେ ଅଛି ?

କରଭକ—ସେହି ପାଟଳୀପୁତ୍ରରେ ଅଛି ।

ରାକ୍ଷସ—ସେଇଠାରେ ରହିଛି ? ତପସ୍ୟା କରିବାକୁ ଯାଇ-ନାହିଁ କି ପୁଣି ଗୋଟାଏ ନୂତନ ପ୍ରତିଜ୍ଞା କରିନାହିଁ ?

Digitized by srujanika@gmail.com

କରଭକ—ତପୋବନକୁ ଯିବ ବୋଲି ଶୁଣାଯାଏ ।

ରାକ୍ଷସ—ବଡ଼ ଆଶ୍ଚର୍ଯ୍ୟର କଥା । ଯେଉଁ ଚାଣକ୍ୟ ରାଜାଙ୍କ ଶ୍ରାଦ୍ଧ-ଦିବସରେ ପୂର୍ବୋକ୍ତ ଆସନରୁ ବହିଷ୍କୃତ ହେବା ସହ୍ୟ କରି ପାରି ନ ଥିଲି, ସେ କିପରି ଚନ୍ଦ୍ରଗୁପ୍ତଠାରୁ ଏ ଅପମାନ ସହି ରହିଲି ? ପୁଣି ଯେଉଁ ଚନ୍ଦ୍ରଗୁପ୍ତ ଚାଣକ୍ୟ-ବୁଦ୍ଧିବଳରେ ରାଜପଦ ପାଇଛି; ସେହି ଚନ୍ଦ୍ରଗୁପ୍ତଠାରୁ...

ମଳୟକେତୁ—ଚାଣକ୍ୟ ବନକୁ ଗଲେ ବା ପୁଣି ପ୍ରତିଜ୍ଞା କଲେ ଆମର କି ଲାଭ ?

ଭାଗୁରାୟଣ—ଏଥିରେ ଦୁର୍ବୋଧ କଅଣ ଅଛି ? ଚାଣକ୍ୟ ଚନ୍ଦ୍ରଗୁପ୍ତଙ୍କଠାରୁ ଯେତିକି ଦୂରରେ ରହିବ, ରାକ୍ଷସଙ୍କର ସେତିକି ସ୍ୱାର୍ଥ ସିଦ୍ଧି ହେବ ।

ଶକଟଦାସ କରଭକ ସହିତ ଅନ୍ୟତ୍ର ଚାଲିଯିବା ପରେ ମଳୟକେତୁ ରାକ୍ଷସଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ମଳୟକେତୁ ଆସନ ଗ୍ରହଣ କରି ତାଙ୍କର ଶିରୋବ୍ୟଥା କମିଛି କି ନା ପଚାରିଲେ । ରାକ୍ଷସ ଉତ୍ତର କଲେ, "କୁମାର ରାଜପଦରେ ଅଧିଷ୍ଠିତ ନ ହେବା ପର୍ଯ୍ୟନ୍ତ ମୋର ଶିରୋବେଦନା ଯିବ କିପରି ?"

ମଳୟକେତୁ—ଆର୍ଯ୍ୟଙ୍କ ଚେଷ୍ଟାରେ ତାହା ଦୁଷ୍ପ୍ରାପ୍ୟ ନୁହେଁ । ଆମର ସୈନ୍ୟ ସଂଗ୍ରହ ହୋଇଛି; କେବଳ ଶତ୍ରୁର ଦୁର୍ବଳ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ।

ରାକ୍ଷସ—ଏବେ ସୁଯୋଗ ଉପସ୍ଥିତ—ବିଜୟ ନିଶ୍ଚିତ ।

ମଳୟକେତୁ—ଶତ୍ରୁର କିଛି ବିପଦର ସୂଚନା ମିଳିଛି କି ?

ରାକ୍ଷସ—ହଁ, ଚନ୍ଦ୍ରଗୁପ୍ତଠାରୁ ଚାଣକ୍ୟ ବିଚ୍ଛିନ୍ନ ହୋଇଛି ।

ମଳୟକେତୁ—ଏହା ଚାଣକ୍ୟ ପକ୍ଷରେ ବିପଦ ହୋଇପାରେ; କିନ୍ତୁ ଏଥିରେ ଚନ୍ଦ୍ରଗୁପ୍ତର କଅଣ ଅଛି ?

Digitized by srujanika@gmail.com

ରାକ୍ଷସ—ଅନ୍ୟ ରାଜାଙ୍କ ପକ୍ଷରେ ମନ୍ତ୍ରୀର ବିପଦ କିଛି ନୁହେଁ; କିନ୍ତୁ ଚନ୍ଦ୍ରଗୁପ୍ତ ପକ୍ଷରେ ତା ନୁହେଁ ।

ମଳୟକେତୁ—ଚାଣକ୍ୟର ଦୋଷ ହେତୁରୁ ଚନ୍ଦ୍ରଗୁପ୍ତ ପ୍ରତି ପ୍ରଜାମାନଙ୍କର ବିରାଗ ଜନ୍ମିଥିଲା । ଏବେ ଚାଣକ୍ୟଙ୍କୁ ବିତାଡ଼ିତ କରିବା ଫଳରେ ପ୍ରଜାମାନେ ଚନ୍ଦ୍ରଗୁପ୍ତର ଅନୁରକ୍ତ ହେବେ ନାହିଁ କି ?

ରାକ୍ଷସ—ତା ହେବ ନାହିଁ । ପ୍ରଜାମାନଙ୍କ ଭିତରେ ଦୁଇ ଶ୍ରେଣୀର ଲୋକ ଅଛନ୍ତି । କେତେକ ଚନ୍ଦ୍ରଗୁପ୍ତର ସମର୍ଥକ, ଆଉ କେତେକ ନନ୍ଦବଂଶର ଅନୁରକ୍ତ । ଚନ୍ଦ୍ରଗୁପ୍ତର ସମର୍ଥକମାନଙ୍କର ବିରାଗର କାରଣ ହେଉଛି ଚାଣକ୍ୟର ଦୋଷ । ନନ୍ଦାନୁଗତ-ମାନଙ୍କର ତା ନୁହେଁ । ଏଇ ଚନ୍ଦ୍ରଗୁପ୍ତ ଆମର ପିତୃ ସଦୃଶ ନନ୍ଦକୁଳକୁ ବିନାଶ କରିଛି—ଏହିପରି ମନେ କରୁଥିଲେ ସୁଦ୍ଧା କେତେକ ପ୍ରଜା ଅନ୍ୟ ଆଶ୍ରୟ ନ ପାଇ ଚନ୍ଦ୍ରଗୁପ୍ତର ଅନୁସରଣ କରୁଛନ୍ତି । ଆଉ କେତେକ ଆପଣଙ୍କ ପରି ତାକୁ ପରାଜୟ କରି ହୁଏତ ଆପଣଙ୍କୁ ଆଶ୍ରୟ କରୁଛନ୍ତି ।

ମଳୟକେତୁ—ଆର୍ଯ୍ୟ, ଅନ୍ୟ କୌଣସି କାରଣ ଅଛି କି ?

ରାକ୍ଷସ—ଅଛି, ତେବେ ଏହାହିଁ ପ୍ରଧାନ ।

ମଳୟକେତୁ—ଏବେ କଣ ଚନ୍ଦ୍ରଗୁପ୍ତ ଅନ୍ୟ ମନ୍ତ୍ରୀଦ୍ୱାରା ବା ନିଜେ କାର୍ଯ୍ୟଭାର ବହନ କରିବାକୁ ଅସମର୍ଥ ?

ରାକ୍ଷସ—ଏକବାରେ ଅସମର୍ଥ । ଯେ ନିଜ ଶକ୍ତିରେ ରାଜା ହୋଇଥାଏ ସେ ତା କରିବାକୁ ସମର୍ଥ; କିନ୍ତୁ ଅଧମ ଚନ୍ଦ୍ରଗୁପ୍ତ ସଚିବାୟତ୍ତ । ଆଖି ଥାଉ ଥାଉ ସେ ଲୋକ-ବ୍ୟବହାର ଦେଖିବାକୁ ଅକ୍ଷମ ।

Digitized by srujanika@gmail.com

ମଳୟକେତୁ ମନେ ମନେ ଭାବିଲେ, ଯାହାହେଉ ମୁଁ ସଚିବାଧୀନ ନୁହେଁ । ତତ୍ପରେ ପ୍ରକାଶ୍ୟରେ କହିଲେ—"ତାହାହେଲେ ଆମର କାର୍ଯ୍ୟସିଦ୍ଧି ସୁଗମ ।"

ରାକ୍ଷସ—ଜାଣନ୍ତୁ, ସିଦ୍ଧି ନିଶ୍ଚିତ । ଆପଣଙ୍କର ଯଥେଷ୍ଟ ସୈନ୍ୟବଳ ଅଛି । ନଗରରେ ଅନେକ ନନ୍ଦବଂଶର ପକ୍ଷପାତୀ । ପରାକ୍ରାନ୍ତ ମନ୍ତ୍ରୀ ଚାଣକ୍ୟ ମନ୍ତ୍ରୀ-ଆସନରୁ ବିତାଡ଼ିତ । ମୌର୍ଯ୍ୟନନ୍ଦ ରାଜପଦରେ ଦୃଢ଼ଭାବରେ ପ୍ରତିଷ୍ଠିତ ନୁହନ୍ତି । ଏପରି ସୁଯୋଗ ଉପସ୍ଥିତ । ଆପଣ ଇଚ୍ଛା କଲେ ହିଁ ସିଦ୍ଧିଲାଭ କରିବେ । ଆମର ଗଜାରୋହୀ ସୈନ୍ୟମାନେ ପୁଷ୍ପପୁର ଆକ୍ରମଣ କରିବାକୁ ପ୍ରସ୍ତୁତ ।

ମଳୟକେତୁ ଶୁଣିଗଲେ; କିନ୍ତୁ ତାଙ୍କ ମନରେ ସନ୍ଦେହ ରହିଗଲା । ଏହି ସମୟରେ ଜଣେ ବୌଦ୍ଧ ସନ୍ନ୍ୟାସୀ ଉପସ୍ଥିତ ହେବାରୁ ରାକ୍ଷସ ପୁଷ୍ପପୁର ଆକ୍ରମଣ ଲାଗି ଗୋଟିଏ ଶୁଭ ସମୟ ସ୍ଥିର କରିବାକୁ କହିଲେ ।

କ୍ଷପଣକ ଜ୍ୟୋତିଷମତ ବିଚାର କରି କହିଲେ, "ସୂର୍ଯ୍ୟାସ୍ତ ସମୟରେ ପୂର୍ଣ୍ଣଚନ୍ଦ୍ର ଉଦିତ ହେଲେ ବୁଧ ଲଗ୍ନରେ ଯାତ୍ରା କରାଯିବ ।"

ରାକ୍ଷସ—ସେତେବେଳେ ତ ତିଥିଶୁଦ୍ଧି ନାହିଁ ।

କ୍ଷପଣକ—ଜ୍ୟୋତିଷଶାସ୍ତ୍ରରେ ଲିଖିତ ଅଛି ଯେ, ତିଥି ଏକଗୁଣ ହେଲେ ନକ୍ଷତ୍ର ଚତୁର୍ଗୁଣ, ଲଗ୍ନ ଚଉଷଠି ଗୁଣ । ଲଗ୍ନ ଶୁଭ ହେଲେ ସବୁ ଶୁଭ ।

ରାକ୍ଷସ—ଅନ୍ୟ କୌଣସି ଦୈବଜ୍ଞ ସହିତ ପରାମର୍ଶ କରି ସ୍ଥିର କରନ୍ତୁ ।

କ୍ଷପଣକ ଟିକିଏ ବିରକ୍ତି ପ୍ରକାଶ କରି ରାକ୍ଷସଙ୍କ ନିକଟରୁ ପ୍ରସ୍ଥାନ କଲେ ।

Digitized by srujanika@gmail.com

ଚର

ରାକ୍ଷସ ମଳୟକେତୁଙ୍କର ସୈନ୍ୟଦଳ ନଗର ଅବରୋଧ କରିବା ଅଭିପ୍ରାୟରେ ପାଟଳୀପୁତ୍ର ନିକଟରେ ଉପସ୍ଥିତ ହେଲେ । ନଗର ଅଧିକୃତ ହେଲେ ଚାଣକ୍ୟ ଓ ଚନ୍ଦ୍ରଗୁପ୍ତଙ୍କର ଧ୍ୱଂସ ହେବ; ମଳୟକେତୁ ମଗଧ ସିଂହାସନରେ ଉପବେଶନ କରିବେ ।

ଉପଯୁକ୍ତ ସମୟ ଦେଖି ସିଦ୍ଧାର୍ଥକ ଶକଟଦାସଙ୍କ ନିକଟରେ ରଖିଥିବା ଅଳଙ୍କାର ଥଳିଟି ମାଗିନେଲେ । ସେଥିରେ ଅମାତ୍ୟ ରାକ୍ଷସଙ୍କର ମୁଦ୍ରାଙ୍କିତ ହୋଇଥିଲା । ପୂର୍ବରୁ ଶକଟଦାସଙ୍କ ଦ୍ୱାରା ଲିଖିତ ଓ ରାକ୍ଷସଙ୍କ ମୁଦ୍ରାଙ୍କିତ ପତ୍ରଟିଏ ସିଦ୍ଧାର୍ଥକ ରଖିଥିଲେ । ଏହି ଦୁଇଟି ଜିନିଷ ନେଇ ସିଦ୍ଧାର୍ଥକ ମଳୟକେତୁଙ୍କ ଶିବିରରୁ ପାଟଳୀପୁତ୍ର ଅଭିମୁଖରେ ଚାଲିଲେ ।

ଯୁଦ୍ଧବିଗ୍ରହ ସମୟରେ ପ୍ରହରୀମାନେ ଲୋକମାନଙ୍କର ଗମନାଗମନ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥାନ୍ତି । ଶିବିର ବାହାରକୁ ଯିବାପାଇଁ ଅନୁମତିପତ୍ର ଆବଶ୍ୟକ ହୁଏ; କିନ୍ତୁ ସିଦ୍ଧାର୍ଥକ କୌଣସି ଅନୁମତିପତ୍ର ନେଲେ ନାହିଁ । ଶିବିରରୁ ଅଳ୍ପଦୂର ଯିବାପରେ ଜଣେ କ୍ଷପଣକ ସହିତ ତାଙ୍କର ସାକ୍ଷାତ୍ ହେଲା । ଦୁହିଁଙ୍କ ମଧ୍ୟରେ ଅନେକ କଥାବାର୍ତ୍ତା ଚାଲିଲା । କ୍ଷପଣକ କହିଲେ, "ଏବେ ଯୁଦ୍ଧ ସମୟ । ଅନୁମତି ବିନା କେହି ପୁଷ୍ପପୁରକୁ ଯିବା ବା ସେଠାରୁ ଆସିବା ନିଷିଦ୍ଧ । ଯଦି ଭାଗୁରାୟଣଙ୍କଠାରୁ ଅନୁମତିପତ୍ର ଆଣିଥାଅ, ତେବେ ଯାଅ; ନଚେତ୍ ଏହିଠାରେ ରହିବା ଶ୍ରେୟ । ଅନୁମତିପତ୍ର ନ ନେଇ ଗଲେ ସୈନିକମାନେ ତୁମର ହସ୍ତପଦ ବନ୍ଧନ କରି ରାଜପୁରକୁ ନେଇଯିବେ ।

Digitized by srujanika@gmail.com

ସିଦ୍ଧାର୍ଥକ—ଆପଣ ଜାଣନ୍ତୁ ଯେ ମୁଁ ଅମାତ୍ୟ ରାକ୍ଷସଙ୍କର ବିଶ୍ୱସ୍ତ । ଅନୁମତିପତ୍ର ନ ଥିଲେ ମଧ୍ୟ ମୋତେ କେହି ବାରଣ କରିବେ ନାହିଁ ।

କ୍ଷପଣକ—ତୁମେ ରାକ୍ଷସର ପ୍ରିୟ ହୁଅ ବା ପିଶାଚର ପ୍ରିୟ ହୁଅ, ଅନୁମତିପତ୍ର ନ ଥିଲେ ବାହାରିବାର ଉପାୟ ନାହିଁ ।

ଏହା କହି କ୍ଷପଣକ ଚାଲିଗଲେ । ସିଦ୍ଧାର୍ଥକ ପତ୍ର ଓ ଅଳଙ୍କାର ଥଳି ସହିତ ଅଗ୍ରସର ହେଲେ ।

ଅନୁମତିପତ୍ର ଦେବାଲାଗି ଭାଗୁରାୟଣ ଜଣେ କର୍ମଚାରୀ ସହିତ ବସିଥିଲେ । ଏହି ସମୟରେ ପ୍ରତିହାରୀ ସହିତ ମଳୟକେତୁ ସେଠାରେ ଉପସ୍ଥିତ ହେଲେ । ସେ ଚିନ୍ତା କରୁଥିଲେ – ରାକ୍ଷସଙ୍କ ବିଷୟରେ ନାନା ସନ୍ଦେହ ହେବାରୁ ମୋ ମନ ଅସ୍ଥିର ହୋଇଛି । ସେ ତ ନନ୍ଦବଂଶର ଅନୁରକ୍ତ, ଚାଣକ୍ୟର ପତନ ପରେ ସେ ମହାନନ୍ଦ-ସନ୍ତାନ ଚନ୍ଦ୍ରଗୁପ୍ତ ପ୍ରତି ସହାନୁଭୂତି ପ୍ରକାଶ କରିବେ କି ? ମୋତେ ସମଗ୍ର ନନ୍ଦରାଜ୍ୟ ଦେବେ ବୋଲି ଯେଉଁ ପ୍ରତିଜ୍ଞା କରି- ଥିଲେ, ତାହା ରକ୍ଷା କରିବେ କି ? ଏହି ଦୁଇ ସନ୍ଦେହରେ ପଡ଼ି ମୋ ଚିତ୍ତ ଭ୍ରମ ହେଉଛି ।

ଏହି ସମୟରେ ଜୀବସିଦ୍ଧି ଅନୁମତିପତ୍ର ନିମନ୍ତେ ଭାଗୁରାୟଣଙ୍କ ନିକଟରେ ଉପସ୍ଥିତ ହେଲେ ।

ଭାଗୁରାୟଣଙ୍କର ଧାରଣା ଥିଲା ଯେ, ଏହି ଜୀବସିଦ୍ଧି ରାକ୍ଷସ- ପକ୍ଷର ଲୋକ । ତେଣୁ ସେ ପଚାରିଲେ, "ତୁମେ କଅଣ ରାକ୍ଷସର କୌଣସି କାର୍ଯ୍ୟରେ ଯାଉଛ ?"

ଜୀବସିଦ୍ଧି କାନରେ ହାତ ଦେଇ କହିଲେ, "ଏ ପାପକଥା କହନ୍ତୁ ନାହିଁ । ରାକ୍ଷସ କି ପିଶାଚ କାହାରି ସଙ୍ଗେ ମୋର ସମ୍ବନ୍ଧ ନାହିଁ ।"

Digitized by srujanika@gmail.com

ଭାଗୁରାୟଣ—ରାକ୍ଷସ ତୁମର କଣ କ୍ଷତି କରିଛି ?

ଜୀବସିଦ୍ଧି—ନା, ରାକ୍ଷସ ମୋର କିଛି କ୍ଷତି କରିନାହିଁ; କିନ୍ତୁ ମୁଁ ହତଭାଗ୍ୟ । ନିଜ କାର୍ଯ୍ୟରେ ନିଜେ ଲଜ୍ଜିତ ।

ସେତେବେଳକୁ କୁମାର ମଳୟକେତୁ ଭାଗୁରାୟଣଙ୍କ ନିକଟରେ ଏହି ବୌଦ୍ଧସନ୍ନ୍ୟାସୀର ପ୍ରକୃତ ଉଦ୍ଦେଶ୍ୟ ଜାଣିବାକୁ ଇଚ୍ଛା କରି ଅନେକ ପ୍ରଶ୍ନ କଲେ; କିନ୍ତୁ ସେ କହିବାକୁ କୁଣ୍ଠିତ ହେଲେ । ତେଣୁ ଭାଗୁରାୟଣ କହିଲେ—"ତୁମ୍ଭଙ୍କୁ ଅନୁମତିପତ୍ର ଦିଆଯାଇ ପାରିବ ନାହିଁ ।"

ଜୀବସିଦ୍ଧି ବଡ଼ ଦୁଃଖିତ ହେଲପରି କହିଲେ, "ଅନ୍ୟ ଉପାୟ ନାହିଁ । ତେବେ ଶୁଣନ୍ତୁ; ମୁଁ ପାଟଳୀପୁତ୍ରରେ ରହି ରାକ୍ଷସର ମିତ୍ର ହୋଇଥିଲି । ଏହି ସମୟରେ ରାକ୍ଷସ କୌଶଳ କରି ବିଷକନ୍ୟାଦ୍ୱାରା ପର୍ବତକଙ୍କର ମୃତ୍ୟୁ ଘଟାଇଲା ।

ଏତିକି ଶୁଣିଲାମାତ୍ରେ ମଳୟକେତୁ ଭାବିଲେ—ତେବେ ମୋ ପିତାଙ୍କ ମୃତ୍ୟୁର କାରଣ ଏହି ରାକ୍ଷସ ! ଚାଣକ୍ୟ ନୁହେଁ ?

ଜୀବସିଦ୍ଧି କହିଲେ—"ଏଣେ ଚାଣକ୍ୟ ଜାଣି ପାରିଲେ ଯେ, ମୁଁ ରାକ୍ଷସର ମିତ୍ର । ତେଣୁ ସେ ମୋତେ ଅପମାନ ଦେଇ ନଗରରୁ ବାହାର କରିଦେଲେ । ଏବେ ରାକ୍ଷସ ମୋତେ ଏପରି ଗୋଟିଏ କାର୍ଯ୍ୟ କରିବାକୁ ଲଗାଇଛି ଯେ ସେଥିଲାଗି ମୋର ଜୀବନ ଯିବାକୁ ବସିଛି ।"

ଭାଗୁରାୟଣ—ଆମେ ଶୁଣିଥିଲୁ ଯେ, ଅର୍ଦ୍ଧ ରାଜ୍ୟ ଦେବାକୁ ଇଚ୍ଛା ନ ଥିବାରୁ ଚାଣକ୍ୟ ବିଷକନ୍ୟାଦ୍ୱାରା ପର୍ବତକଙ୍କୁ ହତ୍ୟା କରିଛି ।

ଜୀବସିଦ୍ଧି—ଚାଣକ୍ୟ ବିଷକନ୍ୟାର ନାମ ସୁଦ୍ଧା ଶୁଣିନାହାନ୍ତି ।

Digitized by srujanika@gmail.com

ଭାଗୁରାୟଣ ଖଣ୍ଡିଏ ଅନୁମତିପତ୍ର ଦେଲେ । ତାକୁ ନେଇ ଜୀବସିଦ୍ଧି ଚାଲିଗଲେ ।

ଭାଗୁରାୟଣ ଓ ମଳୟକେତୁଙ୍କ ମଧ୍ୟରେ ରାକ୍ଷସଙ୍କର କୂଟ-କପଟ ବିଷୟରେ ବହୁତ କଥା ଆଲୋଚନା ହେଲା । ମଳୟକେତୁଙ୍କର ଦୃଢ଼ ବିଶ୍ୱାସ ହେଲା ଯେ ରାକ୍ଷସ ଚନ୍ଦ୍ରଗୁପ୍ତଙ୍କର ଅନୁଗାମୀ ଏବଂ ସେ ତାଙ୍କ ପିତାଙ୍କୁ ହତ୍ୟା କରାଇଅଛନ୍ତି ।

ଏହି ସମୟରେ ଜଣେ ସୈନିକ ସିଦ୍ଧାର୍ଥକଙ୍କୁ ବାନ୍ଧି ଭାଗୁରାୟଣଙ୍କ ନିକଟରେ ଉପସ୍ଥିତ ହୋଇ କହିଲା, "ଆର୍ଯ୍ୟ ! ଏଇ ଲୋକଟି ମୁଦ୍ରାଙ୍କିତ ଖଣ୍ଡିଏ ପତ୍ର ନେଇ ଶିବିରରୁ ଚାଲି-ଯାଉଥିଲା । ଆପଣଙ୍କ ନିକଟକୁ ସେଥିପାଇଁ ଧରିଆଣିଅଛୁ ।"

ଭାଗୁରାୟଣ—ଏ ଲୋକ ଜଣକ ଆଗନ୍ତୁକ ନା ଏଠାରେ କାହାର ଭୃତ୍ୟ ?

ସିଦ୍ଧାର୍ଥକ— ଆର୍ଯ୍ୟ, ମୁଁ ଅମାତ୍ୟ ରାକ୍ଷସଙ୍କର ଜଣେ ଭୃତ୍ୟ ।

ଭାଗୁରାୟଣ—ତେବେ ଅନୁମତିପତ୍ର ନ ନେଇ ଶିବିରରୁ ଯାଉଥିଲ କାହିଁକି ?

ସିଦ୍ଧାର୍ଥକ—କାର୍ଯ୍ୟର ଗୁରୁତ୍ୱ ଦୃଷ୍ଟିରୁ ଶୀଘ୍ର ଚାଲିଯାଉଥିଲି ।

ଭାଗୁରାୟଣ— ତୁମର ଏପରି କି କାର୍ଯ୍ୟ ଥିଲା ଯେ ରାଜାଦେଶ ଲଙ୍ଘନ କରି, ଅନୁମତିପତ୍ର ନ ନେଇ ଯାଉଥିଲ ?

ମଳୟକେତୁ—ଆଚ୍ଛା ସଖେ, ତା'ଠାରୁ ଲେଖାଟି ଆଣ ଦେଖିବା ।

ଭାଗୁରାୟଣ ସିଦ୍ଧାର୍ଥକଙ୍କ ହସ୍ତରୁ ପତ୍ରଟି ନେଇ ଦେଖି କହିଲେ —କୁମାର, ଏ ଲେଖାରେ ଯେ ରାକ୍ଷସଙ୍କର ମୁଦ୍ରା ଅଙ୍କିତ ହୋଇଛି ।

ମଳୟକେତୁ—ତେବେ ପତ୍ରଟି ଖୋଲି ପଢ଼ିବା ।

Digitized by srujanika@gmail.com

ଭାଗୁରାୟଣ ପତ୍ରଟି ଖୋଲି ମଳୟକେତୁଙ୍କୁ ଦିଅନ୍ତେ ସେ ପଢ଼ିଲେ—

"ସ୍ୱସ୍ତି । ନିର୍ଦ୍ଦିଷ୍ଟ କୌଣସି ସ୍ଥାନରୁ କୌଣସି କେହି କାହାରିକୁ ଏ ପତ୍ର ଲେଖୁଛି । ଆମ୍ଭର ଶତ୍ରୁକୁ ଅଧିକାରରୁ ବିତାଡ଼ିତ କରି ଆପଣଙ୍କର ଅକଥନୀୟ ସତ୍ୟବାଦିତା ପ୍ରମାଣିତ କରିଅଛନ୍ତି । ଅଧୁନା ଆମ୍ଭ ମିତ୍ରମାନଙ୍କ ପ୍ରତି ମୋର ପୂର୍ବ ପ୍ରତିଶ୍ରୁତି ନିଶ୍ଚୟ ରକ୍ଷା କରିବ । ଏମାନେ ଅନୁଗ୍ରହ ଲାଭ କରିଥିବାରୁ ଉପକାରୀଙ୍କୁ ଆଶ୍ରୟ କରିବେ । ଅବଶ୍ୟ ଆପଣ ଏକଥା ଭୁଲି ନ ଥିବେ; ତଥାପି ସ୍ମରଣ କରାଇଦେଉଛି । ଆପଣ ଯେଉଁ ଅଳଙ୍କାର ତିନୋଟି ପଠାଇଥିଲେ ତାହା ପାଇଛି । ମୁଁ ମଧ୍ୟ ସାମାନ୍ୟ ଉପହାର ପଠାଉଅଛି । ଏହି ବିଶ୍ୱସ୍ତ ଚରମୁଖରୁ ଅନ୍ୟ ସବୁ ଶୁଣିପାରିବେ ।"

କହିବା ଅନାବଶ୍ୟକ ଯେ ଚାଣକ୍ୟ ଶକଟଦାସଙ୍କ ଦ୍ୱାରା ଯେଉଁ ପତ୍ରଟି ଲେଖାଇ ରାକ୍ଷସଙ୍କ ମୁଦ୍ରାଦ୍ୱାରା ଅଙ୍କିତ କରି ସିଦ୍ଧାର୍ଥକଙ୍କୁ ଦେଇଥିଲେ, ଏହିଟି ସେହି ପତ୍ର ।

ପତ୍ରଟି କିଏ କାହା ନିକଟକୁ ଲେଖିଛି ବୋଲି ପଚାରିବାରୁ ସିଦ୍ଧାର୍ଥକ କିଛି କହିଲେ ନାହିଁ ।

ତହୁଁ ଭାଗୁରାୟଣଙ୍କ ଆଦେଶରେ ପ୍ରହରୀ ସିଦ୍ଧାର୍ଥକଙ୍କ ଉପରେ ପ୍ରହାର କଲା । ସିଦ୍ଧାର୍ଥକ ମାଡ଼ ଖାଇ ନିଜକୁ କଷ୍ଟ ଦେବାକୁ ଇଚ୍ଛା କରି ନ ଥିଲେ । ପ୍ରକୃତପକ୍ଷେ ସେ ଚାଣକ୍ୟଙ୍କର ଅନୁଚର । ତେଣୁ ଦୁଇ ତିନି ପ୍ରହାର ପରେ ସେ ଅଳଙ୍କାର ଥଳିଟି ମଧ୍ୟ ପକାଇଦେଲେ । ପ୍ରହରୀ ଥଳି ସହିତ ପୁନରାୟ ସିଦ୍ଧାର୍ଥକଙ୍କୁ ଭାଗୁରାୟଣ ଓ ମଳୟକେତୁଙ୍କ ନିକଟକୁ ନେଇଗଲା । ସେମାନେ ଦେଖିଲେ ଯେ, ଥଳିରେ ମଧ୍ୟ ରାକ୍ଷସଙ୍କ ମୁଦ୍ରା ଅଙ୍କିତ ଅଛି । ଥଳି ଖୋଲିଦିବାରୁ ସେମାନେ ଦେଖିଲେ, କୁମାର ନିଜ

Digitized by srujanika@gmail.com

ଦେହରୁ ଯେଉଁ ଅଳଙ୍କାର ବାହାର କରି ରାକ୍ଷସଙ୍କ ନିକଟକୁ ଉପହାର ଦେଇଥିଲେ; ଏଗୁଡ଼ିକ ସେହି ଅଳଙ୍କାର । ଏବେ ରାକ୍ଷସ ଯେ ଅଳଙ୍କାର ସହିତ ପତ୍ରଟି ଚନ୍ଦ୍ରଗୁପ୍ତଙ୍କ ନିକଟକୁ ପଠାଉଥିଲେ, ତାହା ସ୍ପଷ୍ଟ ବୁଝାଗଲା ।

କୁମାରଙ୍କ ଆଦେଶରେ ଆଉ କିଛି ପ୍ରହାର ପରେ ସିଦ୍ଧାର୍ଥକ କହିଲେ, "ମୋତେ ଅଭୟ ଦିଅନ୍ତୁ । ମୁଁ ସମସ୍ତ କଥା ପ୍ରକାଶ କରୁଛି । ଅମାତ୍ୟ ରାକ୍ଷସ ମୋତେ ଏହି ପତ୍ର ଓ ଅଳଙ୍କାର ଥଳି ଦେଇ ଚନ୍ଦ୍ରଗୁପ୍ତଙ୍କ ନିକଟକୁ ପଠାଇଥିଲେ ।"

ମୌଖିକ କି ସଂବାଦ ଦେଇଥିଲେ ପଚାରିବାରୁ ସିଦ୍ଧାର୍ଥକ କହିଲେ, "ପାଞ୍ଚଜଣ ରାଜା ଆପଣଙ୍କ ସଙ୍ଗେ ଯୋଗ ଦେଇଛନ୍ତି । ସେମାନେ ହେଉଛନ୍ତି—କୁଳୁତରାଜ ଚିତ୍ରବର୍ମା, ମଳୟରାଜ ସିଂହନାଦ, କାଶ୍ମୀରରାଜ ପୁଷ୍କରାକ୍ଷ, ସିନ୍ଧୁରାଜ ସିନ୍ଧୁସେନ ଓ ପାରସ୍ୟରାଜ ମେଘନାଦ । ଏମାନଙ୍କ ମଧ୍ୟରୁ କୁଳୁତ, ମଳୟ ଓ କାଶ୍ମୀରର ରାଜାମାନେ ମଳୟକେତୁଙ୍କର ଧନସମ୍ପତ୍ତି ଚାହାନ୍ତି, ଅନ୍ୟ ଦୁହେଁ ହସ୍ତୀ ଓ ଗଚ୍ଛିତ ଧନ ଚାହାନ୍ତି । ଚାଣକ୍ୟଙ୍କୁ ତଡ଼ି ଆପଣ ଯେପରି ମୋର ଉପକାର କରିଅଛନ୍ତି, ଏମାନେ ମଧ୍ୟ ସେହିପରି ଉପକାର କରିବେ ।

ଚାଣକ୍ୟ ଚନ୍ଦ୍ରଗୁପ୍ତଙ୍କ ନିକଟକୁ ଏହି ମୌଖିକ ସଂବାଦ ଦେଇଥିଲେ ।"

ମଳୟକେତୁ ଏ କଥା ଶୁଣି ବିସ୍ମୟରେ ଅଭିଭୂତ ହୋଇଗଲେ । ଚିତ୍ରବର୍ମା ପ୍ରଭୃତି ତାଙ୍କପ୍ରତି ଏପରି ଶଠତା କରିବେ ବୋଲି ସେ ସ୍ୱପ୍ନରେ ଭାବି ନ ଥିଲେ । ରାକ୍ଷସ ଯେ ତାଙ୍କ ବିରୁଦ୍ଧରେ ଚନ୍ଦ୍ରଗୁପ୍ତଙ୍କ ସଙ୍ଗେ ମିଳି ଷଡ଼ଯନ୍ତ୍ର କରୁଛନ୍ତି, ଏ କଥା ଭାବି ସେ ହତ୍‌ବୁଦ୍ଧିଗ୍‌ ଜ୍ଞାନଶୂନ୍ୟ ହୋଇପଡ଼ିଲେ ।

Digitized by srujanika@gmail.com

ଭାଗୁରାୟଣଙ୍କ ସହିତ ପରାମର୍ଶ କରି ମଳୟକେତୁ ରାକ୍ଷସଙ୍କୁ ଡକାଇ ପଠାଇଲେ ।

ଏଣେ ରାକ୍ଷସ ଶିବିରରେ ବସି କିପରି ଯୁଦ୍ଧ ଚଳାଇବାକୁ ହେବ ଚିନ୍ତା କରୁଛନ୍ତି, ଏହି ସମୟରେ ଜଣେ ଭୃତ୍ୟ ଆସି ମଳୟକେତୁ ତାଙ୍କୁ ଡାକୁଥିବାର ସମ୍ବାଦ ଦେଲା ।

ରାକ୍ଷସ ଭାବିଲେ ଯେ, କୁମାରଙ୍କ ନିକଟକୁ ଗଲେ ସେ ଉପହାର ସ୍ୱରୂପ ପଠାଇଥିବା ଅଳଙ୍କାର ପିନ୍ଧି ଯିବା ଉଚିତ । କିନ୍ତୁ ସେଗୁଡ଼ିକ ସେ ସିଦ୍ଧାର୍ଥକଙ୍କୁ ଦେଇ ସାରିଥିଲେ । ତେଣୁ କିଣିଥିବା ଅଳଙ୍କାର ପିନ୍ଧି ମଳୟକେତୁଙ୍କ ନିକଟରେ ଉପସ୍ଥିତ ହେଲେ ।

ମଳୟକେତୁ ଦେଖିଲେ ଯେ, ରାକ୍ଷସ ଯେଉଁ ଅଳଙ୍କାର ପରିଧାନ କରିଥିଲେ, ତାହା ସ୍ୱୀୟ ମୃତ ପିତା ପର୍ବତକଙ୍କର ଓ ତାହା ଚନ୍ଦ୍ରଗୁପ୍ତଙ୍କ ନିକଟରେ ଥିଲା । ତାଙ୍କର ମନରେ ସନ୍ଦେହ ଶତଗୁଣିତ ହୋଇଗଲା ।

ମଳୟକେତୁ ପତ୍ରଖଣ୍ଡିକ ଓ ଅଳଙ୍କାରର ଥଳିଟି ଦେଖାଇ ସିଦ୍ଧାର୍ଥକଙ୍କଠାରୁ ଯାହା ଯାହା ଶୁଣିଥିଲେ ସବୁ ବର୍ଣ୍ଣନା କରିଗଲେ ।

ରାକ୍ଷସ ଏସବୁ ଶୁଣି ବିସ୍ମୟରେ ସ୍ତମ୍ଭୀଭୂତ ହୋଇ ରହିଗଲେ । କିଛି ସମୟ ପରେ ସେ କହିଲେ, "କୁମାର, ମୋତେ ବିଶ୍ୱାସ କରନ୍ତୁ । ମୁଁ ଏସବୁ କିଛି ମାତ୍ର ଜାଣେ ନାହିଁ । ଏ ଗୋଟିଏ ଭୀଷଣ ଷଡ଼ଯନ୍ତ୍ର ।"

ମଳୟକେତୁ ସିଦ୍ଧାର୍ଥକଙ୍କୁ ଆଣି ରାକ୍ଷସଙ୍କ ଆଗରେ ଉପସ୍ଥିତ କରାଇବାରୁ ସେ କହିଲେ, "ଅମାତ୍ୟ, ମୋର ଦୋଷ ନାହିଁ । ପ୍ରହାରଭୟରେ ସବୁ କହିପକାଇଛି ।"

ରାକ୍ଷସ ନିଜର ନିର୍ଦ୍ଦୋଷିତା ଯେତେ କହିଲେ ସୁଦ୍ଧା ମଳୟକେତୁ ବିଶ୍ୱାସ କରି ପାରିଲେ ନାହିଁ । ଭାଗୁରାୟଣ ଶକଟଦାସଙ୍କ

Digitized by srujanika@gmail.com

ଲିଖିତ କେତେକ ପତ୍ର ଆଣି ସିଦ୍ଧାର୍ଥକ ନେଇଥିବା ପତ୍ର ସହିତ ମିଳାଇ ଦେଖାଇଦେଲେ ଯେ ଏହା ଶକଟଦାସଙ୍କ ଦ୍ୱାରା ଲିଖିତ । ଅମାତ୍ୟ ରାକ୍ଷସ ତାଙ୍କ ହସ୍ତରେ ସମସ୍ତ ପତ୍ରାଦି ଲେଖାଇଥାନ୍ତି । ତେଣୁ ଏ ପତ୍ର ନିଶ୍ଚୟ ରାକ୍ଷସଙ୍କ ଆଦେଶରେ ଶକଟଦାସ ଲେଖିଛନ୍ତି ଏବଂ ସେଥିରେ ରାକ୍ଷସଙ୍କର ମୁଦ୍ରା ଅଙ୍କିତ ହୋଇଅଛି ।

ଏହିପରି ଅମାତ୍ୟ ରାକ୍ଷସଙ୍କର ବିଶ୍ୱାସଘାତକତା ପ୍ରମାଣିତ ହୋଇଗଲା ।

ମଳୟକେତୁ କ୍ରୁଦ୍ଧ ହୋଇ ଚିତ୍ରବର୍ମା ପ୍ରଭୃତି ପ୍ରକୃତ ବନ୍ଧୁମାନଙ୍କର ପ୍ରାଣଦଣ୍ଡ ଆଦେଶ ଦେଇ ରାକ୍ଷସଙ୍କ ସହିତ ସମ୍ପର୍କ ତୁଟାଇ କହିଲେ, "ଯାଅ, ଚନ୍ଦ୍ରଗୁପ୍ତ ସଙ୍ଗେ ଯୋଗଦିଅ । ମୋର ସେଥିକି ଭୟ ନାହିଁ ।"

ଚାଣକ୍ୟଙ୍କର ଉଦ୍ଦେଶ୍ୟ ସିଦ୍ଧ ହେଲା । ଭାଗୁରାୟଣ ମନେ ମନେ ବଡ଼ ଆନନ୍ଦିତ ହେଲେ; କିନ୍ତୁ ମଳୟକେତୁ ମନେକଲେ ଯେ ଭାଗୁରାୟଣ ତାଙ୍କର ବିଶ୍ୱସ୍ତ ବନ୍ଧୁ ।

ପାଞ୍ଚ

ରାକ୍ଷସ ଏହିପରି ଚାଣକ୍ୟଙ୍କ ବୁଦ୍ଧି-କୌଶଳରେ ନିଜ ବନ୍ଧୁମାନଙ୍କର ଅବିଶ୍ୱାସଭାଜନ ହୋଇ ପଡ଼ିଲେ । ତାଙ୍କୁ କିଛି ବୁଦ୍ଧି ଦେଖାଗଲା ନାହିଁ । ମଳୟକେତୁଙ୍କ ନିକଟରେ ଅପମାନିତ ହୋଇ ସେ ପାଟଳୀପୁତ୍ର ନିକଟବର୍ତ୍ତୀ ଉଦ୍ୟାନର ଗୋଟିଏ ବୃକ୍ଷମୂଳରେ ବସିପଡ଼ିଲେ । ହଠାତ୍ ଦୂରରୁ ଶଙ୍ଖ ପ୍ରଭୃତିର ଧ୍ୱନି ଶୁଣାଗଲା ।

Digitized by srujanika@gmail.com

ରାକ୍ଷସ ବୁଝିପାରିଲେ ଯେ, ମଳୟକେତୁକୁ ବନ୍ଦୀ କରିଥିବା ହେତୁ ଚାଣକ୍ୟ ଆନନ୍ଦ ଉତ୍ସବ କରୁଅଛନ୍ତି । ଏହି ସମୟରେ ଜଣେ ଲୋକ ଉଦ୍ୟାନର ସେହି ଅଂଶକୁ ଆସି ନିଜ ଗଳାରେ ଦଉଡ଼ି ଦେଇ ଆତ୍ମହତ୍ୟା କରିବାର ଚେଷ୍ଟା କଲା । ରାକ୍ଷସ ତାକୁ ସେହି ଚେଷ୍ଟାରୁ ନିବୃତ୍ତ କରି କାରଣ ପଚାରିବାରୁ ସେ କହିଲା, "ମୁଁ ବଡ଼ ହତଭାଗ୍ୟ । ମୋର ଅତି ପ୍ରିୟ ବନ୍ଧୁର ବିନାଶରେ ଏପରି ଆତ୍ମହତ୍ୟା କରି ମୁକ୍ତି ଲଭିବାକୁ ଚେଷ୍ଟା କରୁଛି । ମୁଁ ଆଜ ମୁହୂର୍ତ୍ତେସୁଦ୍ଧା ବଞ୍ଚିରହିବାକୁ ଚାହେଁ ନାହିଁ ।"

ରାକ୍ଷସଙ୍କ ଅନୁରୋଧରେ ସେ ସମସ୍ତ ଘଟନା ବର୍ଣ୍ଣନା କରି କହିଲା, "ଏହି ନଗରରେ ବିଷ୍ଣୁଦାସ ନାମରେ ଜଣେ ସୁବର୍ଣ୍ଣ ବଣିକ ଅଛନ୍ତି । ସେ ମୋର ଅନ୍ତରଙ୍ଗ ବନ୍ଧୁ । ସେ ଏବେ ସମସ୍ତ ଧନରତ୍ନ ଦାନ କରିଦେଇ ଚିତାନଳରେ ପ୍ରାଣ ହରାଇବାକୁ ଚାଲିଗଲେ । ତାଙ୍କ ବିନା ମୋର ଏ ଜୀବନରେ କି ଫଳ । ସେଥିପାଇଁ ପ୍ରାଣ ହରାଇବାକୁ ଏ ନିର୍ଜନ ଉଦ୍ୟାନକୁ ଆସିଛି ।"

ରାକ୍ଷସ ଜାଣିଥିଲେ ଯେ, ବିଷ୍ଣୁଦାସ ତାଙ୍କର ଚିରସୁହୃଦ୍ ଚନ୍ଦନଦାସଙ୍କର ବନ୍ଧୁ । ତେଣୁ ଚନ୍ଦନଦାସଙ୍କର ସୁସମ୍ବାଦ ଜାଣିବା ଅଭିପ୍ରାୟରେ ପଚାରିଲେ, "ବିଷ୍ଣୁଦାସଙ୍କର ଅଗ୍ନିପ୍ରବେଶର କାରଣ କଅଣ ?"

ଲୋକଟି କହିଲା, "ଏହି ନଗରର ଚନ୍ଦନଦାସ ହେଉଛନ୍ତି ବିଷ୍ଣୁଦାସଙ୍କର ଅତି ଆତ୍ମୀୟ । ଚନ୍ଦନଦାସଙ୍କୁ ଚନ୍ଦ୍ରଗୁପ୍ତ ବନ୍ଦୀ କରିଛି । ବିଷ୍ଣୁଦାସ ନିଜର ସମସ୍ତ ଧନରତ୍ନ ବିନିମୟରେ ଚନ୍ଦନଦାସଙ୍କ ମୁକ୍ତି ଭିକ୍ଷା କଲେ । ମାତ୍ର ଚନ୍ଦ୍ରଗୁପ୍ତ କହିଲେ, 'ମୁଁ ଧନଲୋଭରେ ଚନ୍ଦନଦାସକୁ ବନ୍ଦୀ କରି ନ ଥିଲି । ସେ ରାଜଦ୍ରୋହୀ;

Digitized by srujanika@gmail.com

ରାକ୍ଷସର ସ୍ତ୍ରୀପୁତ୍ରଙ୍କୁ ଆଶ୍ରୟ ଦେଇଥିବା ଅପରାଧ ଯୋଗୁ ବନ୍ଦୀ ହୋଇଥିଲା । ସେତେ କହିଲେ ସୁଦ୍ଧା ସେ ଏମାନଙ୍କୁ ପ୍ରତ୍ୟର୍ପଣ କଲା ନାହିଁ । ତେଣୁ ତାର ପ୍ରାଣଦଣ୍ଡ ହେବ ।' ଏ କଥା ଶୁଣି ବନ୍ଧୁହୀନ ଜୀବନ ଅପେକ୍ଷା ମରଣ ଶ୍ରେୟ ମନେ କରି ବିଷ୍ଣୁଦାସ ଅଗ୍ନି ପ୍ରବେଶ କରିବାକୁ ଯାଉଅଛନ୍ତି । ଆଜ ଚନ୍ଦନ-ଦାସଙ୍କୁ ବଧଭୂମିକୁ ନିଆଯିବ । ତେଣୁ ମୁଁ ମଧ ପ୍ରାଣ ହରାଇବାକୁ ବସିଛି ।"

ରାକ୍ଷସଙ୍କ ମନରେ ନାନା ଚିନ୍ତା ଖେଳିଗଲା । ତାଙ୍କର ପତ୍ନୀ-ପୁତ୍ରଙ୍କୁ ଆଶ୍ରୟ ଦେଇଥିବାରୁ ଆଜ ଚନ୍ଦନଦାସ ମୃତ୍ୟୁଦଣ୍ଡ ପାଇବାକୁ ଯାଉଛନ୍ତି, ଏହା ତାଙ୍କ ମନକୁ ବିଚଳିତ କରିପକାଇଲା । ସେ ମୁହୂର୍ତ୍ତକ ମଧ୍ୟରେ ନିଜର କର୍ତ୍ତବ୍ୟ ସ୍ଥିର କରିନେଇ କହିଲେ, "ତୁମେ ଶୀଘ୍ର ଯାଇ ବିଷ୍ଣୁଦାସଙ୍କୁ ଅଗ୍ନିପ୍ରବେଶରୁ ନିବର୍ତ୍ତାଅ । ମୁଁ ଚନ୍ଦନଦାସଙ୍କୁ ମୃତ୍ୟୁମୁଖରୁ ରକ୍ଷା କରିବ ।"

ଲୋକଟି ଏବେ ରାକ୍ଷସଙ୍କୁ ଚିହ୍ନିପାରିଥିବାର ଛଳନା କରି କହିଲା, "ବହୁ ଭାଗ୍ୟରୁ ଆପଣଙ୍କ ପାଦପଦ୍ମ ଦର୍ଶନ ପାଇଲି । ଚନ୍ଦ୍ରଗୁପ୍ତ ଶକଟଦାସଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିଲା; କିନ୍ତୁ କିଏ ଜଣେ ତାଙ୍କୁ ବଧଭୂମିରୁ ଅପହରଣ କରିନେଲା । ରାଜା ସେଇ ଦିନଠାରୁ ଏପରି କ୍ରୁଦ୍ଧ ହୋଇଛି ଯେ, ଯାହାକୁ ସଶସ୍ତ୍ର ଦେଖୁଛି ତାକୁ ଧରାଇ ନେଇ ହତ୍ୟା କରୁଛି । ଆପଣ ଯଦି ଶସ୍ତ୍ର ଧରି ଯାଆନ୍ତି; ତେବେ ଚନ୍ଦନଦାସର ମୃତ୍ୟୁ ଆହୁରି ଶୀଘ୍ର ଘଟିବ ।"

ଲୋକଟି ଚାଲିଯିବା ପରେ ରାକ୍ଷସ ଚିନ୍ତାକଲେ—ବାସ୍ତବରେ ଆଉ ଖଡ୍‌ଗର ଆବଶ୍ୟକତା ନାହିଁ । ତେଣୁ ନିରସ୍ତ୍ର ହୋଇ ଆତ୍ମସମର୍ପଣ ଦ୍ୱାରା ଚନ୍ଦନଦାସଙ୍କର ମୁକ୍ତି ନିମନ୍ତେ ଚେଷ୍ଟା କରିବ ।

Digitized by srujanika@gmail.com

ଛଅ

ଦୁଇଜଣ ଚଣ୍ଡାଳ ଚନ୍ଦନଦାସଙ୍କୁ ବଧଭୂମିକୁ ନେଉଥିଲେ । ପଛରେ ତାଙ୍କ ସ୍ତ୍ରୀ ଓ ପୁତ୍ର ବ୍ୟାକୁଳ କ୍ରନ୍ଦନ କରି ଚାଲିଥିଲେ । ରାକ୍ଷସଙ୍କର ସ୍ତ୍ରୀ-ପୁତ୍ରଙ୍କୁ ପ୍ରତ୍ୟର୍ପଣ କଲେ ମୁକ୍ତି ଦିଆଯିବ ବୋଲି ତାଙ୍କୁ ବାରମ୍ବାର କୁହାଗଲେ ସୁଦ୍ଧା ସେ ସେଥିରେ କର୍ଣ୍ଣପାତ କଲେ ନାହିଁ । ବଧଭୂମିରେ ଉପସ୍ଥିତ ହେବାରୁ ସେ ପୁତ୍ର ଓ ସ୍ତ୍ରୀଙ୍କୁ କହିଲେ, "ଏବେ ତୁମେ ଫେରିଯାଅ । ମୋ ମୃତ୍ୟୁରେ ଦୁଃଖର କାରଣ ନାହିଁ; ବରଂ ମୁଁ ମୃତ୍ୟୁ ବରଣ କରି ଯେ ମୋର ଚରିତ୍ର ରକ୍ଷା କରୁଛି, ସେଥିପାଇଁ ଆନନ୍ଦର କାରଣ ଅଛି ।" ସେ ପୁତ୍ରକୁ ବିଦାୟ ଦେଇ କହିଲେ, "ବତ୍ସ, ଯାଅ, ଯେଉଁ ରାଜ୍ୟରେ ଚାଣକ୍ୟ ନ ଥିବ ସେହି ରାଜ୍ୟରେ ବାସ କରି ରହିବୁ ।"

ଚଣ୍ଡାଳଦ୍ୱୟ ଚନ୍ଦନଦାସଙ୍କୁ ମୃତ୍ୟୁ ନିମନ୍ତେ ପ୍ରସ୍ତୁତ ହେବାକୁ କହିଲେ ।

ଏହି ସମୟରେ ରାକ୍ଷସ ବଧଭୂମିରେ ଉପସ୍ଥିତ ହୋଇ ଚଣ୍ଡାଳଦ୍ୱୟଙ୍କୁ କହିଲେ, "ଚନ୍ଦନଦାସଙ୍କୁ ବଧ କରିବାର ପ୍ରୟୋଜନ ନାହିଁ । ଯେଉଁ ବ୍ୟକ୍ତି ପ୍ରଭୁ ନନ୍ଦମାନଙ୍କର ବିନାଶ କାଳରେ କୌଣସି ପ୍ରତିକାର କରିପାରି ନ ଥିଲା, ନିଜର ବନ୍ଧୁ ଚନ୍ଦନଦାସ ପ୍ରଭୃତିଙ୍କର ବିପଦକାଳରେ ଉଦାସୀନ ହୋଇ ରହିଥିଲା, ସେହି ରାକ୍ଷସ ମୁଁ । ଚନ୍ଦନଦାସଙ୍କୁ ମୁକ୍ତ କରି ମୋତେ ହତ୍ୟା କର ।"

ଚନ୍ଦନଦାସ ଏପରି ଭାବରେ ରାକ୍ଷସଙ୍କୁ ଦେଖି ବିସ୍ମିତ ହୋଇଗଲେ ।

ଇତ୍ୟବସରରେ ଜଣେ ଚଣ୍ଡାଳ ରାକ୍ଷସଙ୍କୁ ଧରି ରହିଲା ଓ ଅନ୍ୟ ଜଣେ ଚାଣକ୍ୟଙ୍କୁ ସମ୍ବାଦ ଦେବାକୁ ଚାଲିଗଲା । ସଙ୍ଗେ ସଙ୍ଗେ

Digitized by srujanika@gmail.com

ଚାଣକ୍ୟ ଉକ୍ତ ଚଣ୍ଡାଳ ସହିତ ବଧଭୂମିରେ ଉପସ୍ଥିତ ହୋଇ କହିଲେ, "ଅମାତ୍ୟ ରାକ୍ଷସ, ଚାଣକ୍ୟର ଅଭିବାଦନ ଗ୍ରହଣ କର ।"

ରାକ୍ଷସ ପ୍ରଥମେ ମନେକଲେ ଯେ ଚାଣକ୍ୟ ତାଙ୍କୁ ଉପହାସ କରି ଏପରି କହୁଅଛନ୍ତି । କିନ୍ତୁ ଯେତେବେଳେ ଚାଣକ୍ୟ ତାଙ୍କୁ ଆଲିଙ୍ଗନ କରିବାକୁ ବାହାରିଲେ, ସେ କହିଲେ, "ମୋତେ ଚଣ୍ଡାଳମାନେ ସ୍ପର୍ଶ କରିଅଛନ୍ତି; ତେଣୁ ମୋତେ ସ୍ପର୍ଶ କରନାହିଁ ।"

ଚାଣକ୍ୟ କହିଲେ, "ଏମାନେ ଚଣ୍ଡାଳ ନୁହନ୍ତି । ଏ ହେଉଛି ସିଦ୍ଧାର୍ଥକ—ଆପଣଙ୍କର ବନ୍ଧୁ; ଅପର ଜଣକ ସମିଦ୍ଧାର୍ଥକ—ଜଣେ ରାଜକର୍ମଚାରୀ । ଶକଟଦାସ ଯେଉଁ ପତ୍ର ଲେଖିଥିଲେ ତାହା ମୁଁ କୌଶଳରେ ଏହି ସିଦ୍ଧାର୍ଥକଙ୍କ ଦ୍ୱାରା ଲେଖାଇ ଆଣିଥିଲି । ତେଣୁ ଶକଟଦାସ ତୁମ୍ଭ ନିକଟରେ କୌଣସି ଅପରାଧ କରି ନାହାନ୍ତି ।"

ଶକଟଦାସଙ୍କ ପ୍ରତି ରାକ୍ଷସଙ୍କର ଯେଉଁ ସନ୍ଦେହ ଉପୁଜିଥିଲା, ତାହା ଦୂର ହୋଇଗଲା ଏବଂ ଚଣ୍ଡାଳଦ୍ୱୟ ଛଦ୍ମବେଶ ତ୍ୟାଗକଲେ ।

ଚାଣକ୍ୟ କିପରି ଚକ୍ରାନ୍ତ କରି ନିଜର ଅନୁଚରମାନଙ୍କୁ ରାକ୍ଷସଙ୍କର ବନ୍ଧୁରୂପେ ପଠାଇଥିଲେ ଓ ନିଜ ଲୋକଙ୍କଦ୍ୱାରା ତାଙ୍କୁ ଅଳଙ୍କାର ବିକ୍ରୟ କରାଇଥିଲେ, ସେ ସବୁ ବର୍ଣ୍ଣନା କରିଗଲେ । ଏପ୍ରକାର ଅନ୍ୟାୟ କରିବାରେ ଚାଣକ୍ୟଙ୍କର ଏକମାତ୍ର ଲକ୍ଷ୍ୟ ଥିଲା—ଚନ୍ଦ୍ରଗୁପ୍ତଙ୍କ ସହିତ ରାକ୍ଷସଙ୍କର ମିଳନ । ଶେଷରେ ଚାଣକ୍ୟ ଅନୁରୋଧ କଲେ, "ଅମାତ୍ୟ ରାକ୍ଷସ, ଚନ୍ଦ୍ରଗୁପ୍ତ ତୁମ୍ଭଙ୍କୁ ଦେଖା କରିବାକୁ ଇଚ୍ଛା କରନ୍ତି ।"

ଏହି ସମୟରେ ଚନ୍ଦ୍ରଗୁପ୍ତ ନିଜେ ଉପସ୍ଥିତ ହୋଇ ଚାଣକ୍ୟ ଓ ରାକ୍ଷସ ଉଭୟଙ୍କୁ ପ୍ରଣାମ କଲେ ।

Digitized by srujanika@gmail.com

ରାକ୍ଷସଙ୍କ ମୁଖରୁ ବାହାରି ପଡ଼ିଲା—"ରାଜନ୍ ! ତୁମ୍ଭର ଜୟ ହେଉ ।"

ଚାଣକ୍ୟ କହିଲେ, "ଚନ୍ଦନଦାସଙ୍କର ଜୀବନରକ୍ଷା କରିବା ତୁମ୍ଭର ଇଚ୍ଛା । ତୁମ୍ଭେ ଶସ୍ତ୍ରତ୍ୟାଗ କରି ନିଜେ ଧରାଦେଇଛ । ଏବେ ମୋର ଏହି ଶସ୍ତ୍ରକୁ ଧାରଣ କରି ମନ୍ତ୍ରୀତ୍ୱ ଗ୍ରହଣ କର । ଚନ୍ଦନଦାସଙ୍କୁ ମୁକ୍ତ ଦିଆଯିବ ।"

ରାକ୍ଷସ—ଯେଉଁ ଶସ୍ତ୍ର ଆପଣ ଧାରଣ କରିଅଛନ୍ତି, ତାକୁ ଧରିବା ପାଇଁ ମୁଁ ଅଯୋଗ୍ୟ ।

ଚାଣକ୍ୟ—କିନ୍ତୁ ତା ନକଲେ ଯେ ଚନ୍ଦନଦାସଙ୍କ ମୁକ୍ତି ଅସମ୍ଭବ । ରାକ୍ଷସ ଅଗତ୍ୟା ଶସ୍ତ୍ର ଗ୍ରହଣ କଲେ । ଚାଣକ୍ୟଙ୍କର ଉଦ୍ଦେଶ୍ୟ ଏତେ ଦିନପରେ ସଫଳ ହେଲା ।

ଏହି ସମୟରେ ରାଜପୁରୁଷମାନେ ଭଦ୍ରଭଟ୍ଟ, ଭାଗୁରାୟଣ ପ୍ରଭୃତିଙ୍କ ସହିତ ମଳୟକେତୁଙ୍କୁ ବନ୍ଦୀ ଭାବରେ ଆଣି ଚାଣକ୍ୟଙ୍କୁ କହିଲେ, "ଏମାନଙ୍କ ପ୍ରତି ଯଥାବିଧି ଆଦେଶ ହେଉ ।"

ଚାଣକ୍ୟ କହିଲେ, "ଏଣିକି ଅମାତ୍ୟ ହେଉଛନ୍ତି ରାକ୍ଷସ । ତାଙ୍କୁ ଜଣାଅ । ମୋତେ ଜଣାଇବା ଆଉ ଆବଶ୍ୟକ ନାହିଁ ।"

ରାକ୍ଷସ ମନେ ମନେ ଭାବୁଥିଲେ—ଚାଣକ୍ୟ ଧନ୍ୟ । ମୋତେ ଦାସତ୍ୱ ବନ୍ଧନରେ ବାନ୍ଧି ପୁଣି ମୋର ପ୍ରଶଂସା କରୁଅଛନ୍ତି ।

ରାକ୍ଷସ ମନ୍ତ୍ରୀତ୍ୱ ଗ୍ରହଣ କରିଥିବାର ଦେଖି ଚନ୍ଦ୍ରଗୁପ୍ତ ଏକାନ୍ତ ପ୍ରୀତ ହେଲେ । ମଳୟକେତୁ ତାଙ୍କର ପିତୃରାଜ୍ୟ ଫେରି ପାଇଲେ ଓ ଭଦ୍ରଭଟ୍ଟ ପ୍ରଭୃତି ତାଙ୍କର ଅନୁସରଣ କଲେ ।

ଶେଷରେ ଜନସାଧାରଣଙ୍କୁ ଚାଣକ୍ୟ ଜଣାଇଦେଲେ ଯେ ରାକ୍ଷସଙ୍କୁ ମନ୍ତ୍ରୀରୂପେ ପାଇ ଚନ୍ଦ୍ରଗୁପ୍ତ ଚନ୍ଦନଦାସଙ୍କୁ ସର୍ବପ୍ରଧାନ

Digitized by srujanika@gmail.com

ଶ୍ରେଷ୍ଠୀ ପଦ ପ୍ରଦାନ କରିଅଛନ୍ତି । ଯେଉଁମାନେ ଚନ୍ଦ୍ରଗୁପ୍ତଙ୍କର ବିରୋଧ କରିଥିଲେ ସେ ସମସ୍ତଙ୍କୁ ମୁକ୍ତ ଦିଆଗଲା ।

ଚାଣକ୍ୟଙ୍କର ସମସ୍ତ ଅଭିଳାଷ ପୂର୍ଣ୍ଣ ହେଲା । ନନ୍ଦବଂଶ ନିର୍ମୂଳ କରିବାକୁ ସେ ଯେଉଁ ପ୍ରତିଜ୍ଞା କରିଥିଲେ, ତାହା ପୂରଣ କରିଥିଲେ । ଚନ୍ଦ୍ରଗୁପ୍ତଙ୍କୁ ସିଂହାସନରେ ବସାଇ ଏବଂ ତାଙ୍କ ମନ୍ତ୍ରୀ-ପଦରେ ବିଶ୍ୱସ୍ତ ଓ ବୁଦ୍ଧିମାନ୍ ରାକ୍ଷସଙ୍କୁ ନିଯୁକ୍ତ କରାଇ ସେ ରାଜପଦକୁ ସୁପ୍ରତିଷ୍ଠିତ କଲେ ।

ଏହାପରେ ଚାଣକ୍ୟଙ୍କ କୂଟନୀତିର ବିଜୟ ହେଲା ।

Digitized by srujanika@gmail.com

ଶିଶୁସାହିତ୍ୟ ଗ୍ରନ୍ଥମାଳା

୧ । ଅଲିଭର ଟ୍ୱିଷ୍ଟ
୨ । ଗଲିଭରର ଭ୍ରମଣ କାହାଣୀ
୩ । ମୃଚ୍ଛକଟିକ ଓ ମୁଦ୍ରାରାକ୍ଷସ
୪ । ସମୁଦ୍ରର ନାବିକ
୫ । ରଜା ସଲୋମନଙ୍କ ସ୍ୱର୍ଣ୍ଣଖଣି
୬ । ବିପ୍ଳବୀ
୭ । ଓଲ୍ଡ ସିପାହି
୮ । ପମ୍ପେଇନଗରର ଶେଷଦିନ
୯ । ରାଜପୁତ୍ର ଓ ଭିକାରି
୧୦ । ଦୁଇଟି ନଗରର କାହାଣୀ
୧୧ । କିଡ୍ନାପ୍ଡ
୧୨ । ସାଇଲସ୍ ମାରନର୍
୧୩ । ଲୌହମୁଖାଧାରୀ ମଣିଷ
୧୪ । ରବିନ୍ସନ୍ କ୍ରୁଶୋ
୧୫ । ଅଶୀ ଦିନରେ ପୃଥିବୀ ପରିକ୍ରମଣ
୧୬ । ଦୁଃଖିନୀ
୧୭ । ବିଚିତ୍ର ଡାକ୍ତର
୧୮ । ଶେକ୍ସପିଅର କାହାଣୀ (୧ମ)
୧୯ । ,, ,, (୨ୟ)
୨୦ । ,, ,, (୩ୟ)
୨୧ । ଗ୍ରୀସଦେଶର ଉପକଥା
୨୨ । ଅନେକ ଆଶା
୨୩ । ସମୁଦ୍ର ଗର୍ଭରେ କୋଡ଼ିଏ ହଜାର ଲିଗ୍ ଭ୍ରମଣ
୨୪ । ଟମ୍ ସୟର୍
୨୫ । ଟଲଷ୍ଟୟ କାହାଣୀ (୧ମ)
୨୬ । ,, ,, (୨ୟ)
୨୭ । ଚେକଭ୍ କାହାଣୀ
୨୮ । ଆଇଭାନ୍ହୋ
୨୯ । ଚନ୍ଦ୍ରକାନ୍ତ ମଣି
୩୦ । ରତ୍ନଦ୍ୱୀପ
୩୧ । ପ୍ରବାଳଦ୍ୱୀପ
୩୨ । ଜଳାଚର
୩୩ । ରବିନ୍ ହୁଡ୍
୩୪ । ଫ୍ରାଙ୍କୋ
୩୫ । ନିକୋଲସ୍ ନିକଲବି
୩୬ । ହେଂଜର ରୁପର୍ଟ
୩୭ । ବଡ଼ଘର
୩୮ । ଡେଭିଡ୍ କପରଫିଲ୍ଡ
୩୯ । ସ୍ୱର୍ଣ୍ଣସ୍ଥଳ
୪୦ । କଳାଫୁଲ
୪୧ । ଟମକକାଙ୍କ କେବିନ
୪୨ । ଲର୍ନାଡୋନ
୪୩ । ହୋମର କାହାଣୀ
୪୪ । ଗର୍କି କାହାଣୀ
୪୫ । ମୋପାସାଁ କାହାଣୀ (୧ମ)
୪୬ । ,, ,, (୨ୟ)
୪୭ । ଜେଣ୍ଡାଦୁର୍ଗର ବନ୍ଦୀ
୪୮ । ଇଶପ୍ କାହାଣୀ
୪୯ । ରାମାୟଣ କାହାଣୀ
୫୦ । ମାଟିନ ଚଟ୍ଲର
୫୧ । ଟାଇମ୍ ମେସିନ
୫୨ । ରାଣୀଙ୍କ ସେବାରେ
୫୩ । ଶ୍ରୀ
୫୪ । ଅନୁମିକା ଓ ଭ୍ରାନ୍ତ

Digitized by srujanika@gmail.com